R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୦୬
ତିଥି : ଷଷ୍ଠୀ
୨୦ ଜାନୁଆରୀ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 106
20 Jan 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଆଜି ଶପଥ ନେବେ ଟ୍ରମ୍ପ

- ନୈଶ ଭୋଜିରେ ଯୋଗଦେଲେ ବହୁ ପ୍ରଭାବଶାଳୀ ବ୍ୟକ୍ତି
- ଭାରତରୁ ପ୍ରତିନିଧିତ୍ୱ କରିବେ ମନ୍ତ୍ରୀ ଏସ୍ ଜୟଶଙ୍କର
- ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ହେବ



ନୂଆଦିଲ୍ଲୀ,୧୯।୧:ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଦେଶର ୪୭ ତମ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି । ସେ ପୂର୍ବରୁ ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିଲେ । ତାଙ୍କର ପୂରା ନିର୍ବାଚନ ପ୍ରଚାରକୁ ନେଇ ବିବାଦ ଘେରି ରହିଥିଲା, ବର୍ତ୍ତମାନ ଶପଥ ଗ୍ରହଣ କରିବା ପୂର୍ବରୁ ମଧ୍ୟ କିଛି ଲୋକ ଆଶଙ୍କା କରୁଛନ୍ତି ଯେ ୱାଶିଂଟନ୍ ଡିସିରେ ଅବସ୍ଥା ଆହୁରି ଖରାପ ହେବ । ଆମେରିକାର ମିଡିଆ ହାଉସ ଦି ଗାର୍ଡିଆନଙ୍କ ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦ରେ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ସମାରୋହ ପୂର୍ବରୁ ୱାଶିଂଟନ୍ ଡିସିର ଅନେକ ବାସିନ୍ଦା ସହର ଛାଡିବାକୁ ଯୋଜନା କରୁଛନ୍ତି । କାରଣ ସେମାନେ ଅଶାନ୍ତି ସୃଷ୍ଟି ହେବାକୁ ନେଇ ଚିନ୍ତିତ ଅଛନ୍ତି । ତେଣୁ ସେମାନେ ଉତ୍ତେଜନାପୂର୍ଣ୍ଣ ପରିବେଶକୁ ଏଡାଇବାକୁ ଚାହାଁନ୍ତି ଛଡିସି ଓକିଲ ଆଲେସାଣ୍ଡ୍ରା ହ୍ୱିଟନି-ସ୍ମିଥ ତାଙ୍କ ସାଙ୍ଗମାନଙ୍କ ସହ ସହରଠାରୁ ଏକ ସପ୍ତାହ ଦୂରରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଯାହା ଦ୍ୱାରା ସେମାନେ କୌଣସି ବିଶୃଙ୍ଖଳାରୁ ଦୂରେଇ ରହିପାରିବେ । ୨୦୨୧ ମସିହାରେ ଜାନୁଆରୀ ୬ରେ କ୍ୟାପିଟାଲ ଉପରେ ହୋଇଥିବା ଆକ୍ରମଣରେ ସେ ଯେତେବେଳେ ଭୟର କଥା କହିଥିଲେ । ଯେତେବେଳେ ତାଙ୍କ ମା ଲାଇବ୍ରେରୀ ଅଫ କଂଗ୍ରେସରେ କାର୍ଯ୍ୟ କରୁଥିଲେ । ସେ କହିଥିଲେ, ମୁଁ ପୁନର୍ବାର ସେହି ପ୍ରକାର ଚାପର ସମ୍ମୁଖୀନ ହେବାକୁ ଚାହେଁ ନାହିଁ । ଅନ୍ୟ ଜଣେ ୱାଶିଂଟନ୍ ବାସିନ୍ଦା ଟିଆ ବଟଲର ମଧ୍ୟ ସହର ଛାଡିଛନ୍ତି । ୱାଶିଂଟନରେ (୯ ପୃଷ୍ଠାରେ)

# ଆଉ ୪ ଦିନ ଜାଡ଼



ଭୁବନେଶ୍ୱର,୧୯।୧ (ସବ୍ୟୁ) : ରାଜ୍ୟରେ ପୁଣି ପ୍ରବଳ ଶୀତ । ପ୍ରବଳ ଜାଡ଼ରେ କଲବଲ ଜି ଉଦୟଗିରି ଅଞ୍ଚଳବାସୀ । ଦିନକୁ ଦିନ ପାରଦ ତଳମୁଁହା ହେବା ସହ ଥଣ୍ଡାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ସବୁଠାରୁ କମ ତାପମାତ୍ରା ଓ ଥଣ୍ଡାର ସହର ଭାବେ ଓଡ଼ିଶାର ଦାର୍ଜିଲିଂ ଜି.ଉଦୟଗିରି ସ୍ଥାନିତ ହୋଇଛି । ଏଠାରେ ସର୍ବନିମ୍ନ ତାପମାତ୍ରା ୪.୮ଡିଗ୍ରୀ ରେକର୍ଡ ହୋଇଛି । ଆଗମୀ ୪ରୁ ୫ଦିନ ଯାଏ ପାଗ ଏଭଳି ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

## ଜି.ଉଦୟଗିରିରେ ୪.୮ ଡିଗ୍ରୀ

## ଆଉ ୪ଦିନ ଏଭଳି ଶୀତ

ପାଣିପାଗ ବିଭାଗର କହିବାନୁସାରେ, ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ଥିବାବେଳେ ଝାରସୁଗୁଡାରେ ୯ଡିଗ୍ରୀ, ଦାରିଙ୍ଗବାଡିରେ ୯ ଡିଗ୍ରୀ, ରାଉରକେଲାରେ ୯.୫ଡିଗ୍ରୀ, ଭଦ୍ରକରେ ୧୦ଡିଗ୍ରୀ, କେନ୍ଦୁଝରରେ ୧୦.୪ ଡିଗ୍ରୀ, କୋରାପୁଟରେ ୧୦.୫ ଡିଗ୍ରୀ, ଭବାନୀପାଟଣାରେ ୧୦.୬ ଡିଗ୍ରୀ, ଅନୁଗୁଳରେ ୧୦.୬ ଡିଗ୍ରୀ, ଭୁବନେଶ୍ୱରରେ ୧୩.୮ ଡିଗ୍ରୀ ଏବଂ କଟକରେ ୧୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ତେବେ ଗତକାଲି ରାତିରେ ପାରଦ (୯ ପୃଷ୍ଠାରେ)

# ମହାକୁମ୍ଭରେ ନିଆଁ, ଜଳିଗଲା ୨୫ ଶିବିର



ପ୍ରୟାଗରାଜ,୧୯।୧: ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳା ଅଞ୍ଚଳରେ ନିଆଁ ଲାଗିଥିବା ଖବର ମିଳିଛି । ଏହି ନିଆଁ ଏତେ ଭୀଷଣ ଥିଲା ଯେ ଦୂରରୁ ନିଆଁ ଦୃଶ୍ୟମାନ ହେଉଥିଲା । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଏହି ଅଗ୍ନିକାଣ୍ଡ ଯୋଗୁଁ କୁମ୍ଭ ଆଖପାଖରେ ଥିବା ତମ୍ବୁ ମଧ୍ୟ କ୍ଷତିଗ୍ରସ୍ତ ହେବା ସହ ଟେଣ୍ଟରେ ରଖାଯାଇଥିବା ସିଲିଣ୍ଡର ଗୁଡ଼ିକ କ୍ରମାଗତ ଭାବେ ବିସ୍ଫୋରଣ ହେଉଛି । ସୂଚନା ଅନୁସାରେ ୨୦ରୁ ୨୫ଟି ତମ୍ବୁ ଜଳିଯାଇଛି । ଆଖଡ଼ାଗୁଡ଼ିକର ନିକଟ ରାସ୍ତାରେ ଥିବା ଲୁହା ପୋଲ ତଳେ ଏହି ଅଗ୍ନିକାଣ୍ଡ ଘଟିଛି । ରିଲିଫ ଉଦ୍ଧାର ପାଇଁ (୯ ପୃଷ୍ଠାରେ)

# ଗାଜାରେ ଲାଗୁ ହେଲା ଯୁଦ୍ଧ ବିରାମ

ଗାଜା,୧୯।୧: ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଯୁଦ୍ଧ ବିରାମ ଲାଗୁ ହୋଇଛି ।ଏହା ଫଳରେ ଗତ ଦେଢ ବର୍ଷ ହେଲା ଏଠାରେ ଚାଲିଥିବା (୯ ପୃଷ୍ଠାରେ)

# ଯୁବତୀ ଚାଲାଣ କରୁଥିଲେ ହଂସିତା-ଅନୀଲ

ଭୁବନେଶ୍ୱର,୧୯।୧ (ସବ୍ୟୁ) : ହଂସିତା-ଅନୀଲ ଠକେଇ ମାମଲାର ନୂଆ ନୂଆ ଫର୍ଦ୍ଦ ଉନ୍ମୋଚିତ ହୋଇଛି । ସ୍ୱତନ୍ତ୍ର କ୍ରାଇମ୍ ୟୁନିଟ୍ ହଂସିତା-ଅନୀଲ ମାମଲାର ତଦନ୍ତ କରୁଥିବା ବେଳେ ଜବତ ଦୁହିଁଙ୍କ ମୋବାଇଲ ପରୀକ୍ଷା ନିରୀକ୍ଷାରୁ ଜଣାପଡିଛି ଯେ, ଦୁହେଁ ଯୁବତୀମାନଙ୍କୁ ଯୌନ ବେଭିଚାରରେ ନିୟୋଜିତ କରାଇ ବିପୁଳ ପରିମାଣର ଅର୍ଥ ଉପାଜନ କରୁଥିଲେ ।

ଇନ୍‌ଫୋସିସି ଥାନାରେ ୨୫/୨୦୨୫ରେ ସେମାନଙ୍କ ବିରୁଦ୍ଧରେ ତୃତୀୟ ମାମଲା ରୁଜୁ କରାଯାଇଛି । ତୃତୀୟ ମାମଲାରେ ଷଡଯନ୍ତ୍ର ଦଫା ୧୨୦ (ଖ), ଇମୋରାଲ ଟ୍ରାଫିକିଂ ଆକ୍ଟ-୫, ଆଇଟି ଆକ୍ଟ ୬୭ରେ ମାମଲା (୯ ପୃଷ୍ଠାରେ)

# ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ: ନୃତ୍ୟ ଗୁରୁ ଗିରଫ

ବାସୁଦେବପୁର,୧୯।୧ (ସବ୍ୟୁ) : ବାସୁଦେବପୁର ପୌରପାଳିକାର ସଙ୍ଗୀତ କଳା ପରିଷଦର ସମ୍ପାଦକଙ୍କ ନାମରେ ଆସିଛି ଦୁଷ୍କର୍ମ ଅଭିଯୋଗ । ବାସୁଦେବପୁର ଥାନାର ଅଭିଯୋଗ କରିଛନ୍ତି ନାବାଳିକା ଛାତ୍ରୀ । ସମ୍ପାଦକ ତଥା ନୃତ୍ୟ ଗୁରୁ ନାବାଳିକା ଛାତ୍ରୀକୁ ଡକାଇ ଓଡଶୀ ନୃତ୍ୟ ଶିକ୍ଷା ଦେବା ଆଳରେ ଦୁଷ୍କର୍ମ ଶିକାର ହେବାକୁ ପଡିଛି ଛାତ୍ରୀଙ୍କୁ । ନୃତ୍ୟ ଗୁରୁଙ୍କ ନାମରେ ଆସିଛି ସଙ୍ଗିନ ଅଭିଯୋଗ । ବାସୁଦେବପୁର ସଙ୍ଗୀତ କଳା ପରିବେଷଣର ସମ୍ପାଦକ ବିଜୟ କୁମାର ରାୟଙ୍କ ନାମରେ ତିନି ଚାରି ଥର ଦୁଷ୍କର୍ମ ଅଭିଯୋଗ ଆସିଛି । ଘର ଆଗରେ ହୋ ହାଲ୍ଲା ହୋଇଛି । ଶେଷରେ ସ୍ଥାନୀୟ ବ୍ୟକ୍ତିଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଛି । ହେଲେ ସବୁ ବେଳେ ସମୟ ସାଥ୍ ଦେଇ ନଥାଏ । ବାସୁଦେବପୁର ସଙ୍ଗୀତ କଳା ପରିଷଦର ସମ୍ପାଦକ ବିଜୟ କୁମାର ରାୟ ନୃତ୍ୟ ଶିଖାଇବା ସମୟରେ ଜଣେ ନାବାଳିକା ଛାତ୍ରୀଙ୍କୁ ଦୁଇ ମାସ ଧରି ଅସଦାଚରଣ କରି ଆସୁଥିଲେ । ଶେଷରେ ନାବାଳିକା ଛାତ୍ରୀ ଜଣକ ନୃତ୍ୟ ଶିଖିବା ବନ୍ଦକରି ଦେଲେ । ନୃତ୍ୟ ଗୁରୁ ବିଜୟ କୁମାର ରାୟ ଫୋନକରି ଶନିବାର ଦିନ ଡାକିଥିଲେ । ନାବାଳିକା ଛାତ୍ରୀ ଏକୁଟିଆ ପାଇ ଦୁଷ୍କର୍ମ କରିବାକୁ ପଛାଇ ନଥିଲେ । ନାବାଳିକା ଛାତ୍ରୀ ଚିତ୍କାର ଶୁଣି ଲୋକ ପହଞ୍ଚି ଯିବାରୁ ଛାତ୍ରୀ ଜଣକ ଖସି ବାହାରକୁ ପଳାଇ ଆସିଥିଲା ବୋଲି ବାସୁଦେବପୁର ଥାନାର ଲିଖିତ ଅଭିଯୋଗ କରିଛି । ନାବାଳିକା ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇବା ପରେ ବାସୁଦେବପୁର ଥାନାରେ ଶନିବାର ବିଳମ୍ବିତ ରାତ୍ରିର ଏତାଲା ଦେଇଥିଲେ । ଅଭିଯୋଗ ପାଇ ପୋଲିସ ସଙ୍ଗୀତ କଳା ପରିଷଦର ସମ୍ପାଦକ ତଥା ନୃତ୍ୟ ଗୁରୁ ବିଜୟ କୁମାର ରାୟଙ୍କୁ ପକ୍ସୋ ଆକ୍ଟରେ ଗିରଫ କରିଛନ୍ତି ବୋଲି ବାସୁଦେବପୁର ଥାନାର ଆଇଆଇସି ଲୋପାମୁଦ୍ରା ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି ।

# ହୀରାକୁଦରେ ବିଦେଶାଗତ ପକ୍ଷୀଙ୍କ ସମାଗମ

## ଜଳଭଣ୍ଡାରରେ ୧୨୨ପ୍ରଜାତିର ୩ ଲକ୍ଷ ୭୭ ହଜାର ପକ୍ଷୀ



ସମ୍ବଲପୁର, ୧୯।୧(ସବ୍ୟୁ): ଏସିଆର ଦୀର୍ଘତମ ନଦୀବନ୍ଧ ହୀରାକୁଦରେ ବିଗତ ବର୍ଷ ଅପେକ୍ଷା ଅଧିକ ସଂଖ୍ୟକ ବିଦେଶୀ ପକ୍ଷୀ ଆସିଛନ୍ତି । ଚଳିତବର୍ଷ ଜଳଭଣ୍ଡାରକୁ ୧୨୨ ପ୍ରଜାତିର ରେକର୍ଡ ସଂଖ୍ୟକ ୩ଲକ୍ଷ୭୭ହଜାର ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି। ଗତବର୍ଷ ୧୧୩ପ୍ରଜାତିର ୩ଲକ୍ଷ୪୨ହଜାର୩୪୫ପକ୍ଷୀ ଆସିଥିଲେ । ପୂର୍ବ ଯୋଜନା ଅନୁଯାୟୀ ଗତ ୧୮ତାରିଖରେ ହୀରାକୁଦ ଜଳଭଣ୍ଡାର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନେଇ ପକ୍ଷୀଗଣନା କରାଯାଇଥିଲା । ସମ୍ବଲପୁର, ବରଗଡ ଓ ଝାରସୁଗୁଡା ଜିଲ୍ଲାର ୭୦ଜଣ ବନ କର୍ମଚାରୀ ଓ ପକ୍ଷୀ ବିଶେଷଜ୍ଞ ଗଣନାରେ ସାମିଲ ହୋଇଥିଲେ । ମୋଟ ୩୨ଟି ଟିମ୍ ଜରିଆରେ ଗଣନା କରାଯାଇଥିଲା । ଚଳିତବର୍ଷ ବିଳମ୍ବରେ ହେଲେ ମଧ୍ୟ ଜଳବାୟୁ ଅନୁକୂଳ ଥିବାରୁ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ।

ହୀରାକୁଦ ଜଳଭଣ୍ଡାର ଓ ପାୱାର କେନାଲ କୂଳରେ ଥିବା ୫୫୦ ବର୍ଗ କିଲୋମିଟର (୯ ପୃଷ୍ଠାରେ)



# ୧୨୪ ବର୍ଷର ଫିଟ୍

ଅନେକ ସମୟରେ ଚୀନର ମହିଳାମାନେ ନିଜର ଫିଟ୍‌ନେସ ନେଇ ଭାଇରାଲ ହୋଇଥାଆନ୍ତି । ସେହିଭଳି ଜଣେ ମହିଳା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛନ୍ତି, ତାଙ୍କ ନାଁ ଚାଇସି । ଯାହାଙ୍କର ବୟସ ହେଲା ୧୨୪ ବର୍ଷ । ଏତେ ବର୍ଷ ହୋଇ ମଧ୍ୟ ସେ ଖୁବ ଫିଟ୍ ଅଛନ୍ତି । ୧୯୦୧ରେ ଜନ୍ମିତ ବୃଦ୍ଧା ନିଜର ଫିଟ୍‌ନେସର ଶ୍ରେୟ ଚୀନରେ ମିଳୁଥିବା ଏକ ପ୍ରକାର ଭାତ, ଲାର୍ଡ ରାଇସ୍‌କୁ ଦେଇଛନ୍ତି । ଏହି ଭାତ ଏବଂ ଖାଇବା ପରେ ଚାଲିବା କାରଣରୁ ସେ ଏତେ ସୁସ୍ଥ ଭାବେ ୧୨୪ ବର୍ଷ ବଞ୍ଚିଛନ୍ତି ବୋଲି ମିତ ଦେଇଛନ୍ତି । ଯାହାପରେ ଲାର୍ଡ ରାଇସ୍‌ର ଚାହିଦା ବଢିଚାଲିଛି । ସୋସିଆଲ ମିଡିଆରେ ସମସ୍ତେ ଏହି ରାଇସ୍ ବିଷୟରେ କଥା ହେବା ଆରମ୍ଭ କରିଛନ୍ତି । ଚୀନ ଲୋକ ଏହାକୁ ଖାଇବାକୁ ଖୁବ ଭଲ ପାଇଥାଆନ୍ତି । ବୃଦ୍ଧା ବର୍ତ୍ତମାନ ନିଜ ପରିବାରର ଷଷ୍ଠ ପିଢି ସହିତ ରହୁଛନ୍ତି । ତାଙ୍କ ନାତୁଣୀଙ୍କ ବୟସ ହେଲୀ ୬୦ ବର୍ଷ । ସେ ନିଜର ରୁଟିନ୍ ବିଷୟରେ ମଧ୍ୟ ଖୋଲାଖୋଲି କଥା ହୋଇଛନ୍ତି । ତାଙ୍କ କଥାରୁ, ଉଇଣ୍ଟର ମେଲନ, ମକା ଓ ଲାର୍ଡ ରାଇସ୍‌ରେ ପ୍ରସ୍ତୁତ ଖାଦ୍ୟ ତାଙ୍କୁ ବେଶ୍ ଭଲ ଲାଗିଥାଏ ଖାଇବାକୁ । ସେହିଭଳି ସେ ଦିନକୁ ତିନିଥର ଖାଉଥିବା ବେଳେ ୮ଟାରୁ ଶୋଇଥାଆନ୍ତି । ଏହାସହ ଖାଇବା ପରେ ଅଳ୍ପ କିଛି ବାଟ ଚାଲିଥାଆନ୍ତି । ସେ ଏତେ ବୟସରେ ବି ନିଜର ଦୈନନ୍ଦିନ କାର୍ଯ୍ୟ ନିଜେ କରିପାରୁଛନ୍ତି ।



# ଶିଶୁଙ୍କ ଯତ୍ନ



ବଦଳିଛି ପାଣିପାଗ,ବଦଳିଛି ଜଳବାୟୁ । ଏବେ ସାରା ରାଜ୍ୟରେ ମୌସୁମୀଜନିତ ବର୍ଷା ଆରମ୍ଭ ହୋଇସାରିଛି । ଅନ୍ୟାନ୍ୟ ଋତୁ ତୁଳନାରେ ବର୍ଷା ଋତୁରେ ସାଧାରଣତଃ ଥଣ୍ଡା, କାଶ, ଜ୍ୱର ଭଳି ରୋଗ ଶୀଘ୍ର ଆକ୍ରାନ୍ତ କରିଥାଏ । ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ବର୍ଷା ଦିନରେ ସେମାନଙ୍କୁ ଅତି ଶୀଘ୍ର ରୋଗ ସଂକ୍ରମଣ ହେବାର ଆଶଙ୍କା ମଧ୍ୟ ଥାଏ । ସେହିଭଳି ବର୍ତ୍ତମାନ ମୌସୁମୀଜନିତ ରୋଗ ସହ କରୋନାର ଭୟ ମଧ ରହିଛି । କୋଭିଡ୍ ତୃତୀୟ ଲହରରେ ଶିଶୁମାନେ ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ରହିଥିବା ଆକଳନ କରାଯାଉଛି । ତେଣୁ ବର୍ତ୍ତମାନ ପିଲାଙ୍କ ଅଧିକ ଯତ୍ନ ନେବାର ଆବଶ୍ୟକତା ରହିଛି । ତେଣୁ ଏହି ସମୟରେ କିଛି କଥାର ଧ୍ୟାନଦେଲେ ଆମେ ଛୋଟ ଶିଶୁଙ୍କର ଯତ୍ନ ନେବାସହ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ବଢାଇପାରିବା ।

୧– ସଠିକ୍ ଖାଦ୍ୟପେୟ –: ଏହି ସମୟରେ ପିଲାଙ୍କୁ ବଜାରରେ ବିକ୍ରି ହେଉଥିବା ପ୍ୟାକେଟ୍ ଫୁଡ୍ ତ୍ୟାଗ କରି ପର୍ଯ୍ୟାପ୍ତ ପରିମାଣର ସବୁଜ ପନିପରିବା, ଫଳ, ପାଣି ଏବଂ ଭିଟାମିନ୍– ସି ଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ ।

୨–ଜୀବନଶୈଳୀ ପରିବର୍ତ୍ତନ –: ନାକ ଓ ମୁହଁରେ ହାତ ନଲଗାଇବା, ନିୟମିତ ବ୍ୟବଧାନରେ ସାବୁନ୍‌ରେ ଭଲ ଭାବରେ ହାତ ଧୋଇବା ଅଭ୍ୟାସ କରାନ୍ତୁ । ଅତି ଆବଶ୍ୟକ ନଥିଲେ ପିଲାଙ୍କୁ ବାହାରକୁ ନିଅନ୍ତୁ ନାହିଁ । ଭିଡ଼ ସ୍ଥାନକୁ ପିଲାଙ୍କୁ ନିଅନ୍ତୁ ନାହିଁ, ବାହାରେ କୌଣସି ଜିନିଷକୁ ପିଲାଙ୍କୁ ଛୁଇଁବାକୁ ଦିଅନ୍ତୁ ନାହିଁ । ଘରେ ଥିବାବେଳେ ପିଲାଙ୍କୁ କିଛି ସମୟ ଖେଳାଖେଳି କରିବା ସହିତ ଯୋଗ ଓ ପ୍ରାଣାୟମ କରିବା ପାଇଁ ପ୍ରୋତ୍ସାହିତ କରନ୍ତୁ ।

୩– ଅସୁସ୍ଥ ବ୍ୟକ୍ତିଙ୍କଠାରୁ ଦୂରେଇ ରଖନ୍ତୁ –: ପିଲାଙ୍କୁ କରୋନା ସଂକ୍ରମିତ ବ୍ୟକ୍ତି ଓ ତାଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କଠାରୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ରଖନ୍ତୁ । ଏହା ସହିତ ଥଣ୍ଡା, କାଶ, ଜ୍ୱର ହେଉଥିବା ବ୍ୟକ୍ତିଙ୍କଠାରୁ ମଧ୍ୟ ଦୂରେଇ ରଖନ୍ତୁ ।

୪– ଚିକିତ୍ସାରେ ଅବହେଳା କରନ୍ତୁ ନାହିଁ –: କରୋନା ଡ଼ରରେ ନବଜାତ ଶିଶୁ ଏବଂ ଛୋଟ ପିଲାଙ୍କ ଚିକିତ୍ସାରେ ଅବହେଳା କରନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶରେ ପିଲାଙ୍କ ସମସ୍ତ ଟିକା ଓ ସ୍ୱାସ୍ଥ୍ୟ ପରୀକ୍ଷା ଠିକ୍ ସମୟରେ କରାଇ ନିଅନ୍ତୁ ।

୫– ସରକାରୀ ନିୟମ ମାନନ୍ତୁ – ନିୟମିତ ହାତ ଧୋଇବା, ମାସ୍କ ପରିଧାନ କରିବା, ସାମାଜିକ ଦୂରତା ସହିତ ପିଲାଙ୍କ ପାଇଁ ସରକାରଙ୍କ ସମସ୍ତ କୋଭିଡ୍ ଗାଇଡ୍ ଲାଇନ୍ ମାନନ୍ତୁ । କରୋନା ବିରୋଧରେ ଲଢିବାକୁ ସେମାନଙ୍କୁ ପ୍ରସ୍ତୁତ କରନ୍ତୁ ।

# ଘରେ ରଖନ୍ତୁ ନାହିଁ

**ସାଧାରଣତଃ ଘରେ ଅନେକ ଜିନିଷ ରଖିବାକୁ ପଡ଼ିଥାଏ । ତେବେ ଘରେ ସମସ୍ତ ଜିନିଷ ରଖିବା ଶୁଭକାରକ କିମ୍ବା ମଙ୍ଗଳକାରକ ହୋଇଥାଏ କି ନାହିଁ ଅନେକ ଦ୍ୱନ୍ଦ୍ୱ ଲାଗିରହିଥାଏ । ତେବେ ଆସନ୍ତୁ ଜାଣିବା ଏଭଳି କିଛି ସାମଗ୍ରୀ ବିଷୟରେ ଯାହାକୁ ଘରେ ରଖିବା ଅଶୁଭ ବୋଲି ବିଶ୍ୱାସ କରାଯାଇଥାଏ ।**



– ଘରେ କେବେ ହେଲେ ଭାଙ୍ଗି ଯାଇଥିବା ସାମଗ୍ରୀ ଯେପରି ବାସନ, ଦର୍ପଣ, ଇଲେକ୍ଟ୍ରୋନିକ ସାମଗ୍ରୀ, ଆସବାବପତ୍ର, ଘଣ୍ଟା, ଦୀପ, ଝାଡୁ, ମଗ, କପ୍ ଆଦି ରଖନ୍ତୁ ନାହିଁ । ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତି ଉତ୍ପନ୍ନ ହେବା ସହ ବାସ୍ତୁ ଦୋଷ ଦେଖିବାକୁ ମିଳିଥାଏ ।

– ମହାଭାରତ ଯୁଦ୍ଧର ଫଟୋ, ନଟରାଜ ମୂର୍ତ୍ତି, ତାଜମହଲ ଚିତ୍ର, ବୁଡ଼ିଯାଉଥିବା ଜାହାଜ, ଜଙ୍ଗଲ ପଶୁ ଓ କଣ୍ଟାଯୁକ୍ତ ବୃକ୍ଷର ଚିତ୍ର ଘରେ ରଖନ୍ତୁ ନାହିଁ । କୁହାଯାଏ ଏହି ସବୁ ଚିତ୍ର ଦେଖିବା ଦ୍ୱାରା ମନଉପରେ ଖରାପ ପ୍ରଭାବ ପଡ଼ିଥାଏ । ପ୍ରତିଦିନ ଏହି ଚିତ୍ରକୁ ଦେଖିଲେ ନକାରାତ୍ମକ ଭାବନା ବିକାଶ ହୋଇଥାଏ ।

– ଛିଣ୍ଡା ଚପଲ ରଖିଲେ ଏହା ଅଶୁଭ ହୋଇଥାଏ ।

– ବାସ୍ତୁ ଅନୁଯାୟୀ ଘର ଛାତରେ ପଡ଼ିଥିବା ଅଳିଆ ଅଶୁଭ । ଏହା ପରିବାର ଉପରେ ଖରାପ ପ୍ରଭାବ ପକାଏ । ଘର ଛାତ ଉପରେ ଅଦରକାରୀ ସାମଗ୍ରୀ ରଖିବା ଦ୍ୱାରା ପିତୃ ଦୋଷ ଉତ୍ପନ୍ନ ହୁଏ ବୋଲି କୁହାଯାଏ ।

– ଫଟା ପର୍ସ ଓ ଭଙ୍ଗା ଟ୍ରେଜେରୀ ରଖନ୍ତୁ ନାହିଁ । ପର୍ସ ଓ ଟ୍ରେଜେରୀରେ ଧାର୍ମିକ ଓ ପବିତ୍ର ବସ୍ତୁ ରଖନ୍ତୁ ଯାହାକୁ ଦେଖି ସକାରାତ୍ମକ ଶକ୍ତି ବୃଦ୍ଧି ହୁଏ, ଯାହା ଦେଖି ମନ ପ୍ରସନ୍ନ ହୋଇଥାଏ ।

– ବହି ଓ ଛୋଟମୋଟ ସାମଗ୍ରୀ ରଖିବା ପାଇଁ ବ୍ୟବହାର କରାଯାଉଥିବା ଆଲମିରାରେ କବାଟ ନଥିଲେ ଅଶୁଭ । ଖୋଲା ଆଲମାରି ଘରେ ରଖିଲେ କାମରେ ବାଧା ସୃଷ୍ଟି ହୁଏ ଓ ଧନ ପାଣି ପ ର ବୋହିଯାଇଥାଏ ।

– ଦେବୀଦେବତାଙ୍କ ଫାଟି ଯାଇଥିବା ଫଟୋ, ଭଙ୍ଗାମୂର୍ତ୍ତି ଓ ଉଇ ଲାଗିଥିବା ଫଟୋ ଘରେ ରଖନ୍ତୁ ନାହିଁ ଏହାକୁ ନଦୀରେ ବିସର୍ଜନ କରିଦିଅନ୍ତୁ ।



## ସୋସିଆଲ କୋଟ୍ସ



ଲୋକମାନେ କୁହନ୍ତି ମୁଁ ମୋ ବାପାଙ୍କ ଭଳି ଦେଖିବାକୁ । ମୋ ଦେହରେ ବାପାଙ୍କ ଝଲକ ସେମାନେ ଦେଖିଥାଆନ୍ତି । ତେବେ ମୁଁ ମୋର ନିଜର ପରିଚୟ ତିଆରି କରିବାକୁ ଚାହୁଁଛି ।

**ରାଜବୀର ଦେଓ୍ୱଲ, ଅଭିନେତା**



ମୋତେ ଟିଭି ଶୋ'ରୁ ଅନେକ ଫେମ୍ ମିଳିଛି । ଟେଲି ଶୋ ବିଗ୍ ବ୍ରଦର ଟେଲି ଶୋରୁ ମୋତେ ଫିଲ୍ମରୁ ବି ଅଧିକ ପପୁଲାରିଟି ମିଳିଥିଲା । ଏହା ମୋ କ୍ୟାରିୟରକୁ ଖୁବ ମାଇଲେଜ ଦେଇଥିଲା ।

**ଶିଳ୍ପା ସେଟ୍ଟି, ଅଭିନେତ୍ରୀ**



ସୀତା ହେବା ମୋ ପାଇଁ ଏତେ ସହଜ ନଥିଲା । ମୋତେ ଏଥିପାଇଁ ଘଣ୍ଟାଘଣ୍ଟା ପରିଶ୍ରମ କରିବାକୁ ପଡୁଥିଲା । ଏଥିପାଇଁ ମୁଁ ଅନେକ ସମୟ ୱାର୍କସପ୍ ଓ ନିର୍ଦ୍ଦେଶକଙ୍କ ସହ ବିତାଉଥିଲି ।

**କ୍ରିତି ସନନ୍, ଅଭିନେତ୍ରୀ**

# ପେଟ୍ କ୍ଲୋନିଂ

ଯେତେବେଳେ ୧୯୯୬ରେ ଡଲି ନାମକ ଏକ ମେଣ୍ଢାର କ୍ଲୋନିଂ କରାଯାଇଥିଲା, ଏହାପରେ ଏହାକୁ ନେଇ ଅନେକ ତର୍କ ବିତର୍କ ଆରମ୍ଭ ହୋଇଥିଲା । ଡଲି ହେଉଛି ପ୍ରଥମ ସ୍ତନ୍ୟପାୟୀ ପ୍ରାଣୀ ଯାହାର କ୍ଲୋନିଂ କରାଯାଇଥିଲା । ଏହାପରେ ଅନେକ ଜୀବଙ୍କର କ୍ଲୋନିଂ କରାଯାଇଥିବା ଶୁଣିବାକୁ ମିଳିଛି । ତେବେ ନିକଟରେ ୟୁରୋପର ଏକ କ୍ଲିନିକ୍ ଭାଇରାଲ ହେବାରେ ଲାଗିଛି । ଏହି କ୍ଲିନିକ୍‌ରେ ଲୋକମାନେ ନିଜର ପ୍ରିୟ ପୋଷା ଜୀବଙ୍କର କ୍ଲୋନିଂ କରିପାରିବେ । ୨୦୧୯ରେ ଖୋଲିଥିବା ଏହି କ୍ଲିନିକ୍ ନିକଟରେ ଏହି ସେବା ଦେବା ଆରମ୍ଭ କରିଛି, ଯେଉଁ ସେବାର ନାଁ ରଖାଯାଇଛି ପେଟ୍ କ୍ଲୋନିଂ । ଏହି କ୍ଲିନିକ୍ ବର୍ତ୍ତମାନ ୟୁରୋପର ପ୍ରଥମ କ୍ଲିନିକ୍ ଭାବେ ଏହି ସେବା ପ୍ରଦାନ କରିବା ଆରମ୍ଭ କରିଛି । ସୋସିଆଲ ମିଡିଆରେ କ୍ଲିନିକ୍‌ଟି ଭାଇରାଲ ହେବାରେ ଲାଗିଛି । ତେବେ ଏହି ପ୍ରକ୍ରିୟା ପାଇଁ ସେମାନେ ପୋଷା ଜୀବର ଡିଏନ୍‌ଏ ଆବଶ୍ୟକ କରିଥାଆନ୍ତି । ଜୀବଟି ମରିବାର ମାତ୍ର ୫ ଦିନ ଭିତରେ ତାକୁ ଏହି କ୍ଲିନିକ୍ ନେବାକୁ ପଡିବ । ଯାହାପରେ ସେମାନେ ନିଜର କ୍ଲୋନିଂ ପ୍ରସ୍ତୁତିର ପ୍ରକ୍ରିୟା ଆରମ୍ଭ କରିବେ ।



# ଇତିହାସ

୧୨୬୫ – ଇଂଲଣ୍ଡରେ ସଂସଦର ପ୍ରଥମ ବୈଠକ ଆୟୋଜିତ ।

୧୫୦୩ – ଆମେରିକୀୟ ବ୍ୟାପାର ସମାଧାନ ପାଇଁ ସ୍ପେନ୍‌ରେ ବୋର୍ଡ ଅଫ୍ ଟ୍ରେଡ ଗଠନ କରାଗଲା ।

୧୮୧୭ – କୋଲକାତାରେ ହିନ୍ଦୁ କଲେଜ ସ୍ଥାପିତ ।

୧୮୪୦ – ଡଚ୍ ରାଜା ୱିଲିୟମ୍ ଦ୍ୱିତୀୟଙ୍କ ରାଜ୍ୟାଭିଷେକ ହେଲା ।

୧୮୮୭ – ନୌସେନା ଭିତ୍ତିଭୂମି ନିର୍ମାଣ ପାଇଁ ପର୍ଲ ହାର୍ବରଙ୍କୁ ଆମେରିକୀୟ ସିନେଟ୍ ଦ୍ୱାରା ଅନୁମତି ଦିଆଗଲା ।

୧୮୯୨ – ବିଶ୍ୱର ସର୍ବପ୍ରଥମ ବାସ୍କେଟ୍ ବଲ୍ ମ୍ୟାଚ୍ ଖେଳାଗଲା ।

୧୯୨୦ – ଆମେରିକାରେ ନାଗରିକ ସ୍ୱତନ୍ତ୍ରତା ସଙ୍ଘର ସ୍ଥାପନା ।

୧୯୭୨ – ମେଘାଳୟ ରାଜ୍ୟର ସ୍ଥାପନା କରାଗଲା ।

୨୦୦୮ – ବଲିଉଡ୍ ଅଭିନେତା ଦେବ ଆନନ୍ଦଙ୍କୁ ଲାଇଫ୍ ଟାଇମ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ ।

# ଜୁକିନି ପକୋଡା



ସାମଗ୍ରୀ– ଗୋଟିଏ ଜୁକିନି, ପିଆଜ ଏକଟା କଟା, ଲଙ୍କା ଗୁଣ୍ଡ, ଚାଟ ମସଲା, ୬ ଚାମଚ ବେସନ ।

ପ୍ରଣାଳୀ– ପ୍ରଥମେ ଜୁକିନିକୁ ଗ୍ରେଟ କରିନିଅନ୍ତୁ । ଏହାପରେ ଏଥରେ ସମସ୍ତଗୁଣ୍ଡ ମସଲା ଓ ବେସନ ପକାଇ ଗୋଳାଇ ନିଅନ୍ତୁ । କିଛି ସମୟ ବାହାରେ ରଖନ୍ତୁ, ଜୁକିନିରୁ ଅଧିକ ପାଣି ବାହାରି ଥାଏ ତେଣୁ ପାଣି ଦେବା ସମୟରେ ଧ୍ୟାନରେ ଦିଅନ୍ତୁ । ଏହାପରେ ପ୍ରସ୍ତୁତ ମିଶ୍ରଣକୁ ନିଜ ଇଚ୍ଛା ଅନୁସାରେ ଆକାର ଦେଇ ତେଲରେ ଛାଣି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଜୁକିନି ପକୋଡା ଏହାକୁ ସସ୍ ଦେଇ ଖାଇପାରିବେ ।

# ସୁଟିଂକୁ ନା

ନିକଟରେ ସୈଫ୍ ଅଲ୍ଲୀ ଖାନ୍‌ଙ୍କୁ ଆକ୍ରମଣ ହୋଇଥିବାର ଘଟଣା ସାମନାକୁ ଆସିଛି । ଏହାପରେ ପୁରିପୁରି ଖାନ୍ ପରିବାର ଗଭୀର ଭାବେ ମର୍ମାହତ ଅଛନ୍ତି । ସେମାନଙ୍କୁ ନେଇ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଖବର ସାମନାକୁ ଆସୁଛି । ସୈଫ୍‌ଙ୍କ ପୁଅ ଇବ୍ରାହିମ୍ ଏହି ଘଟଣାପରେ ନିଜ ସମସ୍ତ ସୁଟିଂକୁ ରୋକି ଦେଇଛନ୍ତି । ସେ ବର୍ତ୍ତମାନ ନିଜର ସମସ୍ତ ସମୟ ସୈଫଙ୍କୁ ଦେବାକୁ ଚାହୁଁଛନ୍ତି । ସେ ବର୍ତ୍ତମାନ ସୈଫ୍‌ଙ୍କ ଭଲହେବାକୁ ସବୁଠାରୁ ଆଗରେ ରଖିଛନ୍ତି । ଇବ୍ରାହିମ୍‌ଙ୍କ ଏଭଳି ପଦକ୍ଷେପ ଫ୍ୟାନ୍‌ଙ୍କୁ ବେଶ୍ ଭଲ ଲାଗିଛି । ପୁଅ ହିସାବରେ ବାପାଙ୍କ ପାଇଁ ଥିବା କର୍ତ୍ତବ୍ୟକୁ ଇବ୍ରାହିମ୍ ଖୁବ ଭଲରେ ପ୍ରତିପାଦିତ କରୁଛନ୍ତି ବୋଲି ସେମାନେ ମତ ଦେଇଛନ୍ତି । ସୂଚନା ଅନୁସାରେ ସୈଫ୍‌ଙ୍କୁ ତାଙ୍କ ଘରେ ହିଁ ଜଣେ ଦୁର୍ବୃତ୍ତ ଛୁରା ମାଡ କରିଛି, ଯାହାଫଳରେ ଆହତ ହୋଇ ଚିକିତ୍ସା ହେଉଛନ୍ତି ।

# ମୟୂରାସନ

ଏହି ପୋଜ୍ କରିବାପାଇଁ ପ୍ରଥମେ ଯୋଗ ମ୍ୟାଟ ଉପରେ ଆଣ୍ଠୁ ମାଡି ବସିପଡନ୍ତୁ । ତେବେ ଆଣ୍ଠୁ ମଧ୍ୟରେ କିଛି ଗ୍ୟାପ୍ ରଖନ୍ତୁ । ଏହାପରେ ହାତକୁ ସାମ୍ନା ପଟେ ଭୂମି ଉପରେ ରଖନ୍ତୁ । ଏହାପରେ କହୁଣୀକୁ ମୟୂର ପଞ୍ଝାଭଳି ରଖି ଏହା ଉପରେ ସମସ୍ତ ଶରୀରର ଭାର ରଖନ୍ତୁ । ଏହାପରେ ଧୀରେଧୀରେ ଗୋଡକୁ ଅଳ୍ପ ଉପରକୁ ଉଠାନ୍ତୁ । ତେବେ ଏହି ଆସନ କରିବା ସମୟରେ ଏକ୍ସପର୍ଟଙ୍କ ସାହାଯ୍ୟ ନିଅନ୍ତୁ । ଯେତିକି ସମୟ ପାରୁଛନ୍ତି ଏହି ପୋଜ୍‌ରେ ରୁହନ୍ତୁ । ଏହା ଏକ ଷ୍ଟ୍ରେଚିଂ ଏକ୍ସରସାଇଜ୍ ହୋଇଥିବାରୁ ପୂରା ବଡିର ଷ୍ଟ୍ରେଚ୍ ହୋଇଥାଏ । ଏହା ପାଚନତନ୍ତ୍ର ପାଇଁ ବେଶ ଉପକାରୀ ହୋଇଥାଏ । ତେବେ ଏହାକୁ ପ୍ରଥମରୁ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।





ରାଜ୍ୟ ଅତିଥି ଭବନରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ଜି କିଶନ ରେଡ୍ଡୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସାକ୍ଷାତ ଆଲୋଚନା

# ଜେନାପୁର ଠାରେ ନୂତନ ବ୍ଲକ୍ ପ୍ରତିଷ୍ଠା ପାଇଁ ଦାବି

ଚଣ୍ଡିଖୋଲ,(ସବ୍ୟୁ)ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜେନାପୁର ଠାରେ ଏକ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ହୋଇଛି । ଏଥିନେଇ ଜେନାପୁର ଡାକବଙ୍ଗଳା ପରିସରରେ ୧୧ ଓ ୧୨ ନମ୍ବର ଜିଲ୍ଲା ପରିଷଦ ଯୋନର ୧୯ଟି ପଞ୍ଚାୟତରୁ ବହୁ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ରବିବାର ଦିନ ଏକ ବୈଠକ ବସିଥିଲା । ଦୀର୍ଘଦିନ ଧରି ଦାବୀ ହୋଇଆସୁଥିବା ବ୍ଲକ୍ ପୁନର୍ଗଠନ ପ୍ରକିୟାକୁ ସକ୍ରିୟ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ ହେବା ସହିତ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଜୈନାପୁର ଉପଯୁକ୍ତ ସ୍ଥାନ ବୋଲି ଦାବି କରାଯାଇଥିଲା । ପୂର୍ବତନ ସରପଞ୍ଚ୍ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାରମ୍ଭରେ ଜେନାପୁର ଅଞ୍ଚଳର ବିଶିଷ୍ଟ ବୁଦ୍ଧିଜୀବୀ ସ୍ୱର୍ଗତଃ ମୂରଲୀଧର ପାତ୍ରଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା! ଧର୍ମଶାଳା ବ୍ଲକ୍ ଅଧିନସ୍ଥ ଜେନାପୁର ଅଞ୍ଚଳରେ ଏକ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ୨୦୧୨ ମସିହାରେ ଓଡିଶା ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାର ନିର୍ଦ୍ଦେଶନାମା ଅନୁଯାଇ ଏଠାରେ ନୂତନ ବ୍ଲକ ପ୍ରତିଷ୍ଠା କରାଯାଉ ବୋଲି ଦାବି ହୋଇଥିଲା । ରାଜ୍ୟରେ ଏବେ ବ୍ଲକ ଓ ତହସିଲ ପୁନର୍ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଭୌଗଳିକ ଦୃଷ୍ଟି କୋଣ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ନାମା ଆଧାରରେ ଜେନାପୁକୁ ବ୍ଲକ ପୁନର୍ଗଠନରେ ସ୍ଥାନଛଦିଆଯିବା ବାଞ୍ଛନୀୟ ବୋଲି ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ ଦାବି କରିଥିଲେ। ଅନ୍ୟପକ୍ଷରେ ଭିତ୍ତିଭୂମି, ଐତିହାସିକ, ସାମାଜିକ, ସାଂସ୍କୃତିକ ଦୃଷ୍ଟିରୁ ଜେନାପୁର ମଧ ଅନୁକୂଳ ସ୍ଥାନ ବୋଲି ଦର୍ଶାଯାଇଥିଲା ଆଗାମୀ ଦିନରେ ଏହି ଯଥାର୍ଥ ଦାବୀ ବିଷୟରେ ପ୍ରଯୁଜ୍ୟ ଅଧିକାରୀ ଓ ସରକାରଙ୍କୁ ଅବଗତ କରିବା ପାଇଁ ନିଷ୍ପତି ହୋଇଥିଲା ।

## କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀଙ୍କ ପ୍ରଥମ ଓଡ଼ିଶା ଗସ୍ତ

# ଖଣି ଏବଂ କୋଇଲା ଶିଳ୍ପ ସହିତ ଜଡ଼ିତ ଅଂଶୀଦାରମାନଙ୍କ ସହ ଆଲୋଚନା



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ତାଙ୍କର ପ୍ରଥମ ଓଡ଼ିଶା ଗସ୍ତରେ ଆସି ରବିବାର ଖଣି ଏବଂ କୋଇଲା ଶିଳ୍ପ ସହିତ ଜଡିତ ବିଭିନ୍ନ ସରକାରୀ କ୍ଷେତ୍ର, ଘରୋଇ କ୍ଷେତ୍ର ଏବଂ ଶିଳ୍ପ ସଂଘର ଅଂଶୀଦାରମାନଙ୍କ ସହିତ ଏକ ପାରସ୍ପରିକ ଆଲୋଚନା କରିଥିଲେ । ଭୁବନେଶ୍ୱରସ୍ଥିତ ନାଲକୋ ଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀଙ୍କ ସହିତ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ ଭି.ଏଲ. କାନ୍ଥା ରାଓ, ଆଇଏଏସ୍ ଏବଂ କୋଇଲା ଏବଂ ଖଣି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ ।

## ଧାନ ବିକ୍ରିରେ ହେଉଛି ସମସ୍ୟା

# ଟୋକନ୍ ପାଇନାହାନ୍ତି ୨୪ ଜିଲ୍ଲାର ଚାଷୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଅଫିସରଙ୍କ ବେପରୁଆ ମନୋଭାବ ଓ ଅବହେଳା ଯୋଗୁ ଧାନ ବିକ୍ରି ପାଇଁ ଅପେକ୍ଷାରତ ଚାଷୀଙ୍କୁ ଏପର୍ଯ୍ୟନ୍ତ ମିଳିପାରିନି ଟୋକନ୍ । ୧୭୧୩୬ଟି ଜମିର ସାଟେଲାଇଟ୍ ଫଟୋଚିତ୍ର ସର୍ଭେ କାର୍ଯ୍ୟ ସରିନଥିବାରୁ ୨୪ଟି ଜିଲ୍ଲାର ସମ୍ପୃକ୍ତ ଚାଷୀଙ୍କୁ ଟୋକନ୍ ମିଳିପାରିନ ଥିବା ଜଣାପଡ଼ିଛି । ତେବେ ଏତେ ପରିମାଣର ଜମିର ସାଟେଲାଇଟ୍ ଫଟୋଚିତ୍ର ସର୍ଭେ କାର୍ଯ୍ୟ କାହିଁକି ଏପର୍ଯ୍ୟନ୍ତ ଶେଷ ହୋଇନି ସେନେଇ କିଛି ନିର୍ଦ୍ଦିଷ୍ଟ ତଥ୍ୟ ମିଳିପାରିନାହିଁ । ଧାନ ଅମଳ କରି ରଖିଥିବା ଚାଷୀ ଏପର୍ଯ୍ୟନ୍ତ ଟୋକନ୍ ପାଇନଥିବାରୁ କିଭଳି ନିଜ ଧାନ ବିକ୍ରି କରିବେ ତାକୁ ନେଇ ମଧ ଚିନ୍ତାରେ ପଡ଼ିଛନ୍ତି ।

ରାଜ୍ୟ ସମବାୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜାନୁଆରୀ ୧୬ତାରିଖ ସୁଦ୍ଧା ୧୭୧୩୬ଟି ଜମିର ସାଟେଲାଇଟ୍ ଫଟୋଚିତ୍ରର ଫିଲ୍ଡ ସର୍ଭେ ବାକି ରହିଛି । ଏହି ସବୁ ଜମି ୨୪ଟି ଜିଲ୍ଲାରେ ରହିଛି ।

### ଅଟକିଛି ୧୭୧୩୬ ଜମିର ଫିଲ୍ଡ ସର୍ଭେ

ମୋଟ ୧୮୨୩୯ଟି ଜମିର ସାଟେଲାଇଟ୍ ଫଟୋଚିତ୍ର ଯାଞ୍ଚ ଓ ଫିଲ୍ଡ ସର୍ଭେକୁ ଅନୁମୋଦନ ମିଳିନଥିବାରୁ ସମ୍ପୃକ୍ତ ଜମିର ମାଲିକ ଅବା ଚାଷୀମାନେ ନିଜର ଧାନ ବିକ୍ରି ପାଇଁ ଏପର୍ଯ୍ୟନ୍ତ ଟୋକନ୍ ପାଇନଥିବା ଜଣାପଡ଼ିଛି । କେବଳ ବରଗଡ଼, କନ୍ଧମାଳ, କେନ୍ଦ୍ରାପଡ଼ା, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାରେ ଏସବୁ ଜମି ରହିଥିବା ସୂଚନା ମିଳିଛି ।

ବିଭାଗର ତଥ୍ୟ ଅନୁସାରେ ମୋଟ ୧୯,୦୫,୪୯୦ଟି ଜମିର ସାଟେଲାଇଟ୍ ଫଟୋଚିତ୍ର ମଧ୍ୟରୁ ୧୮,୮୮,୩୫୪ଟି ଜମିର ଫଲ୍ଡ ସର୍ଭେ ଶେଷ ହୋଇସାରିଛି । ବାକି ୧୭୧୩୬ଟି ଜମିର ସାଟେଲାଇଟ୍ ଫଟୋଚିତ୍ରର ଫିଲ୍ଡ ସର୍ଭେ ଏବେ ବି ଶେଷ ହୋଇପାରିନି । ଏଥିରେ ସର୍ବାଧିକ ଯାଜପୁର ଜିଲ୍ଲାର ୫୦୫୦ଟି ପ୍ଲଟ୍, ଭଦ୍ରକ ଜିଲ୍ଲାର ୨୭୪୩ଟି ଜମି, ପୁରୀ ଜିଲ୍ଲାର ୧୯୫୫ଟି ଜମି ଓ ବାଲେଶ୍ୱରର ୧୭୧୮ଟି ଜମି ରହିଛ । ଏହି ଜମିର ଚାଷୀମାନେ ନିଜର ଅମଳ ଧାନକୁ ବିକ୍ରି କରିବା ନିମନ୍ତେ ପ୍ୟାକ୍ସରେ ପଞ୍ଜିକରଣ କରିଛନ୍ତି ।

ଯେଉଁ ୧୮ଲକ୍ଷ ୮୮ହଜାର ୩୫୪ଟି ଜମିର ଫିଲଡ୍ ସର୍ଭେ ହୋଇଛି ସେଥିରୁ ମାତ୍ର ୨ଲକ୍ଷ ୨୩ହଜାର ୧୮୧ଟି ଜମି ହେଉଛି ଧାନ ଚାଷ ହେଉଥିବା ଜମି । ବାକି ୧୬ଲକ୍ଷ ୬୫ହଜାର ୧୭୩ଟି ଜମି ହେଉଛି ଅଣଧାନ ଚାଷ ଜମି । ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଏସବୁ ଜମିର ତଥ୍ୟ ଦେଇଥିବା ବିଭାଗର ତଥ୍ୟରୁ ଜଣାପଡ଼ିଛି ।

ଅନ୍ୟପକ୍ଷରେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଗତକାଲି ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟ ସରକାର ପ୍ରାୟ ୩୦ହଜାର ଟନ୍ ଧାନ କିଣି ସାରିଛନ୍ତି । ଏବାବଦରେ ୮ହଜାର କୋଟି ଟଙ୍କା ଧାନ ମୂଲ୍ୟ ଚାଷୀଙ୍କୁ ଦିଆଯାଇସାରିଛି । ଅଦିନିଆ ବର୍ଷା ପାଇଁ ଧାନର ମାନ ହ୍ରାସ ହୋଇଥିବାରୁ କିଛି ଜାଗାରେ କଟନୀ ଛଟନୀ ହେଉଛି । ଚାଷୀ ମଧ ଅଳ୍ପ କାଟିଲେ ବି ୩୧୦୦ଟଙ୍କା ପାଇବେ ବୋଲି ଦେଖି ଧାନ ବିକ୍ରି କରୁଛନ୍ତି ।

# ଭିତରକନିକାରେ ବିଦେଶାଗତ ପକ୍ଷୀଙ୍କ ଗଣନା:ଚଳିତବର୍ଷ ଅଧିକ ୧୯୩ ବିଦେଶୀପକ୍ଷୀ

ରାଜନଗର,(ସବ୍ୟୁ) : ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ଗଣନା ଶେଷ ହୋଇଛି । ଚଳିତବର୍ଷ ଗତବର୍ଷ ଠାରୁ ୧୯୩ଟି ଅଧିକ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି । ଗତବର୍ଷ ରାଜନଗର ବନଖଣ୍ଡ ରେ ୧୨୧ ପ୍ରଜାତିର ୧ ଲକ୍ଷ ୫୧ ହଜାର ୪୨୧ଟି ପକ୍ଷୀ ଭିଡ ଜମାଇଥିବା ବେଳେ ଚଳିତବର୍ଷ ରାଜନଗର ବନଖଣ୍ଡ ରେ ୧୧୮ ପ୍ରଜାତିର ୧ ଲକ୍ଷ ୫୧ ହଜାର ୬୧୪ ଟି ପକ୍ଷୀ ଭିଡ ଜମାଇଥିଲେ । ଚଳିତବର୍ଷ ଭିତରକନିକାରେ ନୂଆ ଅତିଥି ପକ୍ଷୀ ଭାବେ ଗ୍ରେଟ ବିଟର୍ଣ୍ଣ ଜାତୀୟ ପକ୍ଷୀଙ୍କୁ ପ୍ରଥମଥର ପାଇଁ ଦେଖିବାକୁ ମିଳିଛି । ଗହୀରମଥା ଅଚଂଳରେ ଏହି ପକ୍ଷୀଙ୍କୁ ଦେଖିବାକୁ ମିଳିଛି । ଚଳିତବର୍ଷ ଭିତରକନିକାରେ ବିରଳ କମନସେଲ ଡକ, କମନ ଟିଲ, ଆବୋସେଟ ଓ ଗଡୱିକ ପକ୍ଷୀଙ୍କୁ ଦେଖିବାକୁ ମିଳିଛି । ଗଡୱିକ ଜାତୀୟ ପକ୍ଷୀ ଅନ୍ୟ ସ୍ଥାନରେ କମ୍ ଦେଖାଯାଉଥିବା ବେଳେ ଭିତରକନିକାରେ ଏମାନଙ୍କ ସଂଖ୍ୟା ଅଧିକ ରହିଛି । ଭିତରକନିକାରେ କମନ ସୋଲଭର ଜାତୀୟ ପକ୍ଷୀଙ୍କୁ ମଧ ଦେଖିବାକୁ ମିଳିଛି ଛ ଚଳିତ ବର୍ଷ ଗ୍ରେବସ ଗୋଟିଏ ପ୍ରଜାତିର ୨୩୮ଟି, କରମୋରାନ୍ଟସ ଆଣ୍ଡ ଡାର୍ଟର ଜାତୀୟ ୪ ପ୍ରଜାତିର ୫୫୬୫ଟି, ହେରନଓ ଓ ଇଗ୍ରେଟ୍ସ ଜାତୀୟ ୧୦ ପ୍ରଜାତିର ୧୧୪୦୧ଟି, ଷ୍ଟୋର୍କସ ଜାତୀୟ ୩ ପ୍ରଜାତିର ୨୭୮୧ଟି, ଇବିସେସ ଏବଂ ସ୍ପୁନବିଲ ଜାତୀୟ ୨ ପ୍ରଜାତିର ୧୯୭୨ଟି , ଗିଜ ଏବଂ ଡକସ ଜାତୀୟ ୧୫ ପ୍ରଜାତିର ୮୯୬୧୪ଟି , ରେଲସ , ଗାଲିନଲସ ଏବଂ କୁଟ ଜାତୀୟ ୪ ପ୍ରଜାତିର ୫୭୬୨ଟି ଫିନଫୁଟ ଏବଂ ଜାକାନାସ ୨ ପ୍ରଜାତିର ୭୬୬ଟି, ସୋରବାର୍ଡ ୱାଡର୍ସ ଜାତୀୟ ୩୦ ପ୍ରଜାତିର ୧୫,୦୩୫ଟି, ଗଲ୍ସ, ଟରନ୍ସ ଏବଂ ସ୍କିମରସ ଜାତୀୟ ୧୦ ପ୍ରଜାତିର ୧୬୨୨୪ଟି ଏବଂ ଅନ୍ୟାନ୍ୟ ୩୫ ପ୍ରଜାତିର ବିଦେଶୀ ପକ୍ଷୀ ୨୨୫୬ଟି ଗଣନା ବେଳେ ଚିହ୍ନଟ କରାଯାଇଛି । ପାରାଦ୍ୱୀପର ଜିପସମ ପଣ୍ଡ ଏରିୟାରେ ଅଧିକ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଛି । ୧୮ଟି ଟିମ ଭିତରକନିକା ଅଭୟାରଣ୍ୟର ପକ୍ଷୀ ଗହଣାରେ ନିୟୋଜିତ ଥିଲେ ।

# ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ବିଏମ୍‌ସିର ତୃତୀୟ ପଥ ଉତ୍ସବ ଶେଷ

ଭୁବନେଶ୍ୱର (ସବ୍ୟୁ): ରବିବାର ଥିଲା ବି ଏମ୍ ସିର ତୃତୀୟ ପଥ ଉତ୍ସବ । ଏଥିପାଇଁ ସକାଳ ୬ଟାରୁ ଲୋକରଣ୍ୟ ହୋଇପଡିଥିଲା ଉତ୍ତର ଜୋନର ଇଙ୍ଫୋସିଟି ଛକଠାରୁ ସିଲିକନ କଲେଜ ଛକ ପର୍ଯ୍ୟନ୍ତ । ଚଳିତ ବର୍ଷରତୃତୀୟ ପଥ ଉତ୍ସବକୁ ପୁରା ରଙ୍ଗୀନ କରିବା ପାଇଁ ବିଏମ୍ ସି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଏଥିରେ ପ୍ରାୟ ୨୦ ହଜାର ଲୋକଙ୍କର ସମାଗମ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ଉଦଘାଟିନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନନୀୟା ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ଏକାମ୍ର ବିଧାୟକ ବାବୁ ସିଂ, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ଏସ୍‌ବିଆଇର ଚିଫ୍ ଜେନେରାଲ ମ୍ୟାନେଜର ଦୀନେଶ ପୃଥୀ, ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଓ ଅଧକ୍ଷା ଏବଂ ଉତ୍ତର ଜୋନର ସମସ୍ତ କର୍ପୋରେଟର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଓ ରତ୍ନାକର ସାହୁପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ତଥା ୧ ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତ । ଉଦଘାଟିନୀ ଅଭିଭାଷଣ ଦେଇ ମାନନୀୟା ମେୟର କହିଥିଲେ ଯେ, କେବଳ କର୍ପୋରେଟର, ବିଏମ୍ ସି ଅଧିକାରୀଙ୍କଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ନୁହଁନ୍ତି, ଭୁବନେଶ୍ୱରବାସୀଙ୍କ ସହଯୋଗ ଓ ସହଭାଗିତାରେ ଆମ ସହର ଆଜି ସ୍ୱଚ୍ଛ, ସବୁଜ ଓ ସୁନ୍ଦର ହୋଇପାରିଛି । ଏହା କେବଳ ଆମ ଦେଶରେ ନୁହେଁ, ବିଭିନ୍ନ ଦେଶରୁ ଆସିଥିବା ପ୍ରବାସୀ ଭାରତୀମାନେ ସ୍ୱୀକାର କରିଛନ୍ତି । ଏ ସମସ୍ତ ଶ୍ରେୟ ଭୁବନେଶ୍ୱର ବାସୀଙ୍କର । ତେଣୁ ଭୁବନେଶ୍ୱରବାସୀ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରବାସୀଙ୍କର । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଭୁବନେଶ୍ୱର ସାଂସଦ କହିଥିଲେ ଯେ ଭୁବନେଶ୍ୱରର ବିକାଶ କେବଳ ସହଭାଗିତା ମାଧ୍ୟମରେ ହୋଇପାରିବ । ଜନସାଧାରଣଙ୍କ ସହଭାଗିତା ମାଧ୍ୟମରେ ଭୁବନେଶ୍ୱରର ପ୍ରଗତି ହେଉଛି ଆଉ ଆଗାମୀ ଦିନରେ ଏହି ଧାରା ବଜାୟ ରହିବ । ଶେଷରେ ଗୀତ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ ୬ ନମ୍ବର ୱାର୍ଡର କର୍ପୋରେଟର ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ।

## ଭୁବନେଶ୍ୱରରେ ଅନୁଷ୍ଠିତ ୬୪ତମ ସିଜିପିବି ବୈଠକରେ

# ଭାରତର ଖଣିଜ ଓ ଖଣି କ୍ଷେତ୍ରରେ ଉଦ୍ଭାବନ, ଅଭିବୃଦ୍ଧି ପାଇଁ ସାମୂହିକ ପ୍ରୟାସ ଉପରେ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ) : କେନ୍ଦ୍ରୀୟ ଭୂତତ୍ତ୍ୱ ପ୍ରୋଗ୍ରାମିଂବୋର୍ଡ (ସିଜିପିବି)ର ୬୪ତମ ବୈଠକ ଲୋକସେବାଭବନ ସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଣିମନ୍ତ୍ରଣାଳୟ ସଚିବ ତଥା ସିଜିପିବିର ଅଧ୍ୟକ୍ଷ ଭିଏଲକାନ୍ତ ରାଓ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଜିଏସ୍‌ଆଇର ମହାନିର୍ଦ୍ଦେଶକ ଅସିତ ସାହା ଓ ଖଣିମନ୍ତ୍ରଣାଳୟର ଅତିରିକ୍ତ ସଚିବ ସଞ୍ଜୟ ଲୋହିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଅନୁସନ୍ଧାନ, ଗବେଷଣା ଏବଂ ଖଣିକ୍ଷେତ୍ରର ପ୍ରମୁଖ ଅଂଶୀଦାରମାନଙ୍କୁ ଏକାଠି କରି ଭୂବିଜ୍ଞାନର ଅଗ୍ରଗତି, ଖଣିଜ ଅନୁସନ୍ଧାନ ରଣନୀତି ଏବଂ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଉପରେ ଆଲୋଚନା କରିଥିଲା । ଖଣିଜ ସମ୍ପଦ ବୃଦ୍ଧି, ସ୍ୱଚ୍ଛଶକ୍ତି ପଦକ୍ଷେପ, ଭୂ-ବିପର୍ଯ୍ୟୟ ପରିଚାଳନା ଏବଂ ନିରନ୍ତର ବିକାଶ ଉପରେ ଗୁରୁତ୍ୱ ଦେଇ ଉଦୀୟମାନ ପ୍ରାଥମିକତା ପ୍ରତିସହଯୋଗୀ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



ଆଗାମୀ କ୍ଷେତ୍ରଋତୁବର୍ଷ ୨୦୨୫-୨୬ ପାଇଁ ଜିଏସଆଇର ପ୍ରସ୍ତାବିତ ବାର୍ଷିକ କାର୍ଯ୍ୟକ୍ରମ ଆଲୋଚନା ପାଇଁ ବୋର୍ଡ ନିକଟରେ ଉପସ୍ଥାପନ କରାଯାଇଥିଲା । ଆଗାମୀ ୨୦୨୫-୨୬ ବର୍ଷ ପାଇଁ ଜିଏସଆଇ ପ୍ରାୟ ୧୦୬୫ଟି ବୈଜ୍ଞାନିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି, ଯେଉଁଥିରେ ୪୦୨ ଟି ଖଣିଜ ବିକାଶ ପ୍ରକଳ୍ପ (ଜି୨ ଜି୨ ଏ୩ ଏ୪ ଏବଂ ଅଫସୋର ଅନୁସନ୍ଧାନ) ଅନ୍ତର୍ଭୁକ୍ତ ଯାହା ନିକଟ ଭବିଷ୍ୟତରେ ନିଲାମ ଯୋଗ୍ୟ ଖଣିଜ ବ୍ଲକ ସୃଷ୍ଟିକରିବାର କ୍ଷମତା ରଖିଛି । ୧୬୭ ଖଣିଜ ଆବିଷ୍କାର ପ୍ରକଳ୍ପ (ଆରଏମଟି ଗବେଷଣା ପ୍ରକଳ୍ପସି-ଏମଏପି ଜିଟି ଏମପିଏ ମଲ୍ଟିସ୍ପେକ୍ଟରାଲ/ ହାଇପରସେକ୍ଟରାଲ୍ ପ୍ରକଳ୍ପ) ଜି-୪ ପର୍ଯ୍ୟାୟରେ ଭବିଷ୍ୟତ ଅନୁସନ୍ଧାନ ପାଇଁ ଆଶାଜନକ କ୍ଷେତ୍ର ସୃଷ୍ଟି କରିବାର ସମ୍ଭାବନା ରହିଛି । ଅନୁସନ୍ଧାନ କାର୍ଯ୍ୟକଳାପ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନ ଉପରେଗୁରୁତ୍ୱଦିଆଯାଇଛି । ଜିଏସଆଇ ଅତ୍ୟାଧୁନିକ ଏଆଇ/ ଏମଏଲ ମଡେଲିଂ, ଲିଗେସିଡାଟାଇଂଟିଗ୍ରେସନ ଏବଂ ଅନୁସନ୍ଧାନ ଦକ୍ଷତାବୃଦ୍ଧି ପାଇଁ ମ୍ୟାଗ୍ନେଟୋଟେଲୁରିକ୍ ଏବଂ ହେଲିବର୍ଣ୍ଣସର୍ଭେଭଳି ଉଦୀୟମାନ ଜ୍ଞାନକୌଶଳର ଉପଯୋଗ କରି ୬୫ଟି ଜିଓଇନଫର୍ମେଟିକ୍ ପ୍ରକଳ୍ପ ଆରମ୍ଭ କରିଛି। ୬୪ତମ ସିଜିପିବି ବୈଠକରେ ନିଜ ଅଭିଭାଷଣରେ ଖଣିମନ୍ତ୍ରଣାଳୟର ସଚିବ ତଥା ସିଜିପିବିର ଅଧ୍ୟକ୍ଷ ଶ୍ରୀ ଭିଏଲ୍‌କା' ରାଓ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଭୂବିଜ୍ଞାନକୁ ଆଗେଇ ନେବାରେ ପ୍ଲାଟଫର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଖଣିମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ । ଶ୍ରୀରାଓ ୨୦୨୪-୨୫ ବର୍ଷରେ ଏପର୍ଯ୍ୟନ୍ତ ୨୪ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ସଫଳ ନିଲାମ ଏବଂ ୧୩ଟି ବିଦେଶୀ ଖଣିଜବ୍ଲକରଭାରତର ପ୍ରଥମ ନିଲାମରଶୁଭାରମ୍ଭ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଭି.ଏଲ୍.କାନ୍ତ ରାଓ ଭୂବିଜ୍ଞାନର ବିଭିନ୍ନ ବିଷୟ ବସ୍ତୁ ଉପରେ ବିଭିନ୍ନ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ ।

## ଆଇସିଏଆର ଇଆର୍‌ଆଇସି ଭୁବନେଶ୍ୱରର

# ପ୍ରଥମ ମହିଳା ଅଧ୍ୟକ୍ଷ ଭାବେ ସସ୍ମିତା ପଣ୍ଡା ନିର୍ବାଚିତ



ଭୁବନେଶ୍ୱର, (ସବ୍ୟୁ) : ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ)ର ଇଷ୍ଟର୍ଣ୍ଣ ଇଣ୍ଡିଆ ରିଜିଓନାଲ କାଉନସିଲ (ଇଆରଆଇସି)ର ଭୁବନେଶ୍ୱର ଚାପ୍ଟର ୨୦୨୫ ବର୍ଷ ପାଇଁ ସିଏସ୍ ସସ୍ମିତା ପଣ୍ଡାଙ୍କୁ ଏହାର ପ୍ରଥମ ମହିଳା ଅଧ୍ୟକ୍ଷ ଭାବେ ନିର୍ବାଚିତ କରି ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ତାଙ୍କର ଅଧ୍ୟକ୍ଷତା ପ୍ରଗତିର ପ୍ରତୀକ ଏବଂ ଓଡ଼ିଶାରେ କମ୍ପାନୀ ସେକ୍ରେଟାରୀ ବୃତିରେ ମହିଳାମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛି। ନୂତନ ପରିଷଦରେ ସିଏସ୍ ଶ୍ରୀମନ୍ତ ବାବୁ ଉପାଧ୍ୟକ୍ଷ, ସିଏସ୍ ନୀଳକଣ୍ଠ ସାମଲ ସମ୍ପାଦକ, ସିଏସ୍ ଜ୍ୟୋତିର୍ମୟ ପାଣିଗ୍ରାହୀ କୋଷାଧ୍ୟକ୍ଷ, ସିଏସ୍ ସୌମ୍ୟ ସୁଜିତ ମିଶ୍ର (ଇଆଇଆରସି ଓ ଭୁବନେଶ୍ୱର ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ) ଏବଂ ସିଏସ୍ ରୁଦ୍ର ମାଧବ ସାହୁ, ସିଏସ୍ ବିମଳ ପ୍ରସାଦ ପଟ୍ଟନାୟକ ଓ ସିଏସ୍ ଜିତେନ୍ଦ୍ର ମହାନ୍ତି ପରିଚାଳନା କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସେମାନେ ମିଳିତ ଭାବରେ ଏହି ଅଧ୍ୟାୟର ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବା ସହିତ ସେମାନଙ୍କ ପୂର୍ବବର୍ତ୍ତୀମାନଙ୍କର ଐତିହ୍ୟକୁ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

### ସମିତିସଭ୍ୟ ସଭ୍ୟାଙ୍କୁ ଅଣଦେଖା

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧିନସ୍ଥ ସମିତିସଭ୍ୟ ସଭ୍ୟାଙ୍କ ପାଣ୍ଠି ଖର୍ଚ୍ଚରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପ ଚୟନ କରାଯାଉଥିବା ବେଳେ ସମିତିସଭ୍ୟସଭ୍ୟାମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଆଲୋଚନା ହେଉଛି । ପ୍ରତ୍ୟେକ ବର୍ଷ ସମିତି ସଭ୍ୟସଭ୍ୟାମାନଙ୍କୁ ନିଜ ପଂଚାୟତର ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ୪ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମିଳିଥାଏ । ପଂଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀମାନେ ଏବେ ନିର୍ବାଚିତ ପଂଚାୟତ ସ୍ତରୀୟ ଲୋକ ପ୍ରତିନିଧି ସମିତି ସଭ୍ୟ ସଭ୍ୟାମାନଙ୍କୁ ପ୍ରକଳ୍ପ ବାବଦରେ ଅବଗତ ନକରାଇ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କୁ ନେଇ ପ୍ରକଳ୍ପ କରିବାର ଯୋଜନା କରୁଥିବା ଶୁଣିବାକୁ ମିଳୁଛି । ଯାହାକୁ ନେଇ ସମିତିସଭ୍ୟ ସଭ୍ୟାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଦୟାକୂଳ ଗାଁ, ଜଳସ୍ତର ପ୍ରଦୂଷିତ

ଭୁବନେଶ୍ୱର, (ତଥ୍ୟ): କେବଳ କଣାସ ଅଞ୍ଚଳ ନୁହେଁ, ଦୟାନଦୀ ପ୍ରବାହିତ ହୋଇଥିବା ବାଟରେ ଯେତେସବୁ ଗାଁ ରହିଛି ସେସବୁରେ ଭୂତଳ ଜଳସ୍ତର ଅତି ମାତ୍ରାରେ ଖରାପ ସ୍ଥିତିକୁ ଆସିଲାଣି । ପରିବେଶ ବିଶେଷଜ୍ଞମାନେ କହୁଛନ୍ତି ଯେ ରାଜଧାନୀ ଭୁବନେଶ୍ୱରରୁ ନିର୍ଗତ ହେଉଥିବା ନାଳ ନର୍ଦ୍ଦମା ପାଣି ସମେତ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଯୋଗୁଁ ଗଙ୍ଗୁଆ ଓ ଦୟାର ଜଳ ଅତି ମାତ୍ରାରେ ବିଷାକ୍ତ ହୋଇଛି । ପ୍ରାୟ ୩୦ବର୍ଷ ଧରି ଦୟା ଓ ଗଙ୍ଗୁଆକୁ ପ୍ରଦୂଷମୁକ୍ତ କରିବାପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବାରମ୍ବାର କୁହାଯାଉଛି । ଏମିତିକି ୧୦ବର୍ଷ ତଳୁ ବିଭାଗୀୟ ମନ୍ତ୍ରୀମାନେ ବିଧାନସଭା ଭିତରେ ଓ ବାହାରେ ଦୟାନଦୀର ଜଳ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଗବେଷଣାଲବ୍ଧ ତଥ୍ୟ ଆଧାରରେ ଘୋଷଣା କରିଛନ୍ତି । ଏହା ସତ୍ତ୍ୱେ ବି ଲୋକେ ଏହି ନଦୀଜଳ ବ୍ୟବହାର କରିବାକୁ ବାଧ । ଭୁବନେଶ୍ୱର ଉପକଣ୍ଠ ସାମନ୍ତରାପୁର ଠାରୁ ଦାଣ୍ଡିପାଞ୍ଚ ଗାଁ ଦେଇ ଜଟଣୀ ପିପିଲି ରାସ୍ତାରେ ଥିବା କି, କାଜ ପର୍ଯ୍ୟନ୍ତ ଗଙ୍ଗୁଆ ନଦୀର ଜଳ ବିଷାକ୍ତ ହୋଇସାରିଛି । ଗୋଟିଏ ସମୟରେ ଗଙ୍ଗୁଆର ସ୍ୱଚ୍ଛ ପାଣିକୁ ଲୋକେ ପାନୀୟଜଳ ଭାବେ ବ୍ୟବହାର କରୁଥିଲେ ଏବଂ ଏହି ନଦୀରେ ଭଲ ମାଛ ବି ମିଳୁଥିଲେ । ଏହାର ଜଳକୁ ବ୍ୟବହାର କରି ଚାଷୀମାନେ ବି ଭଲ ଫସଲ ଉତ୍ପାଦନ କରୁଥିଲେ । କିନ୍ତୁ ଏବେ ଗଙ୍ଗୁଆର ପାଣି ବିଷାକ୍ତ ହୋଇଯାଇଥିବାରୁ ଏଥିରେ ମାଛ ବଞ୍ଚୁନାହାନ୍ତି । ସିଧାସଳଖ ଭାବେ ରାଜଧାନୀର ପାଇଖାନା ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଗଙ୍ଗୁଆରେ ମିଶୁଛି ।

ଗଙ୍ଗୁଆ ନଦୀ ପାରହୋଇ ଯେଉଁମାନେ ବିଲକାମ କରିବାକୁ ଯାଉଛନ୍ତି ସେମାନଙ୍କର ଚର୍ମରୋଗ ହେବା ଏକ ସାଧାରଣ କଥାରେ ପଡିଗଲାଣି । ଗଙ୍ଗୁଆରେ ଆଉ ଏବେ କେହି ଲୋକେ ଗାଧଉ ନାହାନ୍ତି । ଗଙ୍ଗୁଆର ପାଣି କି, କାଜ ନିକଟରେ ଦୟାରେ ମିଶୁଛି । ଦୟା ଓ ତାହାର ଶାଖାନଦୀଗୁଡିକ ଚିଲିକା ହ୍ରଦରେ ପଡିଛନ୍ତି । ଦୟାର ପାଣି ଅତି ମାତ୍ରାରେ ପ୍ରଦୂଷିତ ହୋଇଯାଇଥିବାରୁ ଚିଲିକାର ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି । ଏବେ ସରକାରଙ୍କ ପକ୍ଷରୁ କଣାସ ଅଞ୍ଚଳରେ ଗାଁ ଗାଁ ବୁଲି ଟ୍ୟାଙ୍କର ଯୋଗେ ପାଣି ଯୋଗାଯାଉଛି ଏବଂ ଏହି ପାଣିରେ ହାଲୋଜେନ ବଟିକା ମିଶାଇ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି । ଇତି ମଧ୍ୟରେ ବିଷାକ୍ତ ପାନୀୟଜଳ ଯୋଗୁଁ କଣାସ ଅଞ୍ଚଳରେ ଝାଡାବାନ୍ତି ବଢ଼ାପିବା ସହିତ ଅନ୍ୟୁନ୍ୟ ୨ଜଣଙ୍କ ମୃତ୍ୟୁ ଘଟିଲାଣି ଏବଂ ଆହୁରି ଅନେକ ଲୋକ ଘରେ ଓ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସେ ଅଞ୍ଚଳର ଲୋକେ ଅଭିଯୋଗ କରୁଛନ୍ତି ଯେ ଅଧିକାଂଶ ସ୍ଥାନରେ କୂଅ ଓ ନଳକୂପ ଗୁଡିକର ପାଣି ମଧ ପ୍ରଦୂଷଣମୁକ୍ତ ନୁହେଁ । ବିଶେଷକରି ନଦୀରେ ପ୍ରବାହିତ ପ୍ରଦୂଷିତ ଜଳ ଯୋଗୁଁ ଭୂତଳ ଜଳସମ୍ପଦ ମଧ ପ୍ରଦୂଷିତ ହେବାରେ ଲାଗିଛି । ଏ ପରିପ୍ରେକ୍ଷୀରେ ତଳ ଅଞ୍ଚଳର ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱାର୍ଥରକ୍ଷା ପାଇଁ ତୁରନ୍ତ ଉପର ମୁଣ୍ଡରୁ ଗଙ୍ଗୁଆ ଓ ଦୟା ନଦୀକୁ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ କରିବାପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ରମ ହାତକୁ ନେବାକୁ ପରିବେଶ ବିଶେଷଜ୍ଞମାନେ ମତ ଦେଉଛନ୍ତି । ଏହା କରାନଗଲେ କିଛି ବର୍ଷ ମଧ୍ୟରେ ଚିଲିକାର ମାଛ, ଚିଙ୍ଗୁଡି, କଙ୍କଡା ସମେତ ଏଠାକୁ ଆସୁଥିବା ଦେଶ ବିଦେଶର ପକ୍ଷୀମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡିବା ସଂଗେ ସଂଗେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଓ ଜୀବିକା ମଧ ବିପର୍ଯ୍ୟସ୍ତ ହୋଇପଡିବ । ଏଠାରେ ଉଲ୍ଲେଖନୀୟ ଯେ ସରକାରୀ ତଥ୍ୟ ମୁତାବକ ଓଡିଶାରେ ପ୍ରବାହିତ କୌଣସି ଗୋଟିଏ ହେଲେ ନଦୀର ଜଳ ପାନୀୟ ଉପଯୋଗୀ ତ ଦୂରରକଥା ପ୍ରଦୂଷଣମୁକ୍ତ ନୁହେଁ ।









ରାଜଧାନୀ ଭୁବନେଶ୍ୱର ପଥୋତ୍ସବରେ ଆକର୍ଷଣୀୟ କାର୍ଯ୍ୟକ୍ରମ

### 'ସମ୍ବଲପୁର ପୁସ୍ତକ ମେଳା – ୨୦୨୫'ର ଶୁଭାରମ୍ଭ

## ସମ୍ବଲପୁରକୁ ସାରସ୍ୱତ ନଗରୀରେ ପରିଚିତ କରାଇବ 'ସମ୍ବଲପୁର ପୁସ୍ତକ ମେଳା' : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): 'ସମ୍ବଲପୁର ପୁସ୍ତକ ମେଳା' ସମ୍ବଲପୁରକୁ ସାରସ୍ୱତ ନଗରୀରେ ପରିଚିତ କରାଇବାରେ ଏକ ପ୍ରମୁଖ ମାଧ୍ୟମ ହେବ ବୋଲି ଶନିବାର ସାରସ୍ୱତ ମାଟି ସମ୍ବଲପୁର ଠାରେ ସମ୍ବଲପୁର ପୁସ୍ତକ ମେଳା – ୨୦୨୫କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନ୍ୟାସନାଲ ବୁକ ଟ୍ରଷ୍ଟ, ସେତୁ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ପୁସ୍ତକ ମେଳାରେ ଶ୍ରୀ ପ୍ରଧାନ ନିଜର ଗୁରୁ ତଥା ପ୍ରଫେସର ସ୍ୱର୍ଗତ ସୁଦର୍ଶନ ପୂଜାରୀଙ୍କ ଲିଖିତ 'ଆମ ସଂସ୍କୃତି ଭବ ବିଭବ' ପୁସ୍ତକ ଉନ୍ମୋଚନ କରିଥିଲେ । ସେହିପରି ଦୀପକ କୁମାର ପଣ୍ଡାଙ୍କ ଲିଖିତ 'ସମ୍ବଲପୁର ଇତିହାସ' ଓ ଡଃ



ଦ୍ୱାରିକା ନାଥ ନାଏକ 'ଲୋକ ସଂସ୍କୃତିର ଉତ୍ସ ଓ ପ୍ରକାଶ' ପୁସ୍ତକ ଲୋକାର୍ପିତ କରି ଖୁସି ବ୍ୟକ୍ତ କରିଥିଲେ । ଏହାବ୍ୟତୀତ ସମ୍ବଲପୁର ଜିଲ୍ଲାର ସବୁ ସ୍କୁଲରୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ୧୮ ରୁ ୨୬ ଜାନୁଆରୀ ପର୍ଯ୍ୟନ୍ତ ନଅ ଦିନ ବ୍ୟାପୀ ହେବାକୁ ଥିବା ଏହି ପୁସ୍ତକମେଳା ବୁଲିବା ସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ।

ଆଗାମୀ ଦିନରେ ଏହି ପୁସ୍ତକ ମେଳା ସମ୍ବଲପୁରକୁ ବୈଶ୍ୱିକ ସ୍ତରରେ ନୂଆ ପରିଚୟ ଦେବ । ରାଜ୍ୟର ବୌଦ୍ଧିକ ପ୍ରବାହର ମାନ ପର୍ଯ୍ୟାଦା ବଢାଇବ । ନିକଟରେ ସମ୍ବଲପୁରରେ ୧୮୫୭ ମସିହା ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟିରେ ଶହୀଦ ହୋଇଥିବା ବୀର ଛବିଳ ସାଏ ତଥା ୫୭ ଜଣ ଶହୀଦଙ୍କ ଇତିହାସକୁ ନେଇ ଲିଖିତ 'ଦି ସାଗା ଅଫ୍ କୁଦୋପାଲି : ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭ ଇଂରାଜୀ ପୁସ୍ତକ ସମ୍ବଲପୁରର ବୀରତ୍ୱ ଓ ସଂଘର୍ଷ କଥାକୁ ବିଶ୍ୱବିଦିତ କରାଇବାରେ ସହାୟକ ହେବ । ଆଗାମୀ ଦିନରେ ସମ୍ବଲପୁର ଇତିହାସର ଗୌରବମୟ ଗାଥାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ମଧ୍ୟ ଏନବିଟି ପକ୍ଷରୁ ଯୋଜନା କରାଯିବ । ଏକବିଂଶ ଶତାବ୍ଦୀରେ ସମସ୍ୟାର ସମାଧାନର ଏନ୍ତୁଡ଼ିଶାଳ ସମ୍ବଲପୁର ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

### ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ

## ଷ୍ଟେଟ୍ ଅଫ୍ ଦି ଆର୍ଟ ଅଟୋମୋଟିଭ୍ ଇସ୍ପାତ ୟୁନିଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲର ମିତଲ ନିପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଚଳିତବର୍ଷ ଉତ୍ସର୍ଗୀକୃତ ଷ୍ଟେଟ୍ ଅଫ୍ ଦି ଆର୍ଟ ଅଟୋମୋଟିଭ୍ ଇସ୍ପାତ ୟୁନିଟ୍ ବ୍ୟବସ୍ଥାର ଶୁଭାରମ୍ଭ ହେବ । ଆଧୁନିକ ଅଟୋମୋଟିଭ୍ ଇସ୍ପାତ ସାମଗ୍ରୀ ଉତ୍ପାଦନ ପାଇଁ ଦୁଇଟି ଷ୍ଟେଟ୍ ଅଫ୍ ଦି ଆର୍ଟ ଉତ୍ପାଦନ ଲାଇନ୍ କାର୍ଯ୍ୟକ୍ଷମ କରାଯିବ । ଏହି ୟୁନିଟ୍‌ରେ ପ୍ରଥମ ଥର ପାଇଁ ସ୍ୱଦେଶୀ କାରିଗରି ଜ୍ଞାନକୌଶଳରେ ବିଭିନ୍ନ ସାମଗ୍ରୀ ଉତ୍ପାଦିତ ହେବ । ଆତ୍ମନିର୍ଭରତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଅଟୋମୋଟିଭ୍ ଉଦ୍ୟୋଗ ଆବଶ୍ୟକ କରୁଥିବା ଉଚ୍ଚମାନର ଇସ୍ପାତ ଆମଦାନିର ବିକଳ୍ପ ସ୍ୱରୂପ ଏହି ୟୁନିଟ୍‌ରେ ଆଧୁନିକ ଇସ୍ପାତ ସାମଗ୍ରୀ ଉତ୍ପାଦିତ ହେବ । ଏଏମ୍/ଏନ୍‌ଏସ୍ ଇଣ୍ଡିଆ ବିଶ୍ୱର ଅନ୍ୟତମ ଅଗ୍ରଣୀ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ଅଟେ । ଏହା କାର୍ଯ୍ୟକ୍ଷମ ହେଲେ ଦୁଇଟି ୟୁନିଟ୍‌ରୁ ଉତ୍ପାଦନ ହେବା ସହ ଆମଦାନୀ ଉପରୁ ଆତ୍ମନିର୍ଭରତା ଯଥେଷ୍ଟ ହ୍ରାସ ପାଇବ । ଏହି ଦୁଇଟି ନୂତନ ଲାଇନ୍ ହେଉଛି କଣ୍ଟିନ୍ୟୁୟସ୍ ଗାଲ୍ଭାନାଇଜିଂ ଲାଇନ୍ (ସିଜିଏଲ୍) ଓ କଣ୍ଟିନ୍ୟୁୟସ ଗାଲ୍ଭାନାଇଜିଂ ଏବଂ ଆନେଲିଙ୍ଗ୍ ଲାଇନ୍ (ସିଜିଏଲ୍) । ୨୦୨୫ ମଧ୍ୟରେ ଏହି ଦୁଇଟି ଲାଇନ୍ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ । ଗୁଜୁରାଟର ହାଜିରା ଠାରେ ଫ୍ଲାଗସିପ୍ କାରଖାନା ଠାରେ ପ୍ରତିଷ୍ଠା ହେବାକୁ ଥିବା କୋଲ୍ଡ ରୋଲିଂ ମିଲ୍–୨ର ଏହା ଅଂଶବିଶେଷ ହେବ । ଏହି ଦୁଇଟି ୟୁନିଟ୍‌ରୁ ଆର୍ସେଲର ମିତଲ ତଥା ନିପନ ଷ୍ଟିଲ୍‌ର ଲାଇସେନ୍ସପ୍ରାପ୍ତ ସାମଗ୍ରୀ ଉତ୍ପାଦନ ହୋଇପାରିବ । ଭାରତରେ ଉଚ୍ଚମାନର ଓ ମୂଲ୍ୟ ସଂଯୁକ୍ତ ଅଟୋମୋଟିଭ୍ ଷ୍ଟିଲ୍‌ର ଚାହିଦା କ୍ରମଶଃ ବୃଦ୍ଧି ପାଉଥିବାରୁ ଏହାକୁ ଭରଣ କରିବା ପାଇଁ କମ୍ପାନୀ ପକ୍ଷରୁ ସଂପ୍ରସାରଣ କରାଯାଉଛି । ବର୍ତ୍ତମାନ ବାର୍ଷିକ ୭.୮ ମିଲିୟନ ଟନ୍ ଇସ୍ପାତ ଉତ୍ପାଦିତ ହେଉଛି । ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ଦିଲ୍ଲୀପ ଓମେନ୍ କହିଛନ୍ତି ଯେ, ଉଚ୍ଚମାନର ପ୍ରିମିୟମ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ପୂରଣ ଦିଗରେ ଏହି ଦୁଇଟି ୟୁନିଟ୍ ପ୍ରମୁଖ ପଦକ୍ଷେପ । ଅଟୋମୋଟିଭ୍ ଉତ୍ପାଦନକାରୀଙ୍କ ମଧ୍ୟରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆକୁ ଅଧିକ ପସନ୍ଦ କରାଯାଉଛି । ଏହି ଦୁଇଟି ୟୁନିଟ୍ କାର୍ଯ୍ୟକ୍ଷମ ହେଲେ ସ୍ୱଦେଶୀ ସାମଗ୍ରୀ ଉତ୍ପାଦନ ସହ ମାର୍କେଟ ସେୟାରରେ ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ କମ୍ପାନୀ ଅଧିକ ଅଭିବୃଦ୍ଧି ହାସଲ କରିବ ବୋଲି ଶ୍ରୀ ଓମେନ୍ କହିଛନ୍ତି ।

## ଓଡ଼ିଶାର କୋଣାର୍କଠାରେ ତୃତୀୟ ଜାତୀୟ ଖଣି ମନ୍ତ୍ରୀମାନଙ୍କ ସମ୍ମିଳନୀ ଆୟୋଜନ କରିବ ଖଣି ମନ୍ତ୍ରଣାଳୟ

ଭୁବନେଶ୍ୱର (ସବ୍ୟୁ): ଖଣି ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ସହଯୋଗରେ ଜାନୁଆରୀ ୨୦ରୁ ୨୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର କୋଣାର୍କଠାରେ ତୃତୀୟ ଜାତୀୟ ଖଣି ମନ୍ତ୍ରୀମାନଙ୍କ ସମ୍ମିଳନୀ ଆୟୋଜନ କରାଯାଉଛି । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ 'ବିକଶିତ ଭାରତ ୨୦୪୭'ର ପରିକଳ୍ପନା ଅନୁଯାୟୀ ଆୟୋଜନ କରାଯାଉଛି । ଏଥିରେ ୧୬ରୁ ଅଧିକ ରାଜ୍ୟର ଖଣି ମନ୍ତ୍ରୀଙ୍କ ସମେତ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀରର ଉପମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେବେ । କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ।

## ଗ୍ରିଡକୋ ବାକିଆ, ବିତରଣ କମ୍ପାନୀ ଦେଉନାହାନ୍ତି

ଭୁବନେଶ୍ୱର, (ତଥ୍ୟ): ସାମାନ୍ୟ ବିଜୁଳି ବିଲ ବାକି ରହିଲେ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପାଇଁ ଦଳ ବଳ ଧରି ପହଞ୍ଚିଯାଉଥିବା ବିତରଣ କମ୍ପାନୀଗୁଡିକ ଉପରେ ଗ୍ରିଡକୋର କୋଟି କୋଟି ଟଙ୍କା ବାକିଆ ଗଡୁଛି । ଏହି ପରିମାଣ ସାଢେ ୬ହଜାର କୋଟି ଟଙ୍କାରୁ ଅଧିକ ହୋଇଥିବାବେଳେ ବିତରଣକମ୍ପାନୀମାନେ ଏହାକୁ ଧିରେସୁସ୍ଥେ ପଇଠ କରୁଛନ୍ତି । ରାଜ୍ୟରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ଗ୍ରିଡକୋ ଠାରୁ ବିଜୁଳି ଖରିଦ କରି ତାହାକୁ ଗ୍ରାହକମାନଙ୍କ ଘରେ ପହଞ୍ଚାଇଥାନ୍ତି । ଏହି ଗ୍ରାହକଙ୍କ ମଧ୍ୟରେ ଘରୋଇ ଉପଭୋକ୍ତାଙ୍କ ଠାରୁ ଆରମ୍ଭ କରି ଶିଳ୍ପସଂସ୍ଥା, କୃଷିଶିଳ୍ପ ଆଦି ରହିଛନ୍ତି । ତେବେ ଗ୍ରାହକମାନଙ୍କ ଠାରୁ ନାଲି ଆଖି ଦେଖାଇବା ସହିତ ବିଭିନ୍ନ ମିଟର ଲଗାଇ ଠିକଣା ସମୟରେ ଅର୍ଥ ଆଦାୟ କରୁଥିବା ବିତରଣ କମ୍ପାନୀଗୁଡିକ ଗ୍ରିଡକୋର ଅର୍ଥ ପଇଠ କରୁନାହାନ୍ତି ।

ବର୍ନମାନ ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଟାଟା ପାୱାରର ୪ଟି ସଂସ୍ଥା ଥିବାବେଳେ ପୂର୍ବରୁ ଏହି ଦାୟିତ୍ୱ ସେସୁ, ନେସ୍କୋ, ୱେସ୍କୋ ଓ ସାଉଥକୋ ହାତରେ ଥିଲା । ତେବେ ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ ଶେଷ ସୁଦ୍ଧା ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ଉପରେ ଗ୍ରିଡକୋର ବାକିଆ ୬୫୮୭ କୋଟି ଟଙ୍କା ରହିଥିଲା । ସର୍ବାଧିକ ବାକି ଗଡୁଛି ପୂର୍ବର ସେସୁ ତଥା ବର୍ତ୍ତମାନର ଟିପିସିଓଡିଏଲ ଉପରେ । ଏହା ଉପରେ ବକେୟା ଦେୟ ଓ ସରଚାର୍ଜ ମିଶି ୨୬୫୧ କୋଟି ଟଙ୍କାକୁ ଟପିଗଲାଣି । ସେହିଭଳି ସେତେବେଳର ନେସ୍କୋ ଉପରେ ୯୫୮ କୋଟି ଟଙ୍କାର ବାକି ଥିବାବଳେ ୱେସ୍କୋ ଉପରେ ୧୬୭୭ କେଟି ଏବଂ ସାଉଥକୋ ଉପରେ ୧୩୦୦ କୋଟି ଟଙ୍କା ରହିଛି । ତେବେ ବାକିଆ ଅର୍ଥକୁ ବିଳମ୍ବ ଲାଗୁଥିବା ସରଚାର୍ଜ ପରିମାଣ ଟପିଗଲାଣି ।

ତେବେ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗର ଗାଇଡଲାଇନ ଅନୁଯାୟୀ ବର୍ତ୍ତମାନ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ଅଧିକୃତ କମ୍ପାନୀମାନେ ପୂର୍ବବର୍ତ୍ତୀ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ସମୟର ବକେୟା ବିଦ୍ୟୁତ୍ ଆଦାୟ କରି ଗ୍ରିଡକୋକୁ ତାହାର ଦେୟ ପ୍ରଦାନ କରୁଛନ୍ତି । ତେବେ ମିଳିଥିବା ସୂଚନା ଅନୁଯାୟୀ ଏହି ବକେୟା ଆଦାୟ ପରିମାଣ ଅତ୍ୟନ୍ତ ମନ୍ଥର ହେବା ସହିତ ଅଦାଲତରେ ମାଲି ମୋକଦ୍ଦମା ଥିବାରୁ ଠିକଣା ଭାବେ ଗ୍ରିଡକୋକୁ ବାକିଆ ଅର୍ଥ ପଇଠ କରାଯାଇ ପାରୁନାହିଁ । ଯାହା ଫଳରେ ବିଳମ୍ବ ଜନିତ ସରଚାର୍ଜ ଅର୍ଥ ପରିମାଣ ବଢି ଚାଲିଛି । ଅନ୍ୟ ପକ୍ଷରେ ଗ୍ରିଡକୋ ଉପରେ ଆର୍ଥିକ ବୋଝ ବଢି ଚାଲିଥିବାରୁ ଋଣ ପାଇଁ ଗ୍ରିଡକ୍ୱକୋ ସରକାରଙ୍କ ଅନୁମତି ଲୋଡୁଥିବାବେଳେ ମିଳିତ ଭାବେ ବିଦ୍ୟୁତ୍ ବିଲ ବୃଦ୍ଧି ପାଇଁ ମଧ୍ୟ ଓଇଆରସିର ଦ୍ୱାରସ୍ଥ ହେଉଛନ୍ତି । ତେଣୁ ବିତରଣ କମ୍ପାନୀମାନେ କାହିଁକି ଗ୍ରିଡକ୍ୱକୋକୁ ତାହାର ଅର୍ଥ ଠିକଣା ସମୟରେ ପରିଶୋଧ କରୁନାହାନ୍ତି ସେ ସଂକ୍ରାନ୍ତରେ ଅନୁଧ୍ୟାନ କରାଯିବା ସହିତ ଓଇଆରସି କଡା ପଦକ୍ଷେପ ନେବା ଆବଶକ୍ଷକ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି ।

### ଜିଲ୍ଲାରେ ବଢୁଛି ଜାତିଗତ ନିର୍ଯାତନା

## ୬ ବର୍ଷରେ ୧୮ ହତ୍ୟା, ୫୬ ଦୁଷ୍କର୍ମ ସହ ୧୨ଶହ ମାମଲା ପଞ୍ଜୀକୃତ

କଟକ, (ସବ୍ୟୁ): କଟକ ଜିଲ୍ଲାର ବିଗତ ୬ବର୍ଷ ମଧ୍ୟରେ ଦଳିତ ଆଦିବାସୀଙ୍କ ଉପରେ କ୍ରମଶଃ ଜାତିଗତ ନିର୍ଯ୍ୟାତନା ବୃଦ୍ଧି ପାଉଛି । ମାତ୍ର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ବୃଦ୍ଧି ପାଉଛି ଓ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଆଇନଗତ ନ ହୋଇ ପକ୍ଷପାତ ହେଉଛି ବୋଲି ସୂଚନା ଅଧିକାର ଆଇନ ତଥ୍ୟ ହସ୍ତଗତ ପରେ ଅଭିଯୋଗ ହେଇଛି । ଯାହାକି ୩୧ ଅକ୍ଟୋବର ସୁଦ୍ଧା ୬ ବର୍ଷରେ ୧୧୦୮ ଗୋଟି ମାମଲା ରୁଜୁ ହୋଇଛି । ଜିଲ୍ଲାର ସମସ୍ତ ୧୯ ଗୋଟି ଥାନାରେ ଏହି ମାମଲାରେ ହତ୍ୟା ୧୮ ଗୋଟି, ଦୁଷ୍କର୍ମ ୫୬ ଗୋଟି, ଘରପୋଡି ୧୧ ଗୋଟି ଓ ୧୦୨୩ ଗୋଟି ଜାତିଗତ ଆକ୍ରମଣ ମାମଲା ରୁଜୁ ହୋଇଛି । ଏହି ବର୍ଷ ମଧ୍ୟରେ ୨୧୫ରୁ ଉର୍ଦ୍ଧ ମାମଲାକୁ ସଠିକ୍ ତଦନ୍ତ କରାନଯାଇ ଫଲ୍ସ ବା ମିଥ୍ୟା କରାଯାଇଅଛି ବୋଲି ଅଭିଯୋଗ କରଯାଇଛି । ଯାହାକି ୨୦୧୮ମସିହାରେ ୧୨୦ ଟି, ୧୯ ମସିହାରେ ୧୨୮ ଟି,୨୦ ମସିହାରେ ୧୪୪ଟି,୨୧ ମସିହାରେ ୧୬୧ ଟି,୨୨ ମସିହାରେ ୨୫୬ଟି, ୨୩ ମସିହାରେ ୨୧୭ଟି ୨୪ ମସିହାରେ ୧୮୨ ଟି ମାମଲା କରଯାଇଛି । ୪୭ ମାମଲାରେ ଯୁଗ୍ମ ତଦନ୍ତ ରିପୋର୍ଟ ହୋଇପାରି ନ ଥିବା ବେଳେ ୪୦୦ ରୁ ଉର୍ଦ୍ଧ ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇପାରି ନାହିଁ । ୧୯୭୧ଜଣ ଆସାମୀକୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଛାଡି ଦିଆଯାଇଥିବା ବେଳେ ମାତ୍ର କରାଯିବା ସହ ୧୧୬ ଜଣଙ୍କୁ ଗିରଫ କରାଯାଇଛି । ମାତ୍ର ୯୧ ଗୋଟି ମାମଲାର ଫାଇନାଲ ରିପୋର୍ଟ ହୋଇପାରିଛି ୯ ଜିଲ୍ଲାରେ ଯୁଗ୍ମ ତଦନ୍ତରେ ତାଲୁକ୍ ମାଜିଷ୍ଟ୍ରେଟ ଉପସ୍ଥିତ ହେଉ ନଥିବାରୁ ତଦନ୍ତକାରୀ ଅଧିକାରୀ ଡିଏସପି ଓ ଏସଡିପିଓ ମାନେ ବହୁ ମାମଲାକୁ ଏକ ପାଖିଆ ପ୍ରଭାବିତ, ପ୍ରଲୋଭିତ ସହ ପକ୍ଷପାତ କରି ୨୨୫ ଟି ମାମଲାକୁ ମିଥ୍ୟା କରିଦେଇଛନ୍ତି । ଏପରିକି ଶହ ଶହ ମାମଲା ରୁଜୁ ହେବା ପୁର୍ବରୁ ତାକୁ ଥାନା ମାନଙ୍କରେ ଭୟଭୀତ କରାଇବା ସହ ମିଥ୍ୟା କାଉଣ୍ଟର ମାମଲା ଭୟ ଦେଖାଇ ଚାପି ଦିଆଯାଉଛି ବୋଲି ମୁଳନିବାସି ୟୁନାଇଟେଡ ଫ୍ରଣ୍ଟ ତାରଫରୁ ଅଭିଯୋଗ କରଯାଇଛି । ସେହିପରି ଜିଲ୍ଲାରେ ସହାୟତା ରାଶି ବର୍ଷ ବର୍ଷ ଧରି ପ୍ରଶାସନିକ ଅବହେଳା ପାଇଁ ବିଳମ୍ବ କରାଯାଉଛି ବୋଲି ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା ଅଭିଯୋଗ କରିଛନ୍ତି । ପୋଲିସ ମହାର୍ନିଦଦେଶକଙ୍କ ସମେତ ଜିଲାପାଳ ଓ ଏସପି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରି ନିବେଦନ କରିଛନ୍ତି । ନଚେତ୍ ଦଳିତ ସଙ୍ଗଠନ ତରଫରୁ ଜନ ଆନ୍ଦୋଳନ କରାଯିବ ବୋଲି ପରୋକ୍ଷରେ ଚେତାବନୀ ଦେଇଛନ୍ତି ।

### ପ୍ରୟାଗରାଜ ମହାକୁମ୍ଭରେ ଓଡ଼ିଶୀ ନୃତ୍ୟ

## 'ରୁଦ୍ରାକ୍ଷ' ଫାଉଣ୍ଡେସନର ଗଙ୍ଗାବତାରମ୍ ନୃତ୍ୟାଭିନୟ

ଭୁବନେଶ୍ୱର(ସବ୍ୟୁ): ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭରେ ମହାସ୍ନାନ ସମେତ ବିଭିନ୍ନ ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ପରିପ୍ରେକ୍ଷୀରେ ମହାକୁମ୍ଭ



ଅବସରରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଉତ୍ତର କେନ୍ଦ୍ରୀୟ ଜୋନ୍ ସାଂସ୍କୃତିକ କେନ୍ଦ୍ର, ପ୍ରୟାଗରାଜ ପକ୍ଷରୁ ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଯେଉଁଥିରେ ଓଡ଼ିଶାର 'ରୁଦ୍ରାକ୍ଷ ଫାଉଣ୍ଡେସନ'କୁ ପ୍ରଥମ ଦିନରେ ଗଙ୍ଗା ମଞ୍ଚ, ପ୍ୟାରେଡ୍ ଗ୍ରାଉଣ୍ଡ ସେକ୍ଟର–୧ରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବାର ଅନନ୍ୟ ସୁଯୋଗ ମିଳିଥିଲା ।

'ରୁଦ୍ରାକ୍ଷ ଫାଉଣ୍ଡେସନ'ର ପ୍ରତିଷ୍ଠାତା ତଥା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନଙ୍କ ଗଙ୍ଗାବତାରମ୍ ନୃତ୍ୟ ପରିବେଷଣ ଉପସ୍ଥିତ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ମହାକୁମ୍ଭ ଭଳି ଏକ ବୃହତ ମେଳାରେ ଓଡ଼ିଶାର ରୁଦ୍ରାକ୍ଷ ଫାଉଣ୍ଡେସନକୁ ପରିବେଷଣର ସୁଯୋଗ ମିଳିବା ଆମ ପାଇଁ ଅତ୍ୟନ୍ତ ଗର୍ବ, ଗୌରବ, ସୌଭାଗ୍ୟ ଏବଂ ଆନନ୍ଦର କଥା ବୋଲି ଅନୁଷ୍ଠାନର କଳାକାରମାନେ ପ୍ରକାଶ କରିଛନ୍ତି । ଅନୁଷ୍ଠିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ରୁଦ୍ରାକ୍ଷ ଫାଉଣ୍ଡେସନର ନୃତ୍ୟ ଶିଳ୍ପୀମାନଙ୍କ ମଧ୍ୟରେ ନୃତ୍ୟ ପରିବେଷଣ କରିଥିଲେ ଦୁଃଶାସନ ସାହୁ, ସନ୍ତୋଷ ରାମ, ସମୀର କୁମାର ପାଣିଗ୍ରାହୀ, ସଞ୍ଜୀବ କୁମାର ଜେନା, ପ୍ରଶାନ୍ତ କୁମାର, ବିଶ୍ୱଜିତ ଜେନା, ବଶିଷ୍ଠ ଜେନା, ରୋଜି ସ୍ୱାଇଁ, ଅଭିପ୍ସା ବିଶ୍ୱାଳ ଲୋପାମୁଦ୍ରା ସାହୁ, ଅଞ୍ଜଳି ଦାଶ, ଟି.ତୁଲିକା ରେଡ୍ଡୀ ଏବଂ ସୁଚିସ୍ମିତା ସାହୁ । ମହାକୁମ୍ଭ ଅବସରରେ ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ନିକଟରେ ଉପସ୍ଥାପନ କରିବାରେ ରୁଦ୍ରାକ୍ଷ ଫାଉଣ୍ଡେସନର ଆଗ୍ରହ ଓ ପ୍ରୟାସ ତଥା ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟର ସହଯୋଗ ନିମନ୍ତେ ଓଡ଼ିଶାର ସଂସ୍କୃତି ପ୍ରେମୀ ଓ ବୁଦ୍ଧିଜୀବୀ ଜନସାଧାରଣ ପ୍ରଶଂସା କରିଛନ୍ତି । ପ୍ରକାଶ ଥାଉକି, ଏହି ମଞ୍ଚରେ ବଲିଉଡର ପ୍ରଖ୍ୟାତ ଗାୟକ ଶଙ୍କର ମହାଦେବନ ତାଙ୍କ ଟିମ୍ ସହିତ ଭଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ଟିଏଲସି ଖଣି ପୋଖରୀକୁ ସମ୍ପୂର୍ଣ୍ଣ ପୋତିବାକୁ ଚାଲିଛି ମସୁଧା

## ଚୋରାଚାଲାଣକାରୀଙ୍କୁ ଧରିବାକୁ ଖଣି ବିଭାଗ, ପୁଲିସର ଜୁ ପାଉନି

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହରରୁ କ୍ୟାବିନ ଉଛେଦ ପରେ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ସରକାରୀ ଖାତା ନଂ–୧୧୦୭, ପ୍ଲଟ–୨୬୨୦, ପୁରାତନ ପତିତ ଜମିରେ ପୌର ପରିଷଦ ପକ୍ଷରୁ ଭେଣ୍ଡିଙ୍ଗ ଜୋନ ପ୍ରତିଷ୍ଠା କରାଯାଇ ବ୍ୟବସାୟୀ ମାନଙ୍କୁ ଥଇଥାନ କରାଯାଉଥିବା ବେଳେ ଉକ୍ତ ଜମିରେ ସମସ୍ତ ଉଠା ପରିବା ଦୋକାନୀଙ୍କୁ ଜାଗା ପ୍ରଦାନ କରାଯାଇଛି । ଆଗମୀ ଦିନରେ ଦିଆ ଯାଇଥବା ସ୍ଥାନ ଉପରେ ସମସ୍ତ ପରିବା ଦୋକାନୀଙ୍କ ନିମନ୍ତେ ୫୦ଲକ୍ଷ ଟଙ୍କା ବିନିମୟରେ ସ୍ଥାୟୀ ପିଣ୍ଡି କରାଯାଇ ଥଇଥାନ କରିବା ନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀ ବିଧିବଦ୍ଧ ଭାବେ ଘୋଷଣା ମଧ୍ୟ କରି ସାରିଛନ୍ତି । ପୌର ପରିଷଦ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଭେଣ୍ଡିଙ୍ଗ ଜୋନକୁ ଲାଗି ମୂର୍ତି ବିସର୍ଜନ ହେଉଥିବା ଏକ ବିଶାଳକାୟ ପଥର ଖଣିକୁ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପୋତା ଚାଲିଛି । ଖଣି ବିଭାଗ ଉପ ନିର୍ଦ୍ଦେଶକ ଜଗନ୍ ବେହେରାଙ୍କ ପୂର୍ବ ସୂଚନା ମୁତାବକ, ଯେ କୌଣସି ସରକାରୀ କାର୍ଯ୍ୟ ପାଇଁ ଆବଶ୍ୟକ ମୋରମ କେବଳ ଲିଜ୍ ପ୍ରାପ୍ତ ଖଣିରୁ ଆସିବାର ନିୟମ ରହିଛି । ଜିଲ୍ଲାରେ କେବଳ ମୁଣ୍ଡାଆମ୍ବ ମୌଜା ଅନ୍ତର୍ଗତହୋଇଥାଏ କାଳୀବତି ଖଣିରୁ ମୋରମ ଖନନ ଓ ରପ୍ତାନି ପାଇଁ ଲିଜ ପ୍ରଦାନ କରାଯାଇଛି । ତେବେ ଟିଏଲସି ଖଣିରେ ପଡୁଥିବା ମୋରମ (କାଳୀବତି) ଖଣିରୁ ଉତୋଳନ କରାଯାଉନାହିଁ ବୋଲି କହିଥିବାବେଳେ ଏତେ ପରିମାଣର ମୋରମ କେଉଁଠାରୁ ଆସୁଛି, ସେ ନେଇ କୌଣସି ସୂଚନା ତାଙ୍କ ପାଖରେ ନଥିବା କହିଛନ୍ତି । ଜଳାଶୟ ପୋତାଯିବା ସମ୍ପର୍କରେ କାହା



ପାଖରେ କୌଣସି ସୁଚନା ନଥିବା ବେଳେ କାହା ନିର୍ଦ୍ଦେଶରେ ଉକ୍ତ ଜଳାଶୟକୁ ପୋତା ଯାଉଛି ଏବଂ ଏତେ ସଂଖ୍ୟକ ମୋରମ କେଉଁ ସରକାରୀ ଅନୁମୋଦିତ ଲିଜ ଖଣିରୁ ଆସୁଛି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ନିକଟରେ ସ୍ୱଷ୍ଟ ଦିବାଲୋକରେ ଶହଶହ ଜନସାଧାରଣ ଏବଂ ପୌର ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ହାଇୱାରେ ଆସି ମୋରମ ପଡୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ପୌର ପ୍ରଶାସନ ଓ ମନରେ ଛନକା ପସିଛି । ସରକାରୀ କାର୍ଯ୍ୟରେ ବେଆଇନ ଖଣିର ମୋରମ କାର୍ଯ୍ୟରେ ଲାଗୁଥିବା ଖବର ପ୍ରକାଶିତ ପରେ ଏବେ ପ୍ରଶାସନିକ ଅଧିକାରୀ ନୂଆ ପନ୍ଥା ଆପଣେଇଥିବା କୁହାଯାଉଛି । ଆସନ୍ତା ମଙ୍ଗଳବାର ମଧ୍ୟରେ ମୂର୍ତି ବିସର୍ଜନ ପାଇଁ ଉଦ୍ଦିଷ୍ଟ ଉକ୍ତ ଖଣିକୁ ପୋତି ଦେବା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । କେଉଁ ଖଣିରୁ କେତେ ଟ୍ରିପ୍ ମୋରମ ଆସିବ, ସେ ନେଇ ଏକ ବ୍ଲୁ ପ୍ରିଂଟ ପ୍ରସ୍ତୁତ ହୋଇଥିବା ବେଳେ ଗୋଟିଏ ରାତିରେ ପ୍ରାୟ ଏକ ହଜାର ଟ୍ରିପ୍ ମୋରମ ପକାଇ ଏହି ଖଣିକୁ ପୋତି ଦିଆଯିବ । ଏଥିପାଇଁ ପୂର୍ବରୁ ଜିଲ୍ଲାର ଏକ ତହସିଲ ରେ ଥିବା ଜଣେ ରାଜସ୍ୱ ବିଭାଗ ଅଧିକାରୀଙ୍କ ସମ୍ପର୍କୀୟ ଭାଇଙ୍କୁ ଦାୟିତ୍ୱ ଦିଆ ଯାଇଥିବା ବେଳେ ଖଣିକୁ ପୋତିବା ପାଇଁ ୪୦ଗୋଟି ହାଇୱା ଏବଂ ୧୫ଗୋଟି ଜେସିବିକୁ ନିୟୋଜିତ କରାଯାଇଥିବା ଜଣାପଡିଛି । ଏଠି ପ୍ରଶ୍ନ ଉଠୁଛି ଯେଉଁଠି ଅନୁମତି ପତ୍ର ଥାଇ ମଧ୍ୟ ଗୋଟିଏ ଟ୍ରକ୍ ମୋରମ ସହର ଭିତରକୁ ଆଣିବା କଷ୍ଟକର ହୋଇ ପଡୁଛି, ସେଠି କିପରି ଶହ ଶହ ସଂଖ୍ୟାରେ ହାଇୱା ଟ୍ରକ୍ ଜରିଆରେ ମୋରମ ସହର ଭିତରକୁ କାହା ଅନୁମତିରେ ଆସୁଛି । ଏହି ମୋରମ ଯୋଗାଇବା ପଛରେ କେଉଁ ଅଦୃଶ୍ୟ ଶକ୍ତି କାମ କରୁଛି ।

ଗତ ୩ଦିନ ତଳେ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନା ନୟାଗଡ ଜିଲ୍ଲା ଖଣ୍ଡପଡା ରାସ୍ତାରେ ଆସୁଥିବାବେଳେ ଚୋରା ଚାଲାଣ ହେଉଥିବା ମୋରୋମ ଓ ବାଲି ବୋଝେଇ ମିଶି ୨୨ଗୋଟି ଗାଡିକୁ ଅଟକାଇ ପରିବହନ ଏବଂ ପୁଲିସ ବିଭାଗ କୁ ଖବର ଦେଇ ବେଆଇନ ଲଘୁଖଣିଜ ଚୋରା ଚାଲାଣ କରୁଥିବା ଗାଡି ଜବତ କରି ଜୋରିମନା କରିଥିଲେ । କିନ୍ତୁ ଖୋର୍ଦ୍ଧାରେ ଶହ ଶହ ଚୋରା ମୋରୋମ ଓ ବାଲି ଗାଡି ଦିନରାତି ଚାଲୁଥିଲେ ମଧ୍ୟ ପରିବହନ ବିଭାଗ ଓ ଖଣି ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି ।

# ବିଟେକ ଛାତ୍ରଙ୍କ ମୁଣ୍ଡ ଫଟାଇବା ଘଟଣା : ୩ ଗିରଫ

ବ୍ରହ୍ମପୁର,(ସବ୍ୟୁ) : ପଥରରେ ଆକ୍ରମଣ କରି ଜଣେ ବିଟେକ ଛାତ୍ରଙ୍କ ମୁଣ୍ଡ ଫଟାଇବା ଅଭିଯୋଗ ହୋଇଥିଲା। ବୈଦ୍ୟନାଥପୁର ଥାନା ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରିଛିଛ ସେମାନେ ହେଲେ ଗେଟବଜାର ଅଞ୍ଚଳର ଏସ ରାଜ ଦୋରା(୨୦), ଅମର ସେଠୀ(୧୯) ଓ ରାହୁଲ ମହାପାତ୍ର(୨୦)। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗାଙ୍ଗପୁର ଥାନା ଅନ୍ତର୍ଗତ ସୋମନାଥପଲ୍ଲୀ ନିବାସୀ ରତ୍ନାକର ସେଠୀଙ୍କ ପୁଅ ରାଜା କୁମାର ସେଠୀ ବ୍ରହ୍ମପୁର ସହରର ବାପୁଜି ନଗର ତୃତୀୟ ଲାଇନରେ ରହି ଗାୟତ୍ରୀ କଲେଜରେ ବିଟେକ କରୁଥିଲେ। ଗତ ୧୭ ତାରିଖରେ ଅପରାହ୍ନ ସାଢ଼େ ୫ଟା ସମୟରେ ରାଜା ଗୋଲାପଲ୍ଲୀ ସାହିରେ ଥିବା ଏକ ଦୋକାନ ରେ ଚା' ପିଉଥିଲେ। ୩ଜଣ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ପଥର ସାହାଯ୍ୟରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଯାହାଫଳରେ ରାଜା ଗୁରୁତର ହୋଇପଡିଥିଲେ। ଆହତ ଛାତ୍ର ଜଣଙ୍କ ମେଡ଼ିକାଲରେ ଚିକିତ୍ସା ହୋଇ ଆସିବା ପରେ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଥିଲା।

# ଜାତି ଗଠନର ସୂତ୍ରଧର ହେଉଛି ଶିକ୍ଷକ ସମାଜ : ବଦ୍ରି




କେନ୍ଦୁଝର , (ସ୍ୱପ୍ର) :କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ସାଇଁକୁଲ ସ୍ଥିତ ନେହେରୁ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଉମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଘସିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର କହିଥିଲେ ଯେ କୋମଳମତୀ ଶିଶୁଙ୍କୁ ସଠିକ୍ ମାର୍ଗ ଦର୍ଶନ କରାଇ ସେମାନଙ୍କ ହୃଦୟକୁ ଶିକ୍ଷାର ଆଲୋକରେ ଉଜ୍ଜ୍ୱଳ କରାଇଥାନ୍ତି ସେମାନଙ୍କର ଆଦ୍ୟ ଗୁରୁ। ଆଜି ସେହିପରି ପୂଜ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀପାତ୍ର କହିଥିଲେ ମଣିଷ ସମାଜର ନିର୍ମାତା ଶିକ୍ଷକ ଜାତି ପ୍ରତି ନିଜ ମନ ତଳେ ଥିବା ପ୍ରଘାଟ ସମ୍ମାନ ପ୍ରଦର୍ଶିତ କରିଥିଲେ। ସମ୍ମାନୀତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ଡ଼ ରାମଚନ୍ଦ୍ର ନାୟକ,ଘସିପୁରା ବିଇଓ ତପୋଧନ ସ୍ୱାଇଁ,ଅବସରପ୍ରାପ୍ତ ଆନନ୍ଦପୁର ବିଇଓ ଶରତ କୁମାର ରାଉତ, ଘସିପୁରା ଏବିଇଓ ହାଡିବନ୍ଧୁ ସାହୁ, ରାଜ୍ୟ ସଂଘ ଉପସଭାପତି ମନୋଜ କୁମାର ମହାନ୍ତ, ଜିଲ୍ଲା ସଂଘ ସଭାପତି ଦିଲ୍ଲୀପ କୁମାର ରାଉତ, ଜିଲ୍ଲା ସଂଘ ସମ୍ପାଦକ ଉମା ଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇ ରାଷ୍ଟ୍ର ଗଠନ ରେ ଶିକ୍ଷକ ଙ୍କ ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ ।ପରେ ନବ ନିଯୁକ୍ତ କନିଷ୍ଠ ଶିକ୍ଷକ ଏବଂ ନୂତନ ଭାବେ ନିୟମିତ ହୋଇଥିବା ଶିକ୍ଷକଙ୍କୁ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ।ସଂଘ ର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ମହାନ୍ତି ସଂଘ ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ କଳ୍ପତରୁ ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ସି ଆର ସି ସି ବିଷିକେଶନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ କୃଷକ ନେତାଙ୍କ ଧାନମଣ୍ଡି ପରିଦର୍ଶନ

ସିମୁଳିଆ,(ସବ୍ୟୁ) : ରାଜ୍ୟ କୃଷକ ନେତା ସିମୁଳିଆରେ ଥିବା ଧାନମଣ୍ଡି ଗୁଡ଼ିକୁ ଅଚାନକ ପରିଦର୍ଶନ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଡ଼ା ସେବା ସମବାୟ ସମିତି, ଧାନମଣ୍ଡି ଓ ମାର୍କୋଣା ସେବା ସମବାୟ ସମିତି ଧାନମଣ୍ଡିଗୁଡ଼ିକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଅଚାନକ ପରିଦର୍ଶନ କରିଥିବା ଜଣାପଡ଼ିଛି । ଧାନମଣ୍ଡି ଗସ୍ତ ସମୟରେ କେନ୍ଦ୍ର ସରକାରଙ୍କ ଧାନ ସଂଗ୍ରହ ନିର୍ଦ୍ଦେଶାବଳୀ ଅନୁଯାୟୀ ଧାନମଣ୍ଡିଗୁଡ଼ିକ ଠିକ୍‌ଠାକ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ ତାହାର ତଦାରଖ କରିଥିଲେ । ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଚାଷୀମାନଙ୍କ ଆୟକୁ ୨ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ମାନ ଚାଲୁ କରିଛନ୍ତି । ତନ୍ମଧ୍ୟରୁ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ୪୮ ଘଣ୍ଟା ମଧ୍ୟରେ ପ୍ରଦାନ ବ୍ୟବସ୍ଥା କରିଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ । ଧାନ କିଣା କାରବାରରେ ବ୍ୟାପକ ସ୍ୱଚ୍ଛତା ରଖିବା ପାଇଁ ମୋହନଚରଣ ମାଝୀ ସରକାର ବଦ୍ଧ ପରିକର । ଯେଉଁମାନେ ଧାନକିଣାବେଳେ ଚାଷୀମାନଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ମନୀଷା ଚିନ୍ମୟୀ ବେହେରା, ରାଜ୍ୟ ସଂଯୋଜକ କୌଶିକ ଚାନ୍ଦ , କୈଳାଶ ଚନ୍ଦ୍ର ବାରିକ, ବୈରାଗୀ ଚରଣ ବେହେରା, ବିକାଶ କୁମାର ପାଢ଼ୀ, ସୁବୋଧ ଚନ୍ଦ୍ର ପଣ୍ଡା, ଆତ୍ମାର ସିମୁଳିଆ ବ୍ଲକ କାର୍ଯ୍ୟକାରିଣୀ ସଦସ୍ୟ, ବିରେନ୍ଦ୍ର କୁମାର ନାୟକ, ଉତ୍ତମ କୁମାର ମହାନ୍ତି, ସର୍ବେଶ୍ୱର ବେହେରା, ଦିଲ୍ଲୀପ କୁମାର ଗିରି ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଏପ୍ରିଲ ୧୪ରୁ ବାରିପଦାରେ ଗଣପର୍ବ ବଳାଙ୍ଗୀ ମହୋତ୍ସବ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୂରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବାବେଳେ, ଚଳିତ ବର୍ଷ ୨୩ତମ ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୫ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ମଜ୍‌ଭୁତ୍ କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରୀକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୭ରୁ ୯ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ । ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ମାର୍ଚ୍ଚ ୩୦ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ପ୍ରଥମେ ବଳାଙ୍ଗୀ ମହୋତ୍ସବର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନଙ୍କ ବିୟୋଗ ଘଟିଥିବାରୁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ଆଜି ମହୋତ୍ସବ କମିଟି ପକ୍ଷରୁ ମହୁଲିଆ ପ୍ରେମ ବାଟିକା ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ




ବୈଠକରେ ସଭାପତି ପୂର୍ବତନ ବିଧାୟକ ରାଜକିଶୋର ଦାସ, ମେଳା କମିଟିର ଅଧ୍ୟକ୍ଷ ଓକିଲ ଅରବିନ୍ଦ ଦାସ, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, ଉପସଭାପତି ରଜତ କୁମାର ପଣ୍ଡା, ପଣ୍ଡିତ ଭାଗବତ ପଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, କୋଷାଧ୍ୟକ୍ଷ ଓକିଲ ଲିଙ୍ଗରାଜ ମିଶ୍ର, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ରାକେଶ ସିଂ, ଯୋଗେଶ ଅଗ୍ରୱାଲା, ପ୍ରାଧ୍ୟାପକ ସୁନୀଲ ଜେନା, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ ଓ ନିରୋଜ କୁମାର ପୋଥାଳ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ବଳାଙ୍ଗୀ ମହୋତ୍ସବ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବେତନଟି ପଦ୍ମମାଳି ମହିଳା ସଂଗଠନର ପ୍ରଭାତି ମହାନ୍ତି, ଝାରପୋଖରୀଆର କ୍ଷୀରୋଦ ଚନ୍ଦ୍ର ଦାସ, କପ୍ତିପଦାର ଇନ୍ଦୁମତି ମହାନ୍ତି, ଦେଉଳିର ଗୋପାଳ ଚନ୍ଦ୍ର ଦାସ, ଚିତ୍ରଡାର ଅଜୟ କୁମାର ପାଳ, ପାଟୁଳିପୁରାର ରମାକାନ୍ତ ମହାନ୍ତ, ଗଣମାଧ୍ୟମ ପ୍ରତିନିଧି, ଦୋଳ ଗୋବିନ୍ଦ ବାରିକ, ରଞ୍ଜନ କୁମାର ଦାଶ ଓ ନୀଳାଦ୍ରି ବିହାରୀ ଦଣ୍ଡପାଟ ପ୍ରମୁଖ ଆଗାମୀ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିବାବେଳେ କୃତି ଶିକ୍ଷକ ଡଃ ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ/ସଦସ୍ୟା ମାନେ ବହୁ ସଂଖ୍ୟାରେ ବୈଠକରେ ଯୋଗଦେଇଥିବା ବେଳେ ସଦସ୍ୟ ପିତାମ୍ବର ମଲ୍ଲିକ, ଉଦୟ ନାଥ ଜେନା, ରମାକାନ୍ତ ରାଉତ, ଦିଲ୍ଲୀପ କୁମାର ପାତ୍ର, ମିଥୁନ ବାରିକ, ସନାତନ ସିଂ, କୁନୁ ସିଂ ଓ ଅଭିନବ ନନ୍ଦ ପ୍ରମୁଖ ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ ।

# ବାଞ୍ଛାନିଧି ହାଇସ୍କୁଲର ବାର୍ଷିକ ଉତ୍ସବ

ତିହିଡି,।(ସବ୍ୟୁ): ତିହିଡି ବ୍ଲକ କୁବେରା ପଞ୍ଚାୟତ ଅନ୍ତର୍ଗତ ଜୟପୁରସ୍ଥିତ ବାଞ୍ଛାନିଧି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ହାଇସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦାମୋଦର ଜେନା, ମୁଖ୍ୟବକ୍ତା ଭାବେ ଓଷ୍ଟାର ଜିଲ୍ଲା ସଭାପତି ଶଶିଶେଖର କରଶର୍ମା, ସମ୍ମାନୀତ ଅତିଥି ଭାବେ ଓଷ୍ଟାର ଜିଲ୍ଲା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଆଲୁମନି ସଭାପତି ମନୋରଞ୍ଜନ ନାୟକ, ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି, ସରୋଜ କୁମାର ଦାସ, ରମେଶ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ତଥା ଶିକ୍ଷାବିତ ମଦନମୋହନ ନାୟକ, ପ୍ରାକ୍ତନ ଶିକ୍ଷକ ସନାତନ ଜେନା, ଶିକ୍ଷାବିତ ଦୀନବନ୍ଧୁ ସ୍ୱାଇଁ, ପରିଚାଳନା ଅଧ୍ୟକ୍ଷ ହିମାଂଶୁ ବେହେରା, ଶିକ୍ଷକ ବଂଶୀଧର ଦାସ, ପ୍ରାକ୍ତନ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରବୀର ନାୟକ, ପ୍ରାକ୍ତନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ ଓ ସିଆରସିସି ବିଭୂତି ଭୂଷଣ ରାଉତ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ଭଲ ମଣିଷ ହୋଇ ଦେଶର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପ୍ରାକ୍ତନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ପରେ ବାର୍ଷିକ କ୍ରୀଡା ଓ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସ୍କୁଲର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ଶୁଭମ ସାହୁ, ସୁବ୍ରତ ସାହୁ, ଶିକ୍ଷୟିତ୍ରୀ ପିଙ୍କି ପ୍ରିୟଦର୍ଶିନୀ ପଣ୍ଡା, ବନ୍ଦନାରାଣୀ ପଟ୍ଟନାୟକ, ଲିପ୍ସିତା ପଣ୍ଡା, ପ୍ରିୟଙ୍କା ଜେନା, ଅନସୂୟା ସାହୁ, ନମିତା ବିଶ୍ୱାଳ, ଅଭିଲିପ୍ସା ଜେନା, ସବିତା ବେହୁରିଆ, ଲକ୍ଷ୍ମୀପ୍ରିୟା ସାମଲ, ସ୍ୱାଗତିକା ରଥ ସମେତ ଶିକ୍ଷାକର୍ମୀ ମାନସ ସାମଲ, ରଘୁନାଥ ଭଞ୍ଜ ଓ ପ୍ରମୋଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ମିଳିତ ରକ୍ତଦାନ ଶିବିର

ଭଦ୍ରକ,(ସବ୍ୟୁ) : ଜିଲ୍ଲା ଏକତା ରକ୍ତ ସଂଗଠନ ଭଦ୍ରକ ଓ ବିଶ୍ୱ ବିଜୟିନୀ ଯୁବକ ସଂଘ ମିଳିତ ଆନୁକୁଲ୍ୟରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି।ଏହି ରକ୍ତଦାନ ଶିବିର ରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟ ପ୍ରବକ୍ତା ଭାବେ ଜ୍ଞାନ ପାଣି ବରିଷ୍ଠ ସାମ୍ବାଦିକ ଏବଂ ସମ୍ମାନିତ ଅତିଥି ଭାବେ ମାଧବ ମଲ୍ଲିକ ଓ ଜିଲ୍ଲା ଏକତା ରକ୍ତ ସଂଗଠନ ଭଦ୍ରକ ଓ ବିଶ୍ୱ ବିଜୟିନୀ ଯୁବକ ସଂଘର ସମସ୍ତ ସଦସ୍ୟ ମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଏକତା ରକ୍ତ ସଂଗଠନ ଭଦ୍ରକ ପରିବାର ର ସମସ୍ତେ ସଦସ୍ୟ ଯଥା ସଂପାଦକ ଭକ୍ତହରି ସେଠୀ,ସଭାପତି ଶିବାନନ୍ଦ ଭଟ୍ଟାଚାର୍ଯ୍ୟ,ଉପ ସଭାପତି ଦାମୋଦର ସାହୁ, କୋଷାଧ୍ୟକ୍ଷ ବିଶ୍ୱଜିତ ନାୟକ ଓ କେ ଗଣେଶ ରାଓ,କାର୍ଯ୍ୟକ୍ରମ ସଂଯୋଜକ ଗୌତମ ସାମଲ,ମିଡ଼ିଆ ପ୍ରମୁଖ ଜ୍ୟୋତିକାନ୍ତ ନାୟକ, ପ୍ରିୟବ୍ରତ ନାୟକ, ସୋସିଆଲ ମିଡ଼ିଆ ପ୍ରମୁଖ ସୁମନ୍ତ ପଣ୍ଡା ,ଅନ୍ୟ ସଦସ୍ୟ ମାନେ ଯଥା ରଶ୍ମିପ୍ରଭା ପାଣି, ନିତ୍ୟାନନ୍ଦ ସେଠୀ, ଲାଲା ପବନ ରାୟ, ପ୍ରଦୀପ ସାମନ୍ତ, ବିଶ୍ୱଜିତ ପଣ୍ଡା , ଦୀପକ ଦାସ ଉପସ୍ଥିତ ଥିଲେ ଏବଂ ବିଶ୍ୱ ବିଜୟିନୀ ଯୁବକ ସଂଘ ତରଫରୁ ଉପଦେଷ୍ଟା ଜଳଧର ମଲ୍ଲିକ , ସୁଦାମ ଚରଣ ଦଳେଇ, ଜଗବନ୍ଧୁ ବେହେରା ଓ ସଭାପତି ଲମ୍ବୋଧର ଦଳେଇ , ସଂପାଦକ ପ୍ରତାପ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବାବୁରାମ ବେହେରା ଓ ସଦସ୍ୟ ଚଗିଲି ସାହୁ, ଦୀପକ ଦଳେଇ ,ସସ୍ମିତା ଦଳେଇ, ଗୀତାରାଣୀ ଦଳେଇ, ଝୁନା ରାଣୀ ମୁଦୁଲି, ସିଲି ମହାପାତ୍ର, ମିଲି ମହାପାତ୍ର ଉପସ୍ଥିତ ଏହି ରକ୍ତଦାନ ଶିବିରକୁ ସାଫଲ୍ୟ ମଣ୍ଡିତ କରାଇଥିଲେ। ଏହି ରକ୍ତଦାନ ଶିବିର ରେ ସମୁଦାୟ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଡିଏଭି ପବ୍ଲିକ ସ୍କୁଲରେ ସିବିଟି ପରୀକ୍ଷା କେନ୍ଦ୍ର

ଭଞ୍ଜନଗର,(ସବ୍ୟୁ) : ଭଞ୍ଜନଗର ଡିଏଭି ପିଟି ଏସ ଆର ପବ୍ଲିକ ସ୍କୁଲ ଭଞ୍ଜନଗରକୁ ଏ ବର୍ଷର ଡିଏଭି ବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ନିମନ୍ତେ ସିବିଟି ପରୀକ୍ଷା କେନ୍ଦ୍ର ରୂପେ ଚୟନ କରାଯାଇଥିଲା ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ବାସୁଦେବ ପାଣିଗ୍ରାହୀ ସେଣ୍ଟର ସୁପରିଟେଣ୍ଡେଣ୍ଟ ଓ ବ୍ରହ୍ମପୁର ବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା ଅବଜରଭର୍ ରୂପେ ଯୋଗଦାନ କରିଥିଲେ। ପରୀକ୍ଷା କେନ୍ଦ୍ରକୁ ଆଖି ଆଗରେ ରଖି ବିଦ୍ୟାଳୟ ତରଫରୁ ଡିଏଭି ସିଏମସିର ନିୟମ ପ୍ରକାରେ ପରୀକ୍ଷାର୍ଥୀ ମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା । ଆ.ଟି.ବିଭାଗର ସଂଚାଳକ ଶ୍ରୀ ରବୀନ କୁମାର ଆରୁଖ ଓ ମନୋରଞ୍ଜନ ଦାଶ ଏହାର ପରିଚାଳନା ଦାୟିତ୍ୱ ବହନ କରିଥିଲେ। ସକାଳ ଓ ଅପରାହ୍ନ ଦୁଇଟି ପର୍ଯ୍ୟାୟରେ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ସୁଯୋଗ ପାଇଥିଲେ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଆସିକା ,(ସବ୍ୟୁ) :ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ୧୩୭ତମ ଜନ୍ମ ଉତ୍ସବ ସହ ସ୍ଥାନୀୟ ସତସଙ୍ଗ ବିହାର ୧୬ତମ ବାର୍ଷିକ ଉତ୍ସବ ସତସଙ୍ଗ ବିହାର ପରିସରରେ ମହା ଆଡମ୍ବର ରେ ପାଳିତ ହୋଇ ଯାଇଛି ।ରବିବାର ସକାଳୁ ଶତାଧିକ ଗୁରୁଭାଇ, ଭଉଣୀ ଓ ମା ମାନେ ଏକତ୍ରିତ ହୋଇ ରୀତିନୀତି ଅନୁଯାଇ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ସଙ୍ଗୀତାଞ୍ଜଳୀ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ।ଆସିକା ସହରରେ ନଗର ପରିକ୍ରମା କରିଥିଲେ ।ସତ ସଙ୍ଗ ଓ ସଦ୍ ଆଲୋଚନା,ମାତୃ ସମ୍ମିଳନୀ ସହ ଓ ସନ୍ଧ୍ୟା ରେ ସଦଗନ୍ଥ ପାଠ ଆଲୋଚନା କରାଯାଇଥିବା ବେଳେ ପରମ ପୂଜ୍ୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମୋହଉତ୍ସବ ଅବସରରେ ସହସ୍ରାଧିକ ଭକ୍ତମାନେ ପ୍ରାସାଦ ସେବନ କରିଥିଲେ । ରତିକ- ବିଜୟ କୁମାର ପଣ୍ଡା, ବିଜୟ କୁମାର ବିଶ୍ୱାଳ, ପ୍ରକାଶ ରାଓ ଦୋରା, ରବିନ୍ଦ୍ର କୁମାର ସାହୁ,ହଜାରୀ ବେହେରା, ପ୍ରକାଶ ଚନ୍ଦ୍ର ରେଡ୍ଡୀ, ଶ୍ରୀନିବାସ କ୍ୟାମ୍ପ, ସନ୍ୟାସୀ ଜେନା, ରାମ ଜେନା, ବିଶ୍ୱଜିତ୍ ସାହୁ, ଦିଗମ୍ବର ରଣା, ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୃଷ୍ଣସିଂହ ପାଠାଗାର ନୂତନ କର୍ମକର୍ତ୍ତା

ଆସିକା ,(ସବ୍ୟୁ) :ସ୍ଥାନୀୟ ଶତାୟୁ କୃଷ୍ଣସିଂହ ପାଠାଗାର ର ନୂତନ କର୍ମକର୍ତ୍ତା ଚୟନ ରବିବାର ଦିନ ଅନୁଷ୍ଠିତ ହୋଇଛ। ବରିଷ୍ଠ ଆଇନଜୀବୀ ତଥା ପାଠାଗାର ପରିଚାଳନା କମିଟି ସଭାପତି ସୁଧାଂଶୁ କୁମାର ପଣ୍ଡାଙ୍କ ଆବାହକତ୍ୱରେ ସହର ର ବହୁ ବ୍ୟକ୍ତି ଯୋଗଦେଇଥିଲେ। ନୂତନ କର୍ମକର୍ତ୍ତା ଚୟନ ନେଇ ଆହୂତ ଏହି ସ୍ୱତନ୍ତ୍ର ବୈଠକ ରେ ସଭାପତି ରୂପେ ବ୍ରହ୍ମାନନ୍ଦ ରାଓ ଉପସଭାପତି ରୂପେ ଏମ ତାରିଣୀ ସେନାପତି,ସମ୍ପାଦକ ଭାବେ ସୁରେନ୍ଦ୍ର ନାଥ ସାହୁ, ସହ ସମ୍ପାଦକ ଅନିଲ ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ରୂପେ ସରୋଜ ଦାସ ଙ୍କୁ ମନୋନୀତ କରାଯାଇଥିଲା।ସେହିଭଳି ଉପସ୍ଥିତ ୨୧ ଜଣ ଙ୍କୁ କାର୍ଯ୍ୟକାରୀ ସଭ୍ୟ ଓ ଉପଦେଷ୍ଟା ମଧ୍ୟ ମନୋନୀତ କରାଯାଇଥିବା ଜଣାଯାଇଛି।

# ୩ ଦିନ ହେବ ଥିଲେ ନିଖୋଜ ବୈତରଣୀରୁ ମିଳିଲା ମୃତଦେହ

ଆନନ୍ଦପୁର,(ସବ୍ୟୁ) :କେନ୍ଦୁଝର ଜିଲା ଘସିପୁରା ଥାନା ଅମାରଙ୍ଗ ବୈତରଣୀ ନଦୀ ଘାଟରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି।ସୂଚନାରୁ ଜଣାପଡ଼ିଛି, ଧକୋଠା ଅମାରଙ୍ଗ ଗ୍ରାମର ଚିନ୍ତାମଣି ପଲେଇ (୫୨)ତିନି ଦିନ ହେବ ନିଖୋଜ ଥିଲେ। ପରିବାର ଲୋକେ ବୋହୁ ଖୋଜାଖୋଜି କରିଥିଲେ ସୁଦ୍ଧା ଚିନ୍ତାମଣିଙ୍କୁ ପାଇ ନ ଥିଲେ। ଶନିବାର ଧକୋଠା ଅମାରଙ୍ଗ ନଦୀଘାଟକୁ ଗ୍ରାମବାସୀ ଗାଧୋଇ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇ ସଙ୍ଗେ ସଙ୍ଗେ ଆନନ୍ଦପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଆନନ୍ଦପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଭାସୁଥିବା ଚିନ୍ତାମଣିଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ପରିବାର ଲୋକେ ମୃତଦେହକୁ ଚିହ୍ନି ଘସିପୁରା ପୋଲିସକୁ ଖବର ଦେଇଥିଲେ ।ଘସିପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ସହ ପଚାରାଉଚରା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମେଡିକାଲକୁ ପଠାଇଛି।

# ଶେଷ ହେଲା କୁଣ୍ଡେଶ୍ୱର ମକର ମେଳା

ଢେ଼ଙ୍କିକୋଟ,(ସବ୍ୟୁ) :୫ ଦିନ ଧରି ଅନୁଷ୍ଠିତ ହୋଇ ଥିବା କୁଣ୍ଡେଶ୍ର ମକର ମେଳା ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ଘଟଗାଁ ବିଡ଼ିଓ ଖଗେଶ୍ୱର ବରାଳ ଯୋଗଦାନ କରି, ନୃତ୍ୟ ପରିବେଷଣ କରି ଥିବା, ନୃତ୍ୟ କଳାକାର ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ କୁଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠାତା ବିଜୟ କୁମାର ପଲେଇ ଯୋଗଦାନ କରି, ମନ୍ଦିର ଆଲୋକ ବ୍ୟବସ୍ଥା ଓ କୁକୁର କଟା ନଦୀ ରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ବିଡ଼ିଓ କୁଣ୍ଡେଶ୍ୱର ମନ୍ଦିର ର ଉନ୍ନତି କରଣ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ମତବ୍ୟକ୍ତ କରିଥିଲେ।ସେ ତାଙ୍କ ଅଭିଭାଷଣରେ, ଯାହାର ଯାହା ଅସୁବିଧା ଅଛି, ସେମାନେ ମୋତେ ଜଣାଇବେ । ସଭାରେ ମକର ମେଳା କମିଟିର କାର୍ଯ୍ୟ କାରୀ ସଭାପତ ସୁଧାଂଶୁ ଶେଖର ପଲେଇ, ସଂପାଦକ ସତ୍ୟଜିତ ପଲେଇ, କାର୍ଯ୍ୟକାରିଣୀ ସଦସ୍ୟ ଶଶୀ ମହାନ୍ତ, ରାମ ନାଏକ, ଇଶ୍ର ଟୁଡୁ ଓ ଗୁଲିଆ ନାଏକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ।

## ଶିମିଳିପାଳ ବଞ୍ଚାଅ ବାର୍ତ୍ତା ନେଇ ମୟୂରଭଞ୍ଜ ହାଫ୍ ମାରାଥନ

# ଦୌଡିଲେ ୧୨ଶହରୁ ଉର୍ଦ୍ଧ୍ୱ ଦୌଡ଼ାଳି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଏଥଲେଟିକ ଆସୋସିଏସନ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆୟୋଜିତ ମୟୂରଭଞ୍ଜ ହାଫ୍ ମାରାଥନ ରବିବାର ଦିନ ହର୍ଷୋଲ୍ଲାସ ସହିତ ସଫଳ ଭାବେ ସମ୍ପାଦିତ ହୋଇଅଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ତତ୍ତ୍ୱାବଧାନରେ ବିଗତ ୧୫ଦିନ ପୂର୍ବରୁ ଏହି ଆୟୋଜନର ପୂର୍ବ ପ୍ରସ୍ତୁତି ହୋଇଥିବାବେଳେ ଏହାର ଅନଲାଇନ୍ ପଞ୍ଜିକରଣ କାର୍ଯ୍ୟ ଚାଲୁଥିଲା ଏବଂ ଶନିବାର ଦିନ ସ୍ଥାନୀୟ ଛଉପଡିଆ ଠାରେ ଅଫ୍‌ଲାଇନ ପଞ୍ଜିକରଣ ଓ ଦୌଡାଳୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ରବିବାର ସକାଳ ୬ଟାରେ, ବାରିପଦାର ଶୀତୁଆ କୁହୁଡି ଆଚ୍ଛନ୍ନ ପରିବେଶରେ ଏହି ମାରାଥନ ଆୟୋଜନ ତଥା ଆନୁଷ୍ଠାନିକ ଭାବେ ଗୃହ ଏବଂ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍ଘାଟନ କରିଥିଲେ। ଏହି ମାରାଥନ ପ୍ରତିଯୋଗିତାରେ ତିନୋଟି ବିଭାଗ ଯଥା ହାଫ୍ ମାରାଥନ (୨୧ କି.ମି.), ମିନି ମାରାଥନ (୧୦ କି.ମି) ଏବଂ ସଡକ ସୁରକ୍ଷା ରିଲେ ମାରାଥନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପାଖାପାଖି ୧୨୦୦ ରୁ ୧୫୦୦ ମାରାଥନ ଦୌଡାଳୀଙ୍କ ସମେତ ୨ଜଣ ଅନ୍ତଃ ରାଷ୍ଟ୍ରୀୟ ମାରାଥନ ରନର ଅଂଶଗ୍ରହଣ କରି ମୟୂରଭଞ୍ଜର ସଦର ମହକୁମା ବାରିପଦା ଠାରୁ ଦୌଡ ଆରମ୍ଭ କରି ଶିମିଳିପାଳ ପାଦଦେଶରେ ଥିବା ପିଠାବଟା ଗେଟ ପର୍ଯ୍ୟନ୍ତ ଦୌଡ଼ି ଏହି ମାରାଥନ ସମ୍ପୂର୍ଣ୍ଣ କରିଥିଲେ। ସୂଚନା ଥାଉକି ସକାଳ ସାଢ଼େ୬ଟାରେ ଏହି ପ୍ରତିଯୋଗିତାକୁ ମନ୍ତ୍ରୀ ଡଃ ମହାପାତ୍ରଙ୍କ ସହିତ ରାଜ୍ୟସଭା ସାଂସଦ ମମତା ମହନ୍ତ, ସାରସକଣା ବିଧାୟକ ଭାଦବ ହାଁସଦାଃ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି, ଶିମିଳିପାଳ ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ଓ ସାଇକିରଣ ପ୍ରମୁଖଙ୍କ ସମେତ ମୟୂରଭଞ୍ଜ ମାଟିର ଝିଅ ତଥା ଅନ୍ତଃରାଷ୍ଟ୍ରୀୟ କ୍ରୀଡ଼ାବିତ ପୂର୍ଣ୍ଣିମା ଚାନ୍ଦ ଓ ଜଉନା ମୁର୍ମୁ ଆନୁଷ୍ଠାନିକ ଭାବେ ବାରିପଦାସ୍ଥ ଛଉ ପଡିଆ ଠାରେ ଉଦ୍ଘାଟନ କରିବା ସହିତ ୫ମ ବାଟାଲିଆନର ସେନାବାହିନୀ, ମାରାଥନ ମଶାଲ ନେଇ ଅଗ୍ରସର ହୋଇଥିଲେ। ପରେ ପରେ ସମସ୍ତ ଦୌଡାଳୀ ଜଗନ୍ନାଥ ମନ୍ଦିର ବଡଦାଣ୍ଡ ରାସ୍ତାରେ ଏବଂ ଅଷ୍ଟିଆ ବ୍ରିଜ ଦେଇ ଶ୍ୟାମାଖୁଣ୍ଟା, ଲୁଲୁଙ୍ଗ ରାସ୍ତା



ଅଭିମୁଖେ ଦୌଡ଼ିଥିଲେ। ପୁଲିସ, ଡାକ୍ତରୀ ଟିମ ଏବଂ ମାଜିଷ୍ଟ୍ରେଟଙ୍କ ପର୍ଯ୍ୟାପ୍ତ ସୁରକ୍ଷା ବଳୟ ମଧ୍ୟରେ ଏହି ମାରାଥନ ପ୍ରତିଯୋଗିତା ନିଦର୍‌ବନ୍ଦରେ ଅଗ୍ରସର ହୋଇ ନିର୍ଦ୍ଧାରିତ ପିଠାବଟା ଅଂଚଳରେ ସମାପ୍ତ ହୋଇଥିଲା। ଶିମିଳିପାଳ ବଞ୍ଚାଅ ଅଭିଯାନକୁ ଜନପ୍ରସାରୀ କରିବା ନିମନ୍ତେ ଏହି ମାରାଥନ ଆୟୋଜନ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଶିମିଳିପାଳ ଜୈବ ମଣ୍ଡଳ ସମଗ୍ର ଏସିଆର ସବୁଠାରୁ ବୃହତ ଜୈବ ମଣ୍ଡଳ ଯାହାର ସୁରକ୍ଷା ବାର୍ତ୍ତା ନେଇ ଜିଲ୍ଲାପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ଏହି ମାରାଥନ ଏକ ଉଚ୍ଚକୋଟୀର ବିଚାରଧାରା ବୋଲି ମନ୍ତ୍ରୀ ଡଃ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପ୍ରଶାସନ ସହିତ ମହାନଦୀ କୋଲ ଫିଲଡ ଲିମିଟେଡ଼, ବନଖଣ୍ଡ ବିଭାଗ, ଶିମିଳିପାଳ ଫାଉଣ୍ଡେସନ, ଆଞ୍ଚଳିକ ପରିବହନ ଅନୁଭାଗ, ପ୍ରୋ-ସ୍ପୋଟରସ୍ ଅନୁଷ୍ଠାନ ମାନେ ଏହାର ପ୍ରଯୋଜକ ହୋଇ ଏହି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ। ଏହି ମାରାଥନ ଦୌଡ ପାଇଁ, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକଙ୍କ ପ୍ରଚେଷ୍ଟାରେ ଓଡିଶା ଅଲମ୍ପିକ ଆସୋସିଏସନ ନିଜର ବହୁ ଅଭିଜ୍ଞ ସଦସ୍ୟ ତଥା ରାଷ୍ଟ୍ରୀୟ ଓ ଅନ୍ତଃ ରାଷ୍ଟ୍ରୀୟ କ୍ରୀଡ଼ାବିତ ମାନଙ୍କୁ ଏହି ମାରାଥନ କାର୍ଯ୍ୟକ୍ରମରେ ସାମିଲ କରାଇ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସଫଳ ଖେଳାଳି ମାନଙ୍କୁ ଚୟନ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସର୍ବଶେଷରେ, ହାଫ୍ ମାରାଥନ ପୁରୁଷ ବିଭାଗରେ ଉତ୍ତର ପ୍ରଦେଶର ଆରିଫ ଅଲି ପ୍ରଥମ ସ୍ଥାନରେ ରହି ପୁରସ୍କାର ଜିତିଥିବାବେଳେ, ଇଥିଓପିଆର ମାରାଥନ ଦୌଡ଼ାଳି ତେବେଯେ କିଂଟୋ ଦ୍ୱିତୀୟ ସ୍ଥାନ ଓ ଅର୍ଜୁନ ଟୁଡୁ ତୃତୀୟ ସ୍ଥାନରେ ରହିଥିଲେ। ସେହି ଭଳି ମହିଳା ବର୍ଗରେ ଉତ୍ତର ପ୍ରଦେଶର କେ.ଏମ ସନ୍ଧ୍ୟାରାଣୀ ପଲ ପ୍ରଥମ, ନିଶା ଦ୍ୱିତୀୟ ଓ ପଶ୍ଚିମ ବଙ୍ଗର ମଦିନା ପଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ୨୦ଜଣଙ୍କୁ ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ମେଡାଲ ପ୍ରଦାନ କରାଯାଇଥିଲା। ସେହିଭଳି, ମିନି ମାରାଥନରେ ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ, ଦିପ୍ତୀରାଣୀ ସାହୁ ଦ୍ୱିତୀୟ, ଇତିଶ୍ରୀ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ, ପୁରୁଷ ବିଭାଗରେ ବିଶାଲ ବର୍ମା ପ୍ରଥମ, ସୁଦର୍ଶନ ବିନ୍ଦ ଦ୍ୱିତୀୟ, ଓ ସିଦ୍ଧାର୍ଥ ଗୌତମ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ବିଭାଗରେ ମଧ୍ୟ ଶ୍ରେଷ୍ଠ ୧୦ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଏବଂ ତତ୍ତ୍ୱାବଧାନରେ ସାହାଯ୍ୟ କରିଥିବା ଅଧିକାରୀ, ବିଭିନ୍ନ ପ୍ରଶାସନିକ ପଦାଧିକାରୀ ଓ କ୍ରୀଡା ବିଭାଗର ସମସ୍ତ ଆୟୋଜକଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚପରିଚାଳନାରେ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ କୁମାର ପଣ୍ଡା, ଅତିରିକ୍ତ କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଓରମାସ ଡେପୁଟି ସିଇଓ ବିମାନ ମଲ ପ୍ରମୁଖ ସହଯୋଗ କରିଥିବାବେଳେ ପୋଲିସ, ବନ ବିଭାଗ, ବାରିପଦା ଉପଖଣ୍ଡର ସମସ୍ତ ତହସିଲଦାର, ବିଡ଼ିଓ ଓ ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ କାର୍ଯ୍ୟକ୍ରମର ଆବଂଟିତ ସମସ୍ତ ସମସ୍ତ ଦାୟିତ୍ୱ ନିର୍ବାହ କରି ଏହି ମୟୂରଭଞ୍ଜ ହାଫ୍ ମାରାଥନକୁ ସଫଳ ରୂପାୟନ ଦେଇଥିଲେ।

# ତନ୍ମୟଙ୍କୁ ସ୍ୱାଗତ କଲେ ହଜାର ହଜାର ଶ୍ରମିକ




ପାରାଦୀପ , (ଜି. ପ୍ର) :ପାରାଦୀପରେ ଆଜି ପହଁଞ୍ଚିଛନ୍ତି ସର୍ବଭାରତୀୟ ଶ୍ରମିକ ନେତା ତନ୍ମୟ ଜେନା ଏଫସିଆଇ ଇଉନିୟନ ର ସଭାପତି ତଥା ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ଇଉନିୟନର ସଭାପତି ତନ୍ମୟ ଜେନା ସ୍ୱର୍ଗତ ବିଶିଷ୍ଟ ଶ୍ରମିକ ନେତା ଘନଶ୍ୟାମ ଜେନାଙ୍କର ପୁତ୍ର ଅଟନ୍ତି । ବନ୍ଦର ନଗରୀ ପାରାଦୀପର ଅନେକ ଶ୍ରମିକ ସଂଗଠନ ତନ୍ମୟ ଜେନାଙ୍କୁ ସ୍ଥାନୀୟ ଦୋଛକି ଠାରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପାଛୋଟି ଆଣିଥିବା ଦେଖିବାକୁ ମିଳିଥିଲା । ପିପିଏଲ , ଇଫକୋ , ତାରେଣୀଗଡ଼ା , ଅଠରବାଙ୍କୀ ଓ ଥାନା ଛକରେ ଶ୍ରମିକ ମାନେ ଶ୍ରୀ ଜେନାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱର୍ଗତ କରୁଥିବା ବେଳେ ନୂଆବଜାର ସ୍ଥିତ ସଂଘ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତାଙ୍କୁ ପାଛୋଟି ଅଣାଯାଇଥିଲା । ଶ୍ରୀ ଜେନାଙ୍କର ଏହା ତିନି ଦିନିଆ ଗ୍ରସ୍ତ ଥିବା ବେଳେ ଆସନ୍ତାକାଲି ସଂଘର ସାଧାରଣ ପରିଷଦ ବୈଠକରେ ସେ ଯୋଗଦେବେ । ତାଙ୍କ ଗ୍ରସ୍ତ ସମୟରେ ଶ୍ରମିକ ମାନଙ୍କ ସମସ୍ୟା ସୁଧାରିବା ପାଇଁ ସେ ପାରାଦୀପରେ ଥିବା ବିଭିନ୍ନ କମ୍ପାନୀ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବାବେଳେ ସ୍ୱର୍ଗତ ଘନଶ୍ୟାମ ଜେନାଙ୍କ ପରି ସେ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ଦିଗରେ ଶତଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି । ସ୍ୱର୍ଗତ ଘନଶ୍ୟାମ ଜେନାଙ୍କର ଆଶୀର୍ବାଦକୁ ପାଥେୟ କରି ସେ ଶ୍ରମିକ ମାନଙ୍କ ପାଇଁ ଲଢେଇ ଜାରି ରଖିବା ସହ ବିଭିନ୍ନ କମ୍ପାନୀ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି । ତାଙ୍କ ସହ ସଂଘର କାର୍ଯ୍ୟକାରି ସଭାପତି ଆରଏନ ଦାସ ଆସିଥିବା ବେଳେ, ସାଧାରଣ ସମ୍ପାଦକ ସନାତନ ବେହେରା , ଇଫକୋ କର୍ମଚାରୀ ଇଉନିୟନର ସମ୍ପାଦକ ପରେଶ ପ୍ରଧାନଙ୍କ ସହ ଅନେକ ତୁଙ୍ଗ ଶ୍ରମିକ ନେତା ମଧ୍ୟ ଯୋଗଦେଇଥିବା ଦେଖିବାକୁ ମିଳିଛି

## ପ୍ରଶିକ୍ଷଣ ଶିବିରର ଭିତ୍ତିପ୍ରସ୍ତର

ଦାନଗଦି, (ସବ୍ୟୁ): କଳିଙ୍ଗନଗର ରେ ହେବାକୁ ଯାଉଥିବା ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ନିର୍ମାଣଧିନ ପ୍ରଶିକ୍ଷଣ ଶିବିର ତା ୧୯/୦୧/୨୫ ରିଖ ଦିନ ଶୁଭ ଭିତି ପ୍ରସ୍ତର ସ୍ଥାପନ ହୋଇଯାଇଛି । ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଉପସ୍ଥିତିରେ ପ୍ରଶିକ୍ଷଣ ଶିବିର ଉଦ୍ଘାଟନ ହୋଇଥିବାବେଳେ ମହାପ୍ରଭୁ ଜଗନ୍ନାଥଙ୍କ ଫଟଚିତ୍ରରେ ପୁଷ୍ପଦାନକରି ଦୀପ ପ୍ରଜ୍ୱଳନ କରାଯାଇଥିବାବେଳେ , ସ୍ଥାନୀୟ ସାରଙ୍ଗପୁର ,ବାରଗଡିଆ ଗ୍ରାମର ଅନେକ ଗୁରୁଜନ ଉପସ୍ଥିତ ଥିଲେ । ମନ୍ତ୍ରୀ କହିଥିଲେ ପ୍ରଶିକ୍ଷଣ ଶିବିର ସଫଳ କରାଇ ଆଗାମୀଦିନରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ତାଲିମ ଦିଆଯିବା ସହ ସମସ୍ତ କାରଖାନା ମାନଙ୍କୁ ତାଲିମ ପାଇ ନିଯୁକ୍ତି ମିଳିବ । ଏ ଅଞ୍ଚଳବାସୀ ଉନ୍ନତି ସହ ଶିକ୍ଷିତ ଯୁବକ ଯୁବତୀ ମାନେ ସ୍ଥାନୀୟ କାରଖାନା ମାନଙ୍କରେ ନିଯୁକ୍ତି ମଧ ପାଇବେ ।

# ମା ତାରିଣୀଙ୍କ ବିଗ୍ରହ ପ୍ରତିଷ୍ଠା, କଳସ ଶୋଭାଯାତ୍ରା



ସାଲେପୁର,(ସବ୍ୟୁ) :ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ମାଛୁଆତିଠାରେ ପାଞ୍ଚଦିନ ଧରି ହେବାକୁ ଥିବା ମା ତାରିଣୀଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି । ଘଟଗାଁ ସ୍ଥିତ ମା ତାରିଣୀଙ୍କ ପୀଠରୁ ଆଜ୍ଞାମାଳଙ୍କୁ ଆଣି କଣ୍ଟାସାହି ଠାରୁ ବିରାଟ ପଟୁଆରରେ ଘଣ୍ଟ ଘଣ୍ଟା ଖୋଳ ତାଳ ଏବଂ ବିଭିନ୍ନ ବାଦ୍ୟଯନ୍ତ୍ରରେ ମା ତାରିଣୀ ପୁଜା ପାଉ ଥିବା ପୁରୁଣା ସ୍ଥାନରେ ରଖାଯାଇଥିଲା । ବଟେଶ୍ୱର ସ୍ଥିତ ମା ଭଗବତୀଙ୍କ ନିକଟ ଗୁପ୍ତ ଗଙ୍ଗା ଚିତ୍ରୋତ୍ପଳା ନଦୀ ଘାଟରୁ ପୂଜାର୍ଚ୍ଚନା କରାଯିବା ପରେ ସହ ସହ ମହିଳା ମାନେ ପାଣି ଧରି କଳସ ଶୋଭାଯାତ୍ରାରେ ବଟେଶ୍ୱରରୁ କଲେଜରୋଡ଼ ବାଟେ ସାଲେପୁର ବଜାର ମଧଦେଇ ଏକ ଆଧ୍ୟାତ୍ମିକ ପରିବେଶ ମଧରେ ମାଛୁଆତି ଠାରେ ପହଞ୍ଚି ଥିଲେ । ନୂତନ ମନ୍ଦିରରେ ଏହି କଳସି ମାନଙ୍କୁ ରଖାଯାଇ ଘଟ ସ୍ଥାପନ କରାଯାଇଥିଲା । ପ୍ରାୟଶ୍ଚିତ, ଗୋଦାନ, ଦୀକ୍ଷା ଗ୍ରହଣ, ଜଳଯାତ୍ରା, କଳସାଧିବାସ, ଅଙ୍କୁରାଧିବାସ, ଓ ମଣ୍ଡଳ କରଣ କାର୍ଯ୍ୟ ସମ୍ପାଦନ ହୋଇଅଛି । ଏହି ଆସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଷ୍ଠା ଉତ୍ସବରେ କର୍ତା କର୍ତ୍ତି ଭାବେ ସୁଧୀର କୁମାର ଶତପଥି ଓ ଶୁଭଶ୍ରୀ ଶତପଥୀ କାର୍ଯ୍ୟ କରୁଛନ୍ତି । ଚିତ୍ତରଞ୍ଜନ ଶତପଥୀ, ଅଶ୍ୱିନୀ ଦାସ,ଦିଲ୍ଲୀପ ବରାଳ, ସମ୍ବିତ ଦାସ, ଅଜୟ ସାହୁ, ବିରାଜ ପାତ୍ର, ଧୀରେନ୍ଦ୍ର ପଣ୍ଡା, ଶଶୀଭୂଷଣ ଭୂୟାଁ, ବିମଳ ଖୁଣ୍ଟିଆ, ଦେବାଶିଷ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୨୨ରୁ ତିନିଦିନିଆ ଶାରଳା ନାଟକ ଉତ୍ସବ

# ଯୋଗଦେବେ ଫ୍ରାନ୍ସ ଓ ବେଲଜିୟମର ନାଟ୍ୟକର୍ମୀ

ଜଗତସିଂହପୁର,(ସବ୍ୟୁ) :ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ଗଠିତ 'ପ୍ରଥମା ଫାଉଣ୍ଡେସନ୍' ପକ୍ଷରୁ ଚଳିତ ମାସ ୨୨, ୨୩ ଓ ୨୪ ତିନି ଦିନ ଧରି ପ୍ରଥମ ରାଜ୍ୟସ୍ତରୀୟ 'ଶାରଳା ନାଟକ ଉତ୍ସବ-୨୦୨୫' ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ପ୍ରତ୍ୟହ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ।ଏହି ଅବସରରେ ଆଜି ଜଗତସିଂହପୁର ସଦର ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଶାରଳା ନାଟକ ଉତ୍ସବର ସମ୍ପାଦକ ସୋମନାଥ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି ।ଏହି ନାଟ୍ୟ ଉତ୍ସବରେ ରାଜ୍ୟର ପ୍ରମୁଖ ତିନୋଟି ନାଟ୍ୟାନୁଷ୍ଠାନ ଯୋଗଦେବେ।ପ୍ରଥମ ଉଦ୍ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱର ବିଦ୍ୟାକନକ ସୃଜନାନୁଷ୍ଠାନ ଗୋଦାବରିଶ ମହାପାତ୍ରଙ୍କ କାଳଜୟୀ କାହାଣୀ 'ମାଗୁଣିର ଶଗଡ଼' ପରିବେଶଷ କରିବାକୁ ଥିବା ବେଳେ ଦ୍ୱିତୀୟ ଦିନ କାନମାସ୍, ପାରାଦୀପ ପରିବେଷଣ କରିବେ ନାଟକ 'ମିଥ୍ୟାବାଦୀ ଜିନ୍ଦାବାଦ'। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ଡ. ଇତି ସାମନ୍ତଙ୍କ ରଚିତ ନାଟକ 'କାନ୍ତ କାନ୍ତା' କାଦମ୍ବିନୀ ମିଡିଆ ପ୍ରଯୋଜନାରେ ଭୁବନେଶ୍ୱର ରଙ୍ଗମ୍ ନାଟ୍ୟସଂସ୍ଥା ଏହି ନାଟକ ପରିବେଷଣ କରିବେ।ଚଳିତ ବର୍ଷ ପ୍ରତ୍ୟକ ସନ୍ଧ୍ୟାକୁ ଜଣେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ନାମରେ ଉତ୍ସର୍ଗ କରାଯାଇଛି। ଏହି ନାଟକ ଉତ୍ସବରେ ଫ୍ରାନ୍ସର ମଞ୍ଚ ନିର୍ଦ୍ଦେଶକ ପାର୍ଟୀକ ନାଭାଡ ଓ ବେଲଜିୟମର ନାଟ୍ୟ ପ୍ରଶିକ୍ଷକ ଓ ଅଭିନେତା ଅଲିଭର ନୋନୋ ଯୋଗଦେବେ। ବୁଧବାର ସନ୍ଧ୍ୟାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକ,ସାଂସଦ ଓ ନାଟ୍ୟ ବ୍ୟକ୍ତିତ୍ୱମାନେ ଉପସ୍ଥିତ ରହି 'ଶାରଳା ନାଟକ ଉତ୍ସବ'କୁ ଉଦ୍ଘାଟନ କରିବେ। ଆଜି ସାମ୍ବାଦିକ ସମ୍ମିଳନୀରେ ଶାରଳା ନାଟକ ଉତ୍ସବର ସମ୍ପାଦକ ଶ୍ରୀ ପରିଡାଙ୍କ ସମେତ କଳା ସମ୍ପାଦକ ଅଜୟ କୁମାର ଗୋଛାୟତ,ସଂଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ,କୋଷାଧକ୍ଷ ଦୁର୍ଗା ପ୍ରସାଦ ସ୍ୱାଇଁ, କ୍ରିଏଟିଭ ହେଡ ସୁଦୀପ୍ତ ସୁନ୍ଦର ସ୍ୱାଇଁ, ଉପସଭାପତି କାଳୀ କିଙ୍କର ମହାନ୍ତି,ସହ ସମ୍ପାଦକ ବିଧାନ ନାୟକ,ସହ କୋଷାଧକ୍ଷ ସୁଦୀପ୍ତ ପରିଡା,ନାଟ୍ୟ କର୍ମୀ ଶାରଦା ଦାସ,ଦିଲୀପ ଗୋଛାୟତ,ବିଜୟ କୁମାର ରାଉତ,ଆଇନଜୀବୀ ନରେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀ ଅରବିନ୍ଦ ପାଠଚକ୍ର ବାର୍ଷିକୋତ୍ସବ

ବିଂଝାରପୁର,(ସବ୍ୟୁ) :କଏଣା ସୟଦପୁରସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ପାଠଚକ୍ରର ଶ୍ରୀମା ,ଶ୍ରୀଅରବିନ୍ଦଙ୍କ ଅନୁଗାମୀ ମାନେ ଯୋଗ ଦେଇଥିଲେ। ଏହି ଉତ୍ସବରେ ପାଠଚକ୍ର ସମୂହର ବ୍ଲକ ସଭାପତି, ପ୍ରାଧ୍ୟାପକ ଡଃ ଚତୁର୍ଭୁଜ ସାହୁ ସଭାପତିତ୍ୱ କରିଥିଲେ। ଆବାହକ ନାରାୟଣ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟର ଅବତରଣ,ଅଭିବ୍ୟକ୍ତି ଓ ପୃଥିବୀ ପୃଷ୍ଠରେ ଏହାର କ୍ରିୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବକ୍ତା ଅଜୟ କୁମାର ସାମଲ ଏ ସମ୍ପର୍କରେ କହିଲେ ଯେ ଶ୍ରୀଅରବିନ୍ଦ ପୃଥିବୀ ପୃଷ୍ଠରେ ଜନ୍ମ ନେଇଥିଲେ ଅତିମାନସ ସତ୍ୟର ଅବତରଣ ପାଇଁ। ପୃଥିବୀ ପୃଷ୍ଠରେ ।ତିମାନସ ଦିବ୍ୟ ଚେତନା ଓ ଦିବ୍ୟଶକ୍ତିର ଅଭିବ୍ୟକ୍ତି ପରଠାରୁ ସମସ୍ତଙ୍କ ମଧ୍ୟରେ ଏକ ଯଥାର୍ଥ ସାମ୍ପ୍ରଦାୟିକ ଜୀବନର ଅପରିହାର୍ଯ୍ୟତା ଜାଗୃତି ହୋଇଛି ଯାହକି କେବଳ ତୁଚ୍ଛ ପାର୍ଥିବ ପରିସ୍ଥିତି ସବୁ ମଧ୍ୟରେ ଆଧାରିତ ହୋଇ ରହିବ ନାହିଁ। ଏ ସମ୍ପର୍କରେ ଯାଜପୁର ଜିଲ୍ଲା ସଂଗଠକ ପୁରୁଷୋତମ ନାୟକ, ପ୍ରଫେସର ମୀନକେତନ ତ୍ରିପାଠୀ ଅବସର ପ୍ରାପ୍ତ ଅଧ୍ୟାପକ ରବି ନାରାୟଣ ନନ୍ଦ ଆଦି ଆଲୋଚନା କରିଥିଲେ। ପ୍ରତିଜ୍ଞା ସାହୁ ,ପଦ୍ମିନୀ ସାହୁ,ବସନ୍ତ କୁମାର ସାହୁ ଓ ମୀନକେତନ ସାହୁ ଭକ୍ତି ସଂଗୀତ ପରିବେଷଣ କରିଥିଲେ। ଶେଷରେ ସଭାପତି ଡଃ ସାହୁ ତାଙ୍କ ଅଭିଭାଷଣରେ କହିଲେ ଯେ ପୃଥିବୀ ପୃଷ୍ଠରେ ଶାନ୍ତି, ସମତା, ଭ୍ରାତୃତ୍ୱ ଓ ସତ୍ୟର ପ୍ରତିଷ୍ଠା ,ଆଜିର ଅଜ୍ଞାନତା,ଅନ୍ୟାୟ,ଦୁଃଖ ଯନ୍ତ୍ରଣା ରୋଗ, ଶୋକରୁ ମୁକ୍ତ ହେବା ପାଇଁ ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ,ସାଧନାକୁ ଆପଣେଇ ନେଲେ ଦିବ୍ୟ ଜୀବନ ପ୍ରାପ୍ତି ହୋଇ ପାରିବା ଶିକ୍ଷାବିତ ରବି ପ୍ରସାଦ ସାମଲ ସମ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପୁସ୍ତକ ମେଳାର ପଞ୍ଚମ ସଂଧ୍ୟା

# ଓଡିଆ ଭାଷା ସାହିତ୍ୟକୁ ଜଗତସିଂହପୁରର ଅବଦାନ ଅତୁଳନୀୟ

ଜଗତସିଂହପୁର(ସବ୍ୟୁ ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳାର ଆଜି ଥିଲା ପଞ୍ଚମ ସଂଧ୍ୟା । ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ମାଣିଆ ଅଧ୍ୟକ୍ଷତା କରିଥିଲେ । ଆଜିର ଆସରର ବିଷୟ ବସ୍ତୁ ଥିଲା ଓଡ଼ିଆ ଭାଷା ସାହିତ୍ୟ ଓ ଆମ ଜଗତସିଂହପୁର । ସମ୍ମାନନୀୟ ଅତିଥି ଭାବରେ ସ୍ତମ୍ଭକାର ତଥା ଯୁବ ସାହିତ୍ୟିକ ପରମବ୍ରହ୍ମ ତ୍ରିପାଠୀ ଜଗତସିଂହପୁର ମାଟିର ଭାଷା ଓ ସାହିତ୍ୟ କାଳଜୟୀ ବୋଲି କହିଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି ଅବସରପ୍ରାପ୍ତ ପ୍ରଶାସକ, ସାହିତ୍ୟିକ ମନୋଜ ମହାନ୍ତି କହିଥିଲେ ମାଟିର ମହାକବି ଶାରଳା ଦାସ ହେଉଛନ୍ତି ମାଟିର ପ୍ରଥମ ବିପ୍ଳବୀ । ପ୍ରାଚୀନ ଭାଷାକୁ ସାହିତ୍ୟରେ ରୂପାନ୍ତରିତ କରିଥିଲେ ଶାରଳା ଦାସ । ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାହିତ୍ୟିକ ଡ ଇଂ ପ୍ରଭାକର ସ୍ୱାଇଁ ଶାରଳା ଦାସ ଓ ଶାରଳା ସାହିତ୍ୟ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ଶିଶିର କୁମାର ତ୍ରିପାଠୀ ବେଦପାଠ କରିଥିବା ବେଳେ ପରିଷଦର ଯୁଗ୍ମ ସମ୍ପାଦକ ନରେଶ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଆଜିର ସାହିତ୍ୟ ଆସର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ରାହାସ ବିହାରୀ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଏହି ଅବସରରେ ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା । ପରିଶେଷରେ ପରିଷଦର କାର୍ଯ୍ୟକାରୀଣୀ ସଦସ୍ୟ ଅବନୀକାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ସାହିତ୍ୟ ଅନୁଷ୍ଠାନଝଙ୍କଡ ସାହିତ୍ୟ ସଂସଦ,ତିର୍ତ୍ତୋଲ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ରାହାସ ବିହାରୀ ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ପରିଷଦର କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀ, ସମ୍ପାଦକ ସାରଦା ପ୍ରସାଦ ଦାସ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ,ଯୁଗ୍ମ ସମ୍ପାଦକ ଡ଼ ସୁଧୀର କୁମାର ମହାନ୍ତି, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର,ଡ ଜ୍ୟୋର୍ତିମୟୀ ମହାନ୍ତି,ସଦସ୍ୟ ଡ଼ ପ୍ରଦୀପ କୁମାର ଶତପଥୀ, ମଧୁସୂଦନ ସାହୁ,ମନୋଜ ଦାଶ, ମାନସ କୁମାର କାନୁନଗୋ, ନିବେଦିତା ମହାନ୍ତି,ସୁଷମା ପ୍ରଧାନ, ଅମିତା ଦାସ, ବିପ୍ଳବୀ ଶୁଭାଙ୍ଗୀ,ବିବେକାନନ୍ଦ ବଳ, ଦେବର୍ଷି ମହାନ୍ତି,ମହିମା ସ୍କୁଲ୍ ଅଫ୍ ନର୍ସିଂ, ରେଡ଼ିଓ ସଂସ୍କାର ର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

# ପଞ୍ଚାୟତସ୍ତରୀୟ ସ୍ୱାସ୍ଥ୍ୟ ଶିବିର

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରଚେଷ୍ଟାରେ ପଣ୍ଡିତ ଦିନଦୟାଲ ଉପାଧାୟଙ୍କ ସ୍ମୃତିରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କିଗଡ଼ିଆ ପ%ାୟତ କଲ୍ୟାଣ ମଣ୍ଡପ ପରିସରରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ତରଫରୁ ପ%ାୟତ ସ୍ତରୀୟ ସ୍ୱାସ୍ଥ୍ୟ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି।ଏହି ସ୍ୱାସ୍ଥ୍ୟ ମେଳାକୁ କିଗଡ଼ିଆ ପ%ାୟତର ସରପ% ପ୍ରଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଲେଖ ସେଠୀ ଏବଂ ପୂର୍ବତନ ସରପ% କାହ୍ନୁ ଚରଣ ଜେନା ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଏହି ଶିବିରରେ କିଗଡ଼ିଆ,ପାଇକରାପୁର,ପିପ୍ପଳୀଡିହ,ହରିଚନ୍ଦନପୁର ଓ ଗାନ୍ଧିଛକ ଆଦି ଗ୍ରାମର ୫୦୦ରୁ ଉର୍ଦ୍ଧ ରୋଗୀ ଏହି ମେଳାରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ନେଇଥିଲେ।ଏହି ମେଳାରେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ,ଭୁବନେଶ୍ୱରର ଚକ୍ଷୁ, ଭେଷଜ, ଶିଶୁ ଓ ଅସ୍ତ୍ରିଶଲ୍ୟ ଆଦି ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀମାନେ ଅଂଶ ଗ୍ରହଣ କରି ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।ଏହି ସ୍ୱାସ୍ଥ୍ୟ ମେଳାକୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ତରଫରୁ ଜିତେନ୍ଦ୍ର ରାଉତ, ଲୋକନାଥ ମହାନ୍ତି, ରବିନ୍ଦ୍ରନାଥ ବରାଳ,ସୁଧାଂଶୁ ସାମଲ,ଶ୍ରୀମନ୍ତ ଜେନା,ସୁରେଶ ସ୍ୱାଇଁ, ନଗେନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ଦାସ,ଅରକ୍ଷିତ ରାଉତ,ସୂର୍ଯ୍ୟମଣି ରାଉତ ପ୍ରମୁଖ ପରିଚଳନା କରିଥିଲେ।

# ଜିଲ୍ଲା ପରିଷଦ ପାଣ୍ଠିରେ ଚଉଦକୁଳାଟ ପ୍ୟାକ୍ସରେ ପାନୀୟ ଜଳ ପ୍ରକଳ୍ପ

କେନ୍ଦ୍ରାପଡା,(ସବ୍ୟୁ) :ଚଉଦକୁଳାଟ କୃଷି ସମବାୟ ସମିତିରେ ଚାଷୀ ଭାଇ ମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରିବା ସହିତ ଧାନ ମଣ୍ଡି ଉଦ୍ଘାଟନ କରାଯାଇଛି । ଏହି ପାନୀୟ ଜଳ ପ୍ରକଳ୍ପ ଜିଲ୍ଲା ପରିଷଦ ପାଣ୍ଠିରେ ପ୍ରାୟ ଦେଢ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପନା କରା ଯାଇଛି । ସମିତିର ସଭାପତି ଦୁର୍ଗାଶିଷ ମହାନ୍ତିଙ୍କ ପୌରହିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏମଆଇ ସରୋଜିନୀ ଦଳାଇ, ଆର.ଆଇ ନଗେନ୍ଦ୍ର ପ୍ରଧାନ, ସଂପାଦକ ହେମ' ପାତ୍ର, ସରପଂଚ ରମାକା' ମଲିକ, ଦେବେନ୍ଦ୍ର ପରିଡା, ବିଭୂତି ଭୂଷଣ ମଲିକ ପ୍ରମୁଖ ଯୋଗ ଦେଇ ଚାଷୀମାନେ କିଭଳି ସୁରୁଖୁରୁ ରେ ନିଜର ଧାନ ବିକ୍ରି କରିପାରିବେ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ରେ ଧାନ କମିଟିର ସଭ୍ୟ, ସମିତିର ନିର୍ଦ୍ଦେଶକ, ବରିଷ୍ଠ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୪୩ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

# ୟୁନିକ ଭଦ୍ରକକୁ ହରାଇ ଏମସିସି ଭୁବନେଶ୍ୱର ଚାମ୍ପିଅନ

ରାଜନଗର,(ସବ୍ୟୁ) : ବଡପଲ୍ଲୀସ୍ଥିତ ଚଂଚଳା ମିନି ଷ୍ଟାଡିୟମରେ ପଲ୍ଲୀଶ୍ରୀ ଯୁବକ ସଂଘ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଂଚଳା ଟ୍ରଫିର ମେଗା ଫାଇନାଲରେ ଏମସିସି ଭୁବନେଶ୍ୱର ୩ ଉଇକେଟରେ ୟୁନିକ କ୍ରିକେଟ ଟିମ ଭଦ୍ରକକୁ ହରାଇ ଚମ୍ପିୟାନ ହୋଇଛି । ଟସ୍ ଜିତି ଏମସିସି ଭୁବନେଶ୍ୱର ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତି ନେଇଥିଲା । ୟୁନିକ କ୍ରିକେଟ ଟିମ ଭଦ୍ରକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୯ ରନ କରିଥିଲା । ଦଳର ଜୀବନ ଜେନା ୨୮ ବଲରୁ ୫ଟି ଛକା ସହାୟତାରେ ୪୦ ରନ କରିଥିଲେ । ଭୁବନେଶ୍ୱରର ସତ୍ୟଜିତ ସିଂହଦେଓ ୪ ଓଭରରେ ୨୭ ରନ ଦେଇ ୩ଟି ଉଇକେଟ ଓ ବିସ୍ମୟ ରାଉତ ୪ ଓଭରରେ ୨୦ ରନ ଦେଇ ୩ ଉଇକେଟ ନେଇଥିଲେ । ୧୪୦ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଏମସିସି ଭୁବନେଶ୍ୱର ୧୬ ଓଭରରେ ୭ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା । ଦଳର ରମଣୀ ରଂଜନ ଜେନା ୩୦ ବଲରୁ ୩ଟି ଛକା ଓ ୪ଟି ଚଉକା ସହାୟତାରେ ୪୭ ରନ ତନ୍ମୟ ବିଶ୍ୱାଳ ୨୩ ବଲରୁ ୩୩ ରନ କରି ଦଳକୁ ବିଜୟୀ କରାଇଥିଲେ । ଭଦ୍ରକର ହୀରକ ସିଂ ୪ ଓଭରରେ ୨୯ ରନ ଦେଇ ୩ ଉଇକେଟ ନେଇଥିଲେ । ୪୭ରନ କରି ଦଳକୁ ବିଜୟୀ କରାଇଥିବା ରମଣୀ ରଂଜନ ଜେନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା । ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି , କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ବକ୍ତା, ରାଜନଗର ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହିତ ନଗଦ ୫୦ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହିତ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ । ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ତପନ କୁମାର ପରିଡା, ସଂପାଦକ ଅଭିମନ୍ୟୁ ପ୍ରତିହାରୀ ଓ ଯୁବକ ସଂଘର ସଦସ୍ୟମାନେ ଖେଳ ପରିଚାଳନା କରିଥିଲେ ଛ ଫାଇନାଲ ମ୍ୟାଚ ଦେଖିବାକୁ ହଜାର ହଜାର କ୍ରୀଡା ପ୍ରେମୀଙ୍କ ଭିଡ ଜମିଥିଲା ।

# କନିକା ସାହିତ୍ୟ –ସଂସ୍କୃତି ପରିଷଦର ମକରମିଳନ

ରାଜକନିକା ,(ସବ୍ୟୁ) :କନିକା ସାହିତ୍ୟ –ସଂସ୍କୃତି ପରିଷଦ ରାଜକନିକାର ମକରମିଳନ ଉତ୍ସବ ୧୮ ତାରିଖ ଶନିବାର ଦିନ ସ୍ଥାୟୀ ସଭାପତି ବିରେନ ମିତ୍ର ରାଉତରାୟଙ୍କ ଅଧକ୍ଷତା ରେ କନିକେଶ୍ୱରୀ ଦୁର୍ଗା ମନ୍ଦିର ଅଶୋକବଜାର ଠାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ କନିକାର ବିଶିଷ୍ଟ ସାହିତ୍ୟିକମାନେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ କଳା ସଂସ୍କୃତି ର କିପରି ପ୍ରଚାର ପ୍ରସାର ଏବଂ ତାର ସମୃଦ୍ଧି କରାଯାଇପାରିବ ସେ ବିଷୟରେ ମତବ୍ୟକ୍ତ କରିଥିଲେ । ସମ୍ପାଦକ ପତିତପାବନ ବେହେରା ସ୍ୱାଗତ ଭାଷଣ ରଖି ଥିଲେ । ପରିଷଦର ମୁଖ୍ୟ ପରାମର୍ଶ ଦାତା ପ୍ରଫେସର ବୈକୁଣ୍ଠ ନାଥ ପରିଡା ସାରସ୍ୱତ ମାଟି କନିକାର ସମସ୍ତ ସ୍ରଷ୍ଟା ହେଉଛନ୍ତି ଜଣେ ଜଣେ ଉଜ୍ୱୋଳ ନକ୍ଷତ୍ର ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ରୀତିକବି ଦୟାନିଧି ଦାସ, ନାଟ୍ୟକାର ଅଶୋକ ବେହେରା, କବୟିତ୍ରୀ ନିରୁପମା ମଲ୍ଲିକ, ସାବିତ୍ରୀ ମାହୁନ୍ତ, କବି ଭାଗିରଥି ନାୟକ, ପ୍ୟାରୀମୋହନ ସ୍ୱାଇଁ, ନବକିଶୋର ସୁତାର, ମୁରଲୀଧର ବେହେରା, ହରେକୃଷ୍ଣ ବାରିକ, ଖଗେଶ୍ୱର ପଢିହାରୀ, ମନୋଜ ସେନାପତି, ଦିଗମ୍ବର ପତି ପ୍ରମୁଖ ଅଭିଭାଷଣ ରଖିଥିବା ବେଳେ ବିଶିଷ୍ଟ ଶିକ୍ଷାବିତ କୈଳାସ ଚନ୍ଦ୍ର ନାୟକ, ଜନ୍ମେଜୟ ମହାନ୍ତି, କବି ନିରୋଦ ନାୟକ, ନିମଳ ଚନ୍ଦ୍ର ରାୟ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ ।

## ଡ୍ରାଇଭର ମୃତ୍ୟୁରେ କ୍ୟାଣ୍ଡେଲ ଶୋଭାଯାତ୍ରା

କୁଆଖିଆ,(ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗପାଳ ଗ୍ରାମର ଡ୍ରାଇଭର ଧ୍ରୁବଚରଣ ଗୁରୁଙ୍କର ଅକାଳରେ ମୃତ୍ୟୁ ବରଣ ହୋଇଥିବାରୁ ଓଡିଶା ଡ୍ରାଇଭର ମହାସଂଘ ଯାଜପୁର ଜିଲ୍ଲା ରସୁଲପୁର ଶାଖାର ନିଷ୍ପତିକ୍ରମେ ଏକ ବିରାଟ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ତାଙ୍କ ବାସଭବନରେ ପହଂଚି ଧ୍ରୁବଚରଣଙ୍କ ଅମର ଆତ୍ମର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇ ଶୋକ ପ୍ରକଟ ହୋଇଥିଲା । ଏଥିରେ ସଂଘ ପକ୍ଷରୁ ୪୫୩୫୦ ଟଙ୍କା ସହାୟତା ରାଶି ତାଙ୍କ ପରିବାରଙ୍କୁ ଦିଆଯାଇଥିଲା । ଯାଜପୁର ଜିଲା ସଭାପତି ମାନସ ରଂଜନ ଦେବତା, ସମ୍ପାଦକ ଶରତ ଚନ୍ଦ୍ର ବେହେରା , ସହ-ସମ୍ପାଦକ ଶଶିକାନ୍ତ ବେହେରା, ଲୋକନାଥ ପୁରି , ଅଶୋକ ରାମଭାଇ , ସଂଯୋଜକ ହିରାଲାଲ ଭାଇ , ରସୁଲପୁର ବ୍ଲକ୍ କମିଟି ସଭାପତି ପ୍ରଦିପ୍ତ ଦାସ, ଉପ -ସଭାପତି କୃଷ୍ଣଚନ୍ଦ୍ର ପାଢୀ, ସମ୍ପାଦକ ରଂଜିତ ଓଝା, ସହ-ସମ୍ପାଦକ ଅଧିର ସେଠୀ, ପ୍ରଶାନ୍ତ ଦାସ, ପ୍ରଦ୍ୟୁନ୍ନ ଦାସ, ରବିନ୍ଦ୍ର ସାମଲ,ପରଣୀ ଭାଇ ଓ ସଭ୍ୟମାନେ ଶ୍ରଦ୍ଧାଜଂଳି ଜଣାଇଥିଲେ ।

## ବ୍ରଜମହାକାଳୀ କ୍ରିକେଟ୍ କ୍ଲବ ଝାଡେଶ୍ୱରପୁର ପକ୍ଷରୁ କ୍ରିକେଟ୍ ମ୍ୟାଚ

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକ ଅର୍ନ୍ତଗତ ଭଦ୍ରେଶ୍ୱର ପଂଚାୟତର ଝାଡେଶ୍ୱରପୁର ଠାରେ ବଜ୍ରମହାକାଳୀ କ୍ରିକେଟ୍ କ୍ଲବ ପକ୍ଷରୁ ଏକଦିବସୀୟ କ୍ରୀକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ୍ ମ୍ୟାଚରେ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଅମ୍ପାୟାର ଭାବେ ସୌଭାଗ୍ୟ ବାରିକ , ଚୌ.ଉମାକାନ୍ତ ପ୍ରହରାଜ ଖେଳ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭରତ ଚନ୍ଦ୍ର ପ୍ରଧାନ, ବିଶ୍ୱଭୂଷଣ ପ୍ରଧାନ,ସ୍ତମ୍ଭକାର ବିବେକାନନ୍ଦ ଦାସ ଯୋଗଦେଇ ଚମ୍ପିଆନ୍ ଝାଡେଶ୍ୱରପୁର ଟିମ୍ ଓ ରର୍ନସ ଭାବେ ଉମର ଟିମ୍‌ଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନାରେ ଚୌ.ସୌମ୍ୟରଂଜନ ପ୍ରହରାଜ, ଚୌ.ଜ୍ୟୋତି ପ୍ରକାଶ ପ୍ରହରାଜ, ଚୌ.ବାଦଲ ପ୍ରହରାଜ, କାଳନ୍ଦି ସାମଲ, ଧନଞ୍ଜୟ ମହାନ୍ତି, ହେମନ୍ତ ମହାନ୍ତି, ସୁନିଲ ଭୋଇ, ହରିହର ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ବହୁ ଯୁବକ ଦର୍ଶକଭାବେ ଉପସ୍ଥିତ ରହିଥିଲେ।

# ଜନରାଜ୍ୟ ଦିବସ ପ୍ୟାରେଡ଼ରେ ଡେରାବିଶର ଲକ୍ଷପତି ଦିଦି ସ୍ୱତନ୍ତ୍ର ଅତିଥି

ଡେରାବିଶ,(ସବ୍ୟୁ) :ଆସନ୍ତା ୨୬ ତାରିଖରେ ରାଧାନୀ ନୂଆଦିଲ୍ଲୀ ଠାରେ ହେବାକୁଥିବା ଜନରାଜ୍ୟ ଦିବସରେ ଡେରାବିଶ ବ୍ଲକ ଅଂଚଳର ଜଣେ ଲକ୍ଷପତି ଦିଦି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣ ପାଇଛନ୍ତି । ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ବିଭାଗୀୟ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନାଙ୍କ ପକ୍ଷରୁ ଏକ ଚିଠି ସମ୍ବଳିତ ନିମନ୍ତ୍ରଣ ପତ୍ର ଡେରାବିଶ ବ୍ଲକ ଅଂଚଳ ଜଣେ ଲକ୍ଷପତି ଦିଦିଙ୍କ ନିକଟରେ ପହଂଚିଛି । ଉକ୍ତ ତାଲିକାରେ ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପର ସମ୍ପାଦିକା ଲକ୍ଷପତି ଦିଦି ରେଶମା ବେଗମଙ୍କ ନାମ ରହିଛି । ରେଶମା ଏବଂ ତାଙ୍କ ସ୍ୱାମୀ ସୋଲେମାନ ଖାନ ଆସନ୍ତା ୨୨ ତାରିଖ ସକାଳେ ରେଳ ଯୋଗେ ନୂଆଦିଲ୍ଲୀ ଯାଇ ୨୬ ତାରିଖ ଦିନ ପ୍ୟାରେଡ଼ ଦେଖିବେ । ଏହି ଅବସରରେ ରେଶମା କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ରେଶମା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପର ମହିଳା ସଦସ୍ୟାମାନଙ୍କ ଦ୍ୱାରା ଉତ୍ପାଦିତ ଏମ୍ବ୍ରୋଡେରୀ କାର୍ଯ୍ୟ ଓଡ଼ିଶା କାହିଁ ସାରା ଭାରତରେ ପ୍ରସିଦ୍ଧି ଲାଭ କରିଛି । ସୂଚନାଯୋଗ୍ୟ ଏହି ପ୍ୟାରେଡ୍ ଦେଖିବା ପାଇଁ ଡେରାବିଶ ବ୍ଲକର ଲକ୍ଷ୍ମୀନାରାୟଣପୁର ସରପଂଚ ଅରକ୍ଷିତ କାଣ୍ଡି ଓ ବେଣିପୁର ସରପଂଚ ମୋହନ ଚରଣ ସାହୁଙ୍କୁ ମଧ ନିମନ୍ତ୍ରଣ ହୋଇଥିବା ନେଇ ଚିଠି ସମ୍ପୃକ୍ତ ପଂଚାୟତରେ ମଧ ପହଂଚିଛି ।

# ପିପିଏଲରେ ୪୪ ପ୍ରଜାତିର ମୋଟ ୪୨ ହଜାର ୫୮୨ ଟି ବିଦେଶାଗତ ପକ୍ଷୀ



ପାରାଦୀପ,(ଜିପ୍ର):ବନ୍ଦର ନଗରୀ ପାରାଦୀପରେ ଏବେ ପ୍ରଦୂଷଣ ମାତ୍ରା ଢେର ଅଧିକ । ପ୍ରଦୂଷଣ ମାତ୍ରାରେ ଲୋକେ ଅତିଷ୍ଟ କିନ୍ତୁ ଏହି ପ୍ରତିକୂଳ ପରିବେଶ ମଧରେ ଚଳିତ ବର୍ଷ ଅଧିକ ବିଦେଶାଗତ ପକ୍ଷୀଙ୍କ ଆଗମନ ସମସ୍ତଙ୍କ ମନରେ ଏକ ନୂଆ ଆଶା ସଞ୍ଚାର କରିଛି । ଏହା ହେଉଛି ପିପିଏଲ କମ୍ପାନୀ ମଧରେ ବିଦେଶାଗତ ପକ୍ଷୀଙ୍କ ବହୁ ପରିମାଣର ଆଗମନ । ଚଳିତ ବର୍ଷ କମ୍ପାନୀ ମଧରେ ୪୪ ପ୍ରଜାତିର ପକ୍ଷୀ ଆସିଥିବା ଓ ମୋଟ ୪୨ ହଜାର ୫୮୨ ଟି ବିଦେଶାଗତ ପକ୍ଷୀ ଆସିଥିବା ଆଜି ସ୍ପଷ୍ଟ ହୋଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଆଜି ବନ ବିଭାଗ ପକ୍ଷରୁ ପିପିଏଲର କାରଖାନା ମଧରେ ଯାଇ ପକ୍ଷୀ ଗଣନା କରାଯାଇଛି । ବିଦେଶାଗତ ପକ୍ଷୀଙ୍କ ପାଇଁ ଏଠାରେ ଅନୁକୂଳ ପରିବେଶ ସୃଷ୍ଟି ହୋଇଥିବାରୁ ଚଳିତ ବର୍ଷ ପୂର୍ବ ବର୍ଷ ଅପେକ୍ଷା ଢେର ଅଧିକ ବିଦେଶାଗତ ପକ୍ଷୀଙ୍କ ଆଗମନ ଘଟିଛି । ପକ୍ଷୀମାନଙ୍କ କଳରାବରେ ଏବେ ସାରା କମ୍ପାନୀ ଅଞ୍ଚଳ କୋଳାହଳ ସୃଷ୍ଟି ହୋଇଥିବା ବେଳେ ପକ୍ଷୀ ପ୍ରେମୀମାନେ ମଧ୍ୟ ବେଶ ଉତ୍ସାହିତ ହୋଇଛନ୍ତି । ଅନୁକୂଳ ଶାନ୍ତ ପରିବେଶ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦାୟିତ୍ୱବାନ ପଦକ୍ଷେପମାନ ପାଇଁ ଏଠାରେ ପ୍ରତିବର୍ଷ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବଢିବାରେ ଲାଗୁଥିବା କୁହାଯାଉଛି । ପକ୍ଷୀମାନଙ୍କୁ ସମସ୍ତେ ଭଲ ପାଇବା ଓ ତାଙ୍କୁ ହଇରାଣ ହରକତ ନକରିବାରୁ ସେମାନଙ୍କର ସଂଖ୍ୟା ବୃଦ୍ଧି ପାଇଛି ବୋଲି କମ୍ପାନୀର କର୍ପୋରେଟ ବ୍ୟାପାର ମୁଖ୍ୟ ଶୁଦ୍ଧି ରଞ୍ଜନ ମିଶ୍ର ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

# କଣାସରେ ଥମୁନି ଝାଡ଼ାବାନ୍ତି : ପୁଣି ଆଉ ଜଣେ ମୃତ୍ୟୁ

କଣାସ,(ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକରରେ ଝାଡାବାନ୍ତି ଥମିବାର ନାଧରୁନି ଛକୁଳର ନୂଆଗାଁରେ ଝାଡା ବାନ୍ତି ବ୍ୟାପି କିଛି ଦିନ ପୂର୍ବରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଶନିବାର ଦିନ ପୁଣି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛା।ମହିଳାଙ୍କ ନାମ ମାଗି ଦଳେଇ ବୟସ( ୭୦)।ସେ ଗୁରୁବାର ଦିନ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଏଡିଏମ୍ ବିରଜା ଶଙ୍କର ରଥ କହିଛନ୍ତି। ସେହିଭଳି ଜାଗୁଲାଇପଦର,କଉଡ଼ିଖୁଣି, ନୂଆଗାଁ,ଗୋପିନାଥପୁର, ଗଡ଼ିଶା ଗୋଦା, ନାଇକୂଳପାଟଣା ଆଦି କେତେକ ଗ୍ରାମରେ ଶତାଧିକ ଲୋକ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି ଛଗତ ଦଶ ଦିନ ହେଲା ଏହି ସବୁ ଗ୍ରାମର ଲୋକମାନେ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇ ପ୍ରାଥମିକ ପର୍ଯ୍ୟାୟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଆଖ ପାଖ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ସେମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକ ଗୁରୁତର ହେଉଛନ୍ତି ତାଙ୍କୁ ପୁରୀ ଓ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଉଥିବା ଡାକ୍ତର କହିଛନ୍ତି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଓ ଗଡ଼ିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ପ୍ରାୟ ୩୦ରୁ ୪୦ ଜଣ ରୋଗୀ ଆସିଥିବା ଜଣାପଡିଛି ।ସେମାନଙ୍କ ମଧ୍ୟରୁ ପ୍ରତିଦିନ ତିନି ଚାରି ଜଣଙ୍କୁ ପୁରୀ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଥିବା ଚିକିତ୍ସା କରୁଥିବା ଡ଼ାକ୍ତର କହିଛନ୍ତି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଏହି ସମୟରେ କଣାସ ଅଞ୍ଚଳରେ ଝାଡା ବାନ୍ତି ବ୍ୟାପେ ହେଲେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପୂର୍ବ ପ୍ରସ୍ତୁତି ଓ ସଚେତନ ଅଭାବରୁ ଝାଡା ବାନ୍ତି ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଟିମ୍ ଆକ୍ରାନ୍ତ ହୋଇଥିବା ଗ୍ରାମକୁ ଯାଇ ହାଲୋଜିନ୍ ଟାବଲଲେଟ , ଓ.ଅର୍.ଏସ ଦେଇ କାର୍ଯ୍ୟ ସାରିଦେଉଥିବା ବେଳେ ଲୋକମାନଙ୍କୁ ସଠିକ୍ ସେବା ମିଳୁନଥିବାରୁ ତିନି ଜଣ ବ୍ୟକ୍ତିଙ୍କର ଝାଡା ବାନ୍ତି ଆକ୍ରାନ୍ତରେ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ବିଡ଼ମ୍ବନାର ବିଷୟ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ଗତ କିଛି ଦିନ ପୂର୍ବରୁ ବିବାଦୀୟ ହୋଇ ହରାଚଣ୍ଡି ପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ସାହୁପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଛନ୍ତି ଛକିନ୍ତୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପୁନଃଶ୍ଚ ଉକ୍ତ ବିବାଦୀୟ ଡାକ୍ତରଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଦାୟିତ୍ୱରେ ଅବସ୍ଥାପିତ କରାଯାଇଥିବାରୁ ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳରେ ସଠିକ୍ ଭାବରେ ଚିକିତ୍ସା ମିଳୁନାହିଁ ବୋଲି ଅଭିଯୋଗ ହୋଇଛି ।ସେପଟେ ରବିବାର ଦିନ ଝାଡ଼ାବାନ୍ତି ବ୍ୟାପିଥିବା ଅଞ୍ଚଳକୁ ସିଡିଏମ୍ ରୁପଭାନୁ ମିଶ୍ର,ଏଡିଏମ୍ ବିରଜା ଶଙ୍କର ରଥ,ଏଡିପିଏଚଓ ନାରାୟଣ ନନ୍ଦ,ଡଃ ଶିଳ୍ପା ଦାସ ଓ ଅନ୍ୟାନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପାନିଦ୍ୱରା ଝାଡା ବାନ୍ତି ବ୍ୟାପିଛି ବୋଲି ପ୍ରକାଶ କରିଛନ୍ତି ।

# ବେଣ୍ଟକାର ବିଦ୍ୟୁତ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା : ଏକାଠି ହେଲେ ଶତାଧିକ ଉପଭୋକ୍ତା

ଫୁଲନଖରା,(ସବ୍ୟୁ) : ବୟାଳିଶମୌଜା ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ୟୁନିୟନ ଫର କଟକ ସଦର ଡେଭଲଫମେଣ୍ଟ ସଂଗଠନର ନେତୃତ୍ୱରେ ଶତାଧିକ ବିଦ୍ୟୁତ ଉପଭୋକ୍ତା ଏକାଠି ହୋଇ ଟାଟା କମ୍ପାନୀର ଗ୍ରାହକ ଶୋଷଣ ନୀତି ବିରୁଦ୍ଧରେ ପ୍ରତିବାଦ ସଭା କରିଥିଲେ । ସଂଗଠନର ସଭାପତି ମନୋଜ କୁମାର ନାୟକଙ୍କ ଆହ୍ୱାନ କ୍ରମେ ଏହି ପ୍ରତିବାଦ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଟାଟା ପାଓାର ଗ୍ରାହକ ମାରଣ ନୀତିକୁ ନିନ୍ଦା କରିବା ସହିତ ଏକ ୫ଦଫା ଦାବି ସମ୍ବଳିତ ଦାବିପତ୍ର ବିଦ୍ୟୁତ କାର୍ଯ୍ୟାଳୟ ସହ ପରିଚାଳକଙ୍କ ଜରିଆରେ ମୁଖ୍ୟ ପରିଚାଳକଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି । ପ୍ରକାଶଥାଉକି ଗତ କିଛି ଦିନ ତଳେ ଡିସମ୍ବେର ମାସର ମିଟର ରିଡିଂ ସମୟରେ ୧୧୯୮ଟି ମିଟରକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଆଭରେଜ ବିଲ କରାଯାଇ ଉକ୍ତ ଉପଭୋକ୍ତାମାନଙ୍କୁ ନୂତନ ମିଟର




ଲଗାଇବା ପାଇଁ କମ୍ପାନୀ ତରଫରୁ କୁହାଯାଇଛି । ମାତ୍ର ୨ବର୍ଷ ତଳେ ଲାଗିଥିବା ଏହି ସ୍ମାର୍ଟ ମିଟରଗୁଡିକୁ ନିର୍ମାତା କମ୍ପାନୀ ନିଜ ତରଫରୁ ତ୍ରୁଟିଯୁକ୍ତ ବୋଲି ଘୋଷଣା କରିଥିବା କମ୍ପାନୀ ତରଫରୁ ସ୍ୱଟିକରଣ କରାଯାଇଛି। ମାତ୍ର ଉପଭୋକ୍ତା ଏହି ମିଟର ବାବଦରେ ମାସିକ ୪୦ଟଙ୍କା ଲେଖାଁଏ ପଇଠ କରି ଆସୁଥିଲା । ହଠାତ୍ ସଚଳ ମିଟରକୁ ଅଚଳ ଘୋଷଣା କରି କମ୍ପାନୀ ଉପଭୋକ୍ତାମାନଙ୍କ ଉପରେ ଏକ ଅଯଥା ଆର୍ଥିକ ବୋଝ ଲଦିବାକୁ ବିରୋଧ କରି ୟୁନିୟନ ଫର କଟକ ସଦର ଡେଭଲଫମେଣ୍ଟ ସଂଗଠନ କର୍ମକର୍ତା ପ୍ରତିବାଦ ସଭା କରିଥିଲେ । ବର୍ତମାନ ପାଇଁ ପ୍ରିପ୍ରେଡ ମିଟର ଲଗାଇବା ବନ୍ଦ କରିବା ,ତ୍ରୁଟିପୂର୍ଣ୍ଣ ବଲର ସଂଶୋଧନ,ଅନଲାଇନ ଅଭିଯୋଗ ଦାଖଲ ନିୟମକୁ ଅଫଲାଇନ କରିବା ଇତ୍ୟାଦି ଦାବି ଲିଖିତ ଭାବରେ ବେଂଟକାର ବିଦ୍ୟୁତ କାର୍ଯ୍ୟାଳୟ ସହ ପରିଚାଳକ ଦିପକ ସାହୁଙ୍କୁ ପ୍ରଦାନ କରାଯାଇଛି । ଆସନ୍ତା ୭ଦିନ ମଧ୍ୟରେ ଉପରିସ୍ଥ ଅଧିକାରୀ ସହ ଆଲୋଚନା କରି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି । ତେବେ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଏ ବିକ୍ଷୋଭକୁ ଜୋରଦାର କରାଯିବ ବୋଲି ସଂଗଠନର ସଭାପତି ମନୋଜ କୁମାର ନାୟକ କହିଛନ୍ତି।

ଏହି ବିକ୍ଷୋଭରେ ପୂର୍ବତନ ଉପାଧକ୍ଷ ବିଭୂତି ଭୂଷଣ ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୀରବର ଲେଙ୍କା, ଶରତ ଚନ୍ଦ୍ର ରାୟ ଦଳିତ ନେତା ରାମଚନ୍ଦ୍ର ଗୋଛାୟତ, ବିଜୟ ଭୂଷଣ ପତି, ଶିଶିର ରାଉତ, ବିନୋଦ ବେହେରା, ରବିନ୍ଦ୍ର ପ୍ରଧାନ, ପଦ୍ମନାଭ ଗୋଛାୟତ, ପ୍ରସନ୍ନ ବେହେରା, ବିଜୟକୁମାର ନାୟକ, ଅସୀତ ଦାସ, ସୁଦର୍ଶନ ଜେନା, ଆନନ୍ଦ ଦେବତା, ଦିଲ୍ଲୀପ ନାୟକ, ଆନନ୍ଦ ବେହେରା, ପ୍ରକାଶ ଚୌଧୁରୀ, କବିଭୂଷଣ ଆଚାର୍ଯ୍ୟ ଅଭିମନ୍ୟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଡ଼ିଜିଟାଲ ଯୁଗରେ ସେମିକଣ୍ଡକ୍ଟରର ପ୍ରୟୋଗ ଓ ଗବେଷଣା କରି ବିଶ୍ୱସ୍ତରରେ ପ୍ରଶଂସିତ ବୈଜ୍ଞାନିକ ଡ଼ଃ. ହେମନ୍ତ

ଖଣ୍ଡପଡା,(ସବ୍ୟୁ): ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣିସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାରେ ଜନ୍ମଗ୍ରହଣ କରିଥିବା ବୈଜ୍ଞାନିକ ଡ଼ଃ. ହେମନ୍ତ କୁମାର ରାଉତ ଡ଼ିଜିଟାଲ ଯୁଗରେ ସେମିକଣ୍ଡକ୍ଟରର



ପ୍ରୟୋଗ ସହ ସେ ଉପରେ ଅହରହ ଗବେଷଣା ଜାରିରଖି ବିଶ୍ୱସ୍ତରରେ ପ୍ରଶଂସିତ ହେବା ସହ ଜନ୍ମମାଟି ଖଣ୍ଡପଡ଼ା ପାଇଁ ଗର୍ବ ଓ ଗୌରବ ଆଣିଥିବା ଜଣାଯାଇଛି। ଡ଼ଃ. ରାଉତ ମେକାନିକାଲ ଇନିୟରିଂରେ ପିଏଚ୍‌ଡ଼ି ଡ଼ିଗ୍ରୀ ହାସଲ କରିବା ପରେ ଏବେ ସେ ସୁଦୁର ବେଲ୍‌ଜିୟମ ପ୍ରଦେଶର ଆ।ଇଏମ୍‌ଇସି ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଇଲୋକ୍ଟ୍ରୋନିକ୍ସ କ୍ଷେତ୍ରରେ ସେମିକଣ୍ଡକ୍ଟର ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଁ। ସେହିପରି ସେମିକଣ୍ଡକ୍ଟରଗୁଡ଼ିକୁ ଆଧାର କରି ସ୍ମାର୍ଟ ମୋବାଇଲ୍ ଫୋନ୍ ଠାରୁ ଆରମ୍ଭ କରି ଲାପଟପ୍ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇଥାଏ। ସେମିକଣ୍ଡକ୍ଟର ଜରିଆରେ ସୌରଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ ସମ୍ଭବପର ହେବା ସହ ଅକ୍ଷୟ ସୌରଶକ୍ତିର ସୁବିନିଯୋଗ କ୍ଷେତ୍ରରେ ମଧ ସେମିକଣ୍ଡକ୍ଟର ଗୁଡ଼ିକର ବହୁଳ ବ୍ୟବହାର ସମଗ୍ର ବିଶ୍ୱ ପାଇଁ ପ୍ରେରଣାଦାୟୀ ଅଟେ ବୋଲି ଡ଼ଃ. ରାଉତ ମତ ଦେଇଛନ୍ତି। ସେମିକଣ୍ଡକ୍ଟର ଗୁଡ଼ିକର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ସେ ଉପରେ ଦୀର୍ଘ ୧୦ ବର୍ଷ ଧରି ସେ ଗବେଷଣା ଜାରି ରଖିଥିବା ବେଳେ ଆଗାମୀ ଦିନରେ ଓଡ଼ିଶା ରାଜ୍ୟରେ ଏହାର ଉତ୍ପାଦନ ନେଇ ଡ଼ଃ. ରାଉତ ଲକ୍ଷ୍ୟ ରଖିଥିବା ମତ ଦେଇଛନ୍ତି। ଓଡ଼ିଶା ରାଜ୍ୟ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ କିଭଳି ସ୍ୱାବଲମ୍ବୀ ହୋଇପାରିବ ଆଗାମୀ ଦିନରେ ସେ ଦିଗରେ ସେ ପ୍ରଚେଷ୍ଟା ଜାରି ରଖିବେ ବୋଲି ଡ଼ଃ. ରାଉତ ଦୃଢତାର ସହ ପ୍ରକାଶ କରିଛନ୍ତି। ଡ଼ଃ. ରାଉତଙ୍କର ଏଭଳି ମହତ ଉଦ୍ୟମକୁ ବୁଦ୍ଧିଜୀବି ମହଲରୁ ସ୍ୱାଗତ କରାଯାଇଥିବା ବେଳେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ସୂଚନାଯୋଗ୍ୟ ବୈଜ୍ଞାନିକ ଡ଼ଃ. ରାଉତ ଖଣ୍ଡପଡ଼ା ସହର ୩ନଂ ଓ୍ୱାର୍ଡ଼ କାଦୁଆସାହିର ବିରଂଚି ନାରାୟଣ ରାଉତଙ୍କ ପୁତ୍ର ବୋଲି ଜଣାପଡ଼ିଛି।

# ଚାରିଛକ ଥାନାରେ ଆମ ପୁଲିସ କାର୍ଯ୍ୟକ୍ରମ

ନିମାପଡା,(ସବ୍ୟୁ) : ପୁରୀ ଜିଲ୍ଲା ଚାରିଛକ ଥାନାର ୨ୟ ପ୍ରତିଷ୍ଠା ଦିବସ ଓ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ଼ଃ.ସନ୍ତୋଷ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ପୁରୀ ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି,ଶିକ୍ଷାବିତ ପ୍ରଫେସର ଗୋପୀନାଥ କର, ସମାଜସେବୀ ଚନ୍ଦ୍ରକାନ୍ତ ଦଳାଇ,ସନାତନ ପାତ୍ର,ନିମାପଡା ବ୍ଲକ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଓଝା,ଏସ ଡ଼ି ପିଓ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଚାରିଛକ ଫାଣ୍ଡିରୁ ଥାନାରେ ପରିଣତ ହେବା ପରେ ଏହି ଥାନା ଅଂଚଳରୁ ଅନେକ ପରିମାଣରେ ଅପରାଧ ହ୍ରାସ ପାଇଛି ବୋଲି ଉପସ୍ଥିତ ଅତିଥି, ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ। ଥାନାରେ ଥିବା ବିଭିନ୍ନ ସମସ୍ୟା ଗୁଡିକୁ ସରକାର ଓ ବିଭାଗୀୟ ଅଧିକାରୀ ପୂରଣ କରିବାକୁ ଦାବୀ କରାଯାଇଥିଲା। ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଆଦି ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କ କାର୍ଯ୍ୟକୁ ବେଶ ପ୍ରଶଂସା କରାଯାଇଥିଲା।ଏହି ଅବସରରେ ଥାନା ପକ୍ଷରୁ ଗରିବ ଲୋକ, ବିଦ୍ୟାର୍ଥୀ ଙ୍କୁ କମ୍ବଳ, ସ୍କୁଲ ବ୍ୟାଗ ଆଦି ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଶିକ୍ଷାବିତ୍ ନିରୋଦ ବରଣ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ।

# ପ୍ରାଚୀ ଭାଲି ସ୍କୁଲ ବାର୍ଷିକ ଉତ୍ସବ

କଣ୍ଟାପଡ଼ା, (ସବ୍ୟୁ) : ଅଡ଼ଶପୁର ନିକଟ ଫିରିଫିରାଠାରେ ଥିବା ପ୍ରାଚୀ ଭାଲି ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠାନର ଅଧକ୍ଷା ସାବିତ୍ରୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅବସରପ୍ରାପ୍ତ ଅତିରିକ୍ତ ପୁଲିସ ଡିଜି ଗୋପବନ୍ଧୁ ମଲିକ, ଲେଖକ ଡ଼ଃ.ସୁଶାନ୍ତ ଦାସ, ଆଦାନୀ ଗ୍ରୁପ ପରିଚାଳକ ଇଂ.ନାରାୟଣ ଦାସ, ନିଆଳି କଲେଜ ଜୀବତ୍ୱ ବିଭାଗ ମୁଖ ପ୍ରଫେସର ଫକୀରମୋହନ ଧଳ ଓ ଅନୁଷ୍ଠାନ ମୁଖ ପ୍ରଭାତକୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ




ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ଦିଗରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବିଷୟ ବର୍ଣ୍ଣନା କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷତ କାମନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯକ୍ରମ ପରିଚାଳନା କରିଥିଲାବେଳେ ଉପାଧକ୍ଷା ରୁନାଲିସା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା।

# ନିଶା ରାକ୍ଷସ କବଳରେ ରଣପୁର ଯୁବପିଢ଼ି ସ୍ଥାଣୁ ପାଲଟିଛି ପୋଲିସ ଓ ଅବକାରୀ ବିଭାଗ

ରଣପୁର,(ସବ୍ୟୁ) : ନୟାଗଡ ଜିଲ୍ଲା ରଣପୁର ଥାନା ଅଞ୍ଚଳ ରେ ବ୍ୟାପକ ନିଶାକାରବାର ବୃଦ୍ଧି ଘଟିଥିବା ବେଳେ ଦିନକୁ ଦିନ ଯୁବପିଢ଼ି ପ୍ରଥଭ୍ରଷ୍ଟ ହେଉଥିବାର ଦେଖିବାକୁ ମିଳୁଛି।ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ସମ୍ପୂର୍ଣ ନିଷ୍କ୍ରିୟ ବା ସ୍ଥାଣୁ ପାଲଟିଥିବା ସାଧାରଣ ରେ ଅଭିଯୋଗ ହେଉଛ। ଗତ କିଛି ବର୍ଷ ତଳେ ରଣପୁର ଅଞ୍ଚଳ ରେ ଧଳାଜହର ବା ପାଉଡର ନିଶା କାରବାର ବୃଦ୍ଧି ଘଟିଥିବା ନେଇ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରକାଶ ପାଇବା ପରେ ରଣପୁର ପୋଲିସ ଓ ଅବକାରୀ ବିଭାଗ ଆକ୍ସନ ମୁଡ଼କୁ ଆସି ବହୁ ନିଶାକାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ରଣପୁର ଅଞ୍ଚଳରେ କିଛି ମାତ୍ରାରେ କିଛି ଦିନ ପାଇଁ ନିଶାକରବାର ବନ୍ଦ ରହିଥିଲା। ମାତ୍ର ଏବେ ପୋଲିସ ଓ ଅବକାରୀ ବିଭାଗର ନୀରବତା ଲକ୍ଷ୍ୟ କରି ପୁନଃବାର ତାହା କାୟା ବିସ୍ତାର କରିବାର ଲାଗଛି। ରଣପୁର ରୁ ଖୋର୍ଦ୍ଧା ଓ ରାଜଧାନୀ ପର୍ଯ୍ୟନ୍ତ ଏହାର ଚେର ଲମ୍ବି ରହିଥିବା ଶୁଣିବାକୁ ମିଳୁଛି । ରଣପୁର ଥାନା ଅଞ୍ଚଳ ଏନ. ଏସି ଓ ଗ୍ରାମଅଞ୍ଚଳ ର ବହୁ ଯୁବଗୋଷ୍ଠୀ ଖୁଲମ ଖୁଲା ନିଶା ସେବନ କରିବା ସହିତ ରୋଗଗ୍ରସ୍ତ ହୋଇ ଅକାଳ ରେ ମୃର୍ତବରଣ କରୁଛନ୍ତି। ଦୈନିକ ନିଶା ସେବନ ଦରକାର ପଡୁଥିବା ଆବଶକୀୟ ଅର୍ଥ ପାଇଁ ଘରେ କଳହ କରି ଘରର ନିତ୍ୟବ୍ୟବହାର୍ଯ୍ୟ ଜିନିଷ କୁ ଶାଗମାଛ ଦରରେ ବାହାରେ ବିକ୍ରି କରୁଛନ୍ତି । ଏହି ନିଶା ସେବନ କରି ଚୋରି ଡକାୟତି ଆଦି କାର୍ଯ୍ୟ ରେ ଲିପ୍ତ ରହିବା ସହିତ ଗାଁ ମାନଙ୍କ ରେ ଗଣ୍ଡଗୋଳ ଭିଆଉଛନ୍ତି ।ଯାହାକୁ ନେଇ ସାଧାରଣ ଲୋକ ଓ ପରିବାର ଲୋକ ନାହିଁ ନଥିବା ହଇରାଣ ହେଉଛନ୍ତି ।ଏହି ନିଶା କାରବାର ନେଇ ପୋଲିସ ଓ ଅବକାରୀ ବିଭାଗ ପାଖରେ ଅଭିଯୋଗ ଥିଲେ ମଧ କାର୍ଯ୍ୟାନୁଷ୍ଠାନ ନହେଉଥିବାରୁ ନିଶାଡୀ ଓ ନିଶା କାରବାର ରେ ସମ୍ପୃକ୍ତ ମାଫିଆ ମାନେ ବେଫିକର ଭାବେ କାରବାର ବୃଦ୍ଧି କରୁଛନ୍ତି ।ତେବେ ଜିଲ୍ଲା ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଦଶପଲ୍ଲା କପ ଫୁଟବଲ: ବରଗଡ଼ ଚାମ୍ପିଅନ

ଦଶପଲ୍ଲା, (ସବ୍ୟୁ) : ସ୍ପୋଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ୨୫ ତମ ସର୍ବ ଭାରତୀୟ ଦଶପଲ୍ଲା କପ ଫୁଟବଲ ପ୍ରତିଯୋଗିତା ର ଫାଇନାଲ ମ୍ୟାଚ ରେ ୟୁନାଇଟେଡ଼ ଫୁଟବଲ କ୍ଲବ ବରଗଡ଼ ୫-୩ ଗୋଲ ରେ ୟୁଥ ଡଭଲପମେଣ୍ଟ କ୍ଲବ, ଇମ୍ଫଲ କୁ ପରାସ୍ତ କରି ଚମ୍ପିୟନ ହୋଇଛି । ନିର୍ଦ୍ଧାରିତ ସମୟ ରେ ଉଭୟ ଦଳ ଗୋଲ ନ ଦେବାରୁ ଟାଇବ୍ରେକ ସାହାୟତା ନିଆଯାଇଥିଲା। ଶେଷରେ ବରଗଡ଼ ୫-୩ ଗୋଲ ରେ ମଣିପୁର କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ଖେଳ ର ପ୍ରାରମ୍ଭରେ ରଙ୍ଗଝରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲ ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡିଶା ଷ୍ଟେଟ କୋ ପରରେଟିଭ ବ୍ୟାଙ୍କ ଚିଫ ମ୍ୟାନେଜର ପ୍ରଭାତ ଜେନା, ପଞ୍ଚାୟତ ସମିତି ଅଧକ୍ଷା ସୁନନ୍ଦା ସାହୁ, ଏନ ଏ ସି ଅଧକ୍ଷଲ ଇଂ ପୁନମ ପ୍ରିୟଦର୍ଶିନୀ, ନୂଆଗାଓଁ ପଞ୍ଚାୟତ



ସମିତି ଅଧକ୍ଷ୍ଯ ଲକ୍ଷ୍ମୀ ପ୍ରିୟା ବେହେରା ପ୍ରମୁଖ ଯୋଗ ଦେଇ ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଏଭଳି କ୍ରୀଡା କୁ ପ୍ରଶଂସା କରିବା ସହ ଉଭୟ ଦଳ କୁ ଉତ୍ସାହିତ କରିଥିଲେ। ଏହି ଖେଳକୁ ଶ୍ୟାମ ସୁନ୍ଦର ସାହା,ପ୍ରଶନ ନାୟକ,ରବୀନ୍ଦ୍ର ନାୟକ ଖେଳ ପରିଚାଳନା କରିଥିଲେ।ଶେଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା।ଏଥିରେ ଚମ୍ପିୟାନ ବରଗଡ଼ ଦଳକୁ ମୁଖ୍ୟ ଅତିଥି ଚାମ୍ପିୟାନ ଟ୍ରଫି ପ୍ରଦାନ ସହ ୩୦ ହଜାର ଟଙ୍କା ଓ ରନର୍ସ ଅପ ମଣିପୁର ଦଳକୁ ୨୦ ହଜାର ଟଙ୍କା ସହ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା। ସଭାପତି କୁଞ୍ଜ ବିହାରି ମିଶ୍ର ଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ଭାବାନି ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।

# ଚିଲିକାରେ ଡ଼ଲଫିନ ଗଣନା ଆଜି

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ସିଡିଏ ର ମିଳିତ ଆନୁକୂଲ୍ୟରେ ସୋମବାର ଠାରୁ ସମଗ୍ର ଚିଲିକାରେ ବିରଳ ଇରାଓ୍ୱାଡି ପ୍ରଜାତିର ଡ଼ଲଫିନ ଗଣନା ହେବ । ଏହି ଗଣନା କାର୍ଯ୍ୟ ତିନି ଦିନ ଧରି ଜାରି ରହିବ ଝ ଏଥିପାଇଁ ବିଭାଗୀୟ ତରଫରୁ ବ୍ୟାପକ ପ୍ରସ୍ତୁତି ସରିଛି । ମୋଟ ୧୮ ଦଳରେ ୧୪୫ ଜଣ ଗଣନାକାରୀ ସାମିଲ ହେବେ ।ଏହି ପରିପ୍ରେକ୍ଷୀରେ ରବିବାର ବାଲୁଗାଁ ନିକଟ ଚନ୍ଦ୍ରାପୁଟ ସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ଠାରେ ୧୦ ଗୋଟି ଟିମ ଏବଂ ସାତପଡ଼ା ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ୮ ଗୋଟି ଟିମଙ୍କୁ ପୃଥକ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ବାଲୁଗାଁ ଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରକୁ ବନ୍ୟପ୍ରାଣୀ ବିଭାଗ ଡ଼ିଏଫଓ ଅମ୍ଲାନ ନାୟକ ପରିଚାଳନା କରିଥିଲେ । ଏହି ଶିବିରରେ ବରିଷ୍ଠ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି, ସାଇଣ୍ଟିଷ୍ଟ ପ୍ରଦୀପ ରଞ୍ଜନ ମୁଦୁଲି, ଡ଼ଃ ଅନିଲ ମହାପାତ୍ର, ଡ଼ଃ ଶିବ ପ୍ରସାଦ ପଣ୍ଡା ଏବଂ ସୁଶୀଲ ଦତ୍ତ ଯୋଗ ଦେଇ ନିର୍ଭୁଲ ଡ଼ଲଫିନ ଗଣନା ଦିଗରେ ତାଲିମ ପ୍ରଦାନ କରିଥିଲେ ।

ସେହିପରି ସାତପଡ଼ା ଠାରେ ସିଡିଏର ସିନିୟର ସାଇଣ୍ଟିଷ୍ଟ ଆର.ଏନ.ସାମଲ, ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ ପ୍ରମୋଦ କୁମାର ସେଠୀ ଏବଂ ଚିଲିକା ରେଞ୍ଜ ଅଧିକାରୀ କାଶୀନାଥ ହେମ୍ରମ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଗଣନା କାର୍ଯ୍ୟରେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ, ସିଡିଏ ଓ ବନ କର୍ମଚାରୀ, ଓ୍ୟୁଏଟି,ଓ୍ୱାଇଲଡ ଇନଷ୍ଟିଚିଉଟ ଅଫ ଇଣ୍ଡିଆ, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟି , ବିଭିନ୍ନ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଓ ଛାତ୍ରୀଛାତ୍ର ସାମିଲ ହେବେ ଝ ପ୍ରତି ଦଳକୁ ଡ଼ଲଫିନ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳର ରୁଟ ମ୍ୟାପ, ବାଇନାକୁଲାର, ଜିପିଏସ ଓ ନୋଟ ବୁକ ଆଦି ଯୋଗାଇ ଦିଆଯାଇଛି । ତିନି ଗୋଟି ସେକ୍ଟର ତଥା ମଧ୍ୟଚିଲିକା, ଉତ୍ତର ଚିଲିକା ଏବଂ ଦକ୍ଷିଣ ଚିଲିକା ଅଞ୍ଚଳରେ ସିଙ୍ଗଲ ଲାଇନ ଟ୍ରାଞ୍ଜାକ୍ଟ ପ୍ରଣାଳୀରେ ଏହି ଡ଼ଲଫିନ ଗଣନା ହୁଏ । ଡ଼ଲଫିନ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳରେ ଗଣନାକାରୀଙ୍କ ଡ଼ଙ୍ଗା ଏକ ସରଳ ରେଖା ଦେଇ ଗତିକରିବ । ଏହି ସମୟରେ ଉଭୟ ପାର୍ଶ୍ୱରେ ଯେତିକି ସଂଖ୍ୟକ ଡ଼ଲଫିନ ଦୃଷ୍ଟିଗୋଚର ହେବେ ତାହାକୁ ବାଇନାକୁଲାର ଓ ଜିପିଏସ ମାଧ୍ୟମରେ ସଂଖ୍ୟା ନିର୍ଧାରଣ କରାଯାଇଥାଏ । ଭୋର ୬ ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଗଣନା ହେବ ଝ ନିର୍ଭୁଲ ଗଣନା ପାଇଁ ବିଭାଗୀୟ ପକ୍ଷରୁ ତିନି ଦିନ ଅର୍ଥାତ ୨୨ ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି । ଡ଼ଲଫିନ ଅଭୟାରଣ୍ୟ କୁହାଯାଉଥିବା ସାତପଡ଼ା ଅଞ୍ଚଳ ତଥା ଜହ୍ନିକୁଦା, ଗୁରୁବାଇ, ବଡଗୋଠ,ମହିଷା, ବାଲିନାସି, ଗମ୍ଭାରୀ, ଅରଖକୁଦା ଓ ସିପକୁଦା ଅଞ୍ଚଳରେ ୮ ଗୋଟି ଦଳ ନିୟୋଜିତ ହେବେ। ସେହିପରି ଆଉ ୧୦ ଗୋଟି ଦଳ ବାଲୁଗାଁ, କାଳିଜାଇ, ନଳବଣ, କୃଷ୍ଣପ୍ରସାଦ, ପାରିକୁଦ ଓ ରମ୍ଭା ଅଞ୍ଚଳରେ ରହି ଗଣନା କରିବେ।

# କେରେଣ୍ଡାଟାଙ୍ଗୀ ଆଞ୍ଚଳିକ ସାଧନ କେନ୍ଦ୍ରରେ ଜରୁରୀ ବୈଠକ

ଟାଙ୍ଗୀ, (ସବ୍ୟୁ): କେରେଣ୍ଡାଟାଙ୍ଗୀ ଆଞ୍ଚଳିକ ସାଧନ କେନ୍ଦ୍ର ର ମାସିକ ବୈଠକ ପଟିଆ ଉନ୍ନିତ ମଧ୍ୟଇଂରାଜୀ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ସାଧନ କେନ୍ଦ୍ର ର ସଂଯୋଜକ ପ୍ରଦୀପ ରଂଜନ ଖୁଣ୍ଟିଆ ବିଦ୍ୟାଳୟ ପରିଦଶନ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଜାନୁୟାରୀ ମାସର ଶିକ୍ଷା କ୍ୟାଲେଣ୍ଡର ଶିକ୍ଷଣ ସୋପାନ ସଂପର୍କରେ ବୈଠକରେ ଆଲୋଚନା କରିଥିଲେ। ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟ ର ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ କାଶୀନାଥ ସାହୁଙ୍କ ଆତ୍ମା ର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ବ୍ଲକ ଶିକ୍ଷକ ସଂଘ ସଭାପତି ଜଗନ୍ନାଥ ଦାସ, ମହେନ୍ଦ୍ର ସୁବୁଦ୍ଧି, ଆଞ୍ଚଳିକ ସାଧନକେନ୍ଦ୍ର ପ୍ରଧାନଶିକ୍ଷକ ନୀଳମଣି ବେହେରା, ୧୬ ଟି ବିଦ୍ୟାଳୟ ର ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦଇଥିଲେ। ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସର୍ବଭାରତୀୟ ସଖା ସଂଘ ଫୁଟବଲ : ହିନ୍ଦୁସ୍ଥାନ ହିରୋଜ ଫୁଟବଲ ଏକାଡେମୀ ଚାମ୍ପିଅନ



ନିରାକାରପୁର,(ସବ୍ୟୁ): ରବିବାର ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚାଲିଥିବା ୩୧ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ କିଶୋର କ୍ଲବ୍ ,ଭୁବନେଶ୍ୱରକୁ ୨-୧ ଗୋଲରେ ହିନ୍ଦୁସ୍ଥାନ ହିରୋଜ ଫୁଟବଲ ଏକାଡେମୀ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ହୋଇଥିବାବେଳେ କିଶୋର କ୍ଲବ ଭୁବନେଶ୍ୱର ବିପକ୍ଷରେ ପ୍ରଥମାର୍ଦ୍ଧ ରେ ହିନ୍ଦୁସ୍ଥାନ ହିରୋଜ ଫୁଟବଲ ଏକାଡେମୀ ୨ ଟି ଗୋଲ କରିଥିବା ବେଳେ ଓ ଦିତୀୟାର୍ଦ୍ଧ ରେ କିଶୋର କ୍ଲବ ଗୋଟିଏ ଗୋଲ କରିବାରେ ସକ୍ଷମ ହୋଇଥିଲା। ଫଳରେ ହିନ୍ଦୁସ୍ଥାନ ହିରୋଜ ଫୁଟବଲ ଏକାଡେମୀ ୨-୧ ରେ ଚଳିତ ବର୍ଷର ସଖା ସଂଘ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳକୁ ଶିବ ସାମନ୍ତରାୟ, ସୁଜିତ କୁମାର ପାତ୍ର, ସୁକାନ୍ତ କୁମାର ପ୍ରଧାନ ଓ ଓମ୍ ପ୍ରକାଶ ମିଶ୍ର , ଅକ୍ଷୟ କୁମାର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

ସଭାପତି ବିପିନ କୁମାର ଜୟସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଜି ଅତିଥି ଭାବେ ରାଜ୍ୟ ବିଜେପି ଓବିସି ସେଲ ସଭାପତି ସୁରଥ ବିଶ୍ୱାଳ, ଶିକ୍ଷାବିତ ଡ ସଞ୍ଜୟ କୁମାର ମହାପାତ୍ର, ସମାଜସେବୀ ଜାନକୀ ବଲ୍ଲଭ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ସମାଜସେବୀ ପୁଷ୍ପ ରଞ୍ଜନ ସାହୁ, ଅବସରପ୍ରାପ୍ତ ଅଡିଟର ତଥା ଆନ୍ତର୍ଜାତିକ ଫୁଟବଲ୍ ଖେଳାଳି ଦିଲ୍ଲୀପ କୁମାର ପଟ୍ଟନାୟକ, ଖୋର୍ଦ୍ଧା ବଣିକ ସଂଘ ସମ୍ପାଦକ ନାରାୟଣ ଦୋରା, ଦୋଛିଆଁ ସରପଞ୍ଚବନମାଳୀ ରାଉତ, ସମ୍ପାଦକ ଭାଗିରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଓ ରନର୍ଷ ଅପ ଦଳକୁ ଟ୍ରଫି ସହିତ ଅର୍ଥ ରାଶି ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ଓ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଫାଇନାଲ ମ୍ୟାଚରେ ଉତ୍କର୍ଷ କ୍ରୀଡା ପ୍ରଦର୍ଶନ କରିଥିବା ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ ମଧ୍ୟ କରାଯାଇଥିଲା।

# ଦିବ୍ୟଦୃଷ୍ଟି ଯୋଜନାରେ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା

ବାଲିପାଟଣା,(ସବ୍ୟୁ) : ବାଲିପାଟଣା ଗୋଷ୍ଠିସ୍ୱାସ୍ଥ କେନ୍ଦ୍ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୭୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହିତ ଚକ୍ଷୁ ରୋଗରେ ପୀଡିତ ହୋଇଥିବା ୩୫ ଜଣ ଛାତ୍ରଛାତ୍ରୀଙ୍କୁ ରାଜଧାନୀ ଚିକିତ୍ସାଳୟକୁ ଉନ୍ନତ ଚିକିତ୍ସା ପାଇଁ ପଠାଯାଇଛି। ରାଜ୍ୟ ସରକାରଙ୍କ ବୀର ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ଆରମ୍ଭ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ନେତ୍ର ପରୀକ୍ଷା ବାଲିପାଟଣା ବ୍ଲକରେ ଆରମ୍ଭ ହୋଇଯାଇଛି । ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ କେନ୍ଦ୍ର ଚକ୍ଷୁ ଡାକ୍ତର ଗୌତମ ଦାସ ଓ ଜଟଣୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଚକ୍ଷୁ ଡାକ୍ତର ରାଜେନ୍ଦ୍ର ମହାରାଜ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରିଥିବା ବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଘୁନାଥ ଲେଙ୍କା , ଏବିଇଓ ମଞ୍ଜୁଲତା ରାଉତ ,ଶାକମ୍ବରି ପଣ୍ଡା , ପ୍ରଶନ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ପ୍ରତି ବିଦ୍ୟାଳୟ ରେ ଏହିଭଳି ଚକ୍ଷୁ ପରୀକ୍ଷା କରାଯିବ ବୋଲି ଡାକ୍ତର ଦାସ ସୂଚନା ଦେଇଛନ୍ତି।

# ବୁଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଦଶପଲ୍ଲା ,(ସବ୍ୟୁ) : ଅନୁସୂଚିତ ଜାତି ଓ ଜନ ଜାତି ବିଭାଗ ଦ୍ୱାରା ପରିଚାଳିତ ଦଶପଲ୍ଲା ବୁଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ( ବୁଗୁଡା କନ୍ୟାଶ୍ରମ ) ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ନମିତା ସ୍ୱାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ , ଜିଲ୍ଲା ମଂଗଳ ଅଧିକାରୀ ଦୟାନିଧି ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜାତି ଓ ଜନ ଜାତିର ଛାତ୍ରୀମାନଙ୍କ ପାଇଁ ଦିଆଯାଉଥିବା ପ୍ରୋତ୍ସାହନ ଓ ସେମାନଙ୍କ ସାମଗ୍ରୀକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଉତ୍ସବ ରେ ବ୍ଲକ୍ ମଂଗଳ ସଂପ୍ରସାରଣ ଅଧିକାରୀ ଜ୍ୟୋତିର୍ମୟୀ ନାୟକ , ଅତିରିକ୍ତ ଜିଲ୍ଲା ମଂଗଳ ଅଧିକାରୀ ଦୁଷ୍ମନ୍ତ କୁମାର ପାତ୍ର,ବିଦ୍ୟାଳୟ ଏସ ଏମ ସି ଅଧକ୍ଷା ବିଶ୍ୱକାନ୍ତି ରାୟଗୁରୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଛାତ୍ରୀ ମାନଙ୍କ ମଙ୍ଗଳ କାମନା କରିଥିଲେ । ବିଦ୍ୟାଳୟ ରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।

# ଓପୋଲଫେଡ଼ର ବ୍ୟବସାୟିକ ଅଭିବୃଦ୍ଧି କର୍ମଶାଳା

ଫୁଲନଖରା,(ସବ୍ୟୁ): ଓଡିଶା ରାଜ୍ୟ କୁକ୍କୁଟ ଉତ୍ପାଦନ ବିପଣନ ସମବାୟ ମହାସଂଘ ( ଓପୋଲଫେଡ଼ ) କଟକ ଶାଖା, କଟକ ତରଫରୁ ଏକ ବ୍ୟବସାୟିକ ଅଭିବୃଦ୍ଧି କର୍ମଶାଳା ସ୍ଥାନୀୟ ଓ. ଏ. ଏସ୍. ଏମ୍. ଇ ସମ୍ମିଳନୀଗୃହ ଖପୁରିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଓପୋଲଫେଡ଼ର ସଭାପତି ଭୋଲେଶ୍ୱର ସ୍ୱାଇଁ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଓପୋଲଫେଡ଼ର ପରିଚାଳନା ନିର୍ଦ୍ଦେଶକ ଡା. ଗିରିଧାରୀ ଭୋଇ ଓ ସାଧାରଣ ପରିଚାଳକ ଡା. ଭକ୍ତହରୀ ମଲ୍ଲିକ ଏବଂ ବିପଣନ ଅଧିକାରୀ ତଥା ଶାଖା ପରିଚାଳକ ତାରିଣୀ କୁମାର ସାହୁ ଯୋଗ ଦେଇଥିଲେ।ଏହି କର୍ମଶାଳାରେ କଟକ ସହରର ୩୭ ଜଣ ଅଧିକୃତ ଓପୋଲଫେଡ଼ ବୁଥ୍ ଏଜେଣ୍ଟ ମାନେ ଯୋଗ ଦେଇ ନିଜର ମତ ଓ ସଫଳ କାହାଣୀ କହିଥିଲେଛ ସମସ୍ତ ଏଜେଣ୍ଟ ମାନଙ୍କର ବ୍ୟବସାୟିକ ଅଭିବୃଦ୍ଧି ସମ୍ପର୍କରେ ତାରିଣୀ କୁମାର ସାହୁ, ବିପଣନ ଅଧିକାରୀ ତଥା ଶାଖା ପରିଚାଳକ, ଓପୋଲଫେଡ଼ ପ୍ରଶିକ୍ଷଣ ଦେଇଥିଲେ।ଆଗାମୀ ଦିନରେ କଟକ ମହାନଗର ଅଞ୍ଚଳରେ ୧୦୦ ଗୋଟି ଓପୋଲଫେଡ଼ ଆଦର୍ଶ ବିକ୍ରୟ କେନ୍ଦ୍ର ଓ ୧୦ ଗୋଟି ଚିକେନ ଫ୍ରେସ ଖୋଲିବା ପାଇଁ ପ୍ରସ୍ତା ଗ୍ରହଣ କରାଯାଇଛି। ଏହା ଦ୍ୱାରା କଟକ ସହରବାସୀ ସ୍ୱଳ୍ପ ସମୟ ମଧ୍ୟରେ ରକ୍ତଛିଟା ବିହୀନ ସତେଜ, ସୁସ୍ୱାଦୁ ଓ ସ୍ୱାସ୍ଥ୍ୟପ୍ରଦ କୁକୁଡ଼ା ମାଂସ ତଥା ଦେଶୀ କୁକୁଡ଼ା, ବନରାଜ କୁକୁଡ଼ା, ବିଭିନ୍ନ ପ୍ରଜାତି ର ମାଂସଳ କୁକୁଡ଼ା ର ତଟକା ମାଂସ ଓ ଫାର୍ମ ଫ୍ରେଶ ଅଣ୍ଡା, ପ୍ୟାକେଟ୍ ଅଣ୍ଡା ଆଦି ସୁଲଭ ଦର ରେ ପାଇ ପାରିବେ ବୋଲି ତାରିଣୀ କୁମାର ସାହୁ ସୂଚନା ଦେଇଥିଲେ। ଉକ୍ତ କର୍ମଶାଳା ରେ ଓପୋଲଫେଡ଼ ର ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ମହାପାତ୍ର, ଓପୋଲଫେଡ଼ ବୁଥ୍ ଏଜେଣ୍ଟ କଟକ ଶ୍ରୀ ଲଳିତ ମୋହନ ଶତପଥୀ, ତ୍ରିଲୋଚନ ସାହୁ, ଏମଡି କମରା ଆଲାମ, କିଁତ୍ତୀ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦାନ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୨/୦୧)

-ଭକ୍ତିଯୋଗଃ-

(ଅର୍ଜ୍ଜୁନ ଉବାଚ)

**ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ ।**
**ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ॥୦୧॥**

ଅର୍ଜ୍ଜୁନ କହିଲେ- ଏହିପରି (ସର୍ବକର୍ମସମର୍ପଣାଦି ଦ୍ୱାରା) ସର୍ବଦା ତୁମଠାରେ ଏକାଗ୍ର-ଚିତ୍ତ ହୋଇ ଯେଉଁ ଭକ୍ତମାନେ ବିଶ୍ୱରୂପ, ସର୍ବଜ୍ଞ ଓ ସର୍ବଶକ୍ତିମାନ ତୁମର (ସଗୁଣଭାବରେ) ଉପାସନା କରନ୍ତି, ଆଉ ଯେଉଁମାନେ ଅବ୍ୟକ୍ତ, ଅବିନାଶୀ, ନିର୍ଗୁଣ ବ୍ରହ୍ମସ୍ୱରୂପ ତୁମର ଆରାଧନା କରନ୍ତି, ଏ ଉଭୟଙ୍କ ମଧ୍ୟରେ ଶ୍ରେଷ୍ଠ ଯୋଗୀ କେଉଁମାନେ ॥୦୧॥

# ପରିବର୍ତ୍ତିତ ପଡ଼ୋଶୀ ନୀତି

**ସମ୍ପାଦକୀୟ**

ଆଫଗାନିସ୍ତାନ-ପାକିସ୍ତାନ ସୀମାନ୍ତ ଅଞ୍ଚଳ ଏବଂ ଏହା ବାହାରେ ବୃଦ୍ଧି ପାଉଥିବା ହିଂସା ଧୀରେ ଧୀରେ ବିସ୍ତାରିତ ହେବାରେ ଲାଗିଛି ଏବଂ ପାକିସ୍ତାନ ପାଇଁ ବିପଦ ସୃଷ୍ଟି କରିଛି । ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା ମଧ୍ୟରେ ଥିବା ପାକିସ୍ତାନ ପାଇଁ ଏହି ବିବାଦ ଆହୁରି କ୍ଷତି ପହଞ୍ଚାଇବ । କୂଟନୈତିକ ଚାଲ, ତାଲିବାନ ଏବଂ ପାକିସ୍ତାନ ପରସ୍ପର ବିରୁଦ୍ଧରେ ସାମରିକ ପଦକ୍ଷେପ ନେବା ଏବଂ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବା, ସମ୍ପୃକ୍ତ ଅଞ୍ଚଳରେ ସମ୍ପର୍କକୁ ଜଟିଳ କରୁଛି । ଅଗଷ୍ଟ ୨୦୨୧ରେ ତାଲିବାନ କ୍ଷମତା ଦଖଲ କରିବା ପରଠାରୁ, ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ନିମ୍ନଗାମୀ ହେବାରେ ଲାଗିଛି । ଖାଇବର ପଖତୁନଖ୍ୱାରେ ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଏବଂ ବେଲୁଚିସ୍ତାନର ପାସ୍ତୁନ ଅଞ୍ଚଳ ଓ ବେଲୁଚିସ୍ତାନରେ ବେଲୁଚ୍ ବିଚ୍ଛିନ୍ନତାବାଦୀଙ୍କ ଦ୍ୱାରା ସୃଷ୍ଟି ହେଉଥିବା ବିଦ୍ରୋହ, କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ପାକିସ୍ତାନ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସବୁମତେ ପ୍ରୟାସ କରିଛି, କିନ୍ତୁ ହିଂସାକୁ ନିୟନ୍ତ୍ରଣ କରିବାରେ ସଫଳ ହେଇନାହିଁ । ଗତ ସାଢ଼େ ତିନି ବର୍ଷ ମଧ୍ୟରେ, ପାକିସ୍ତାନ ବହୁବିଧ ଉପାୟରେ ଏହି ପରିସ୍ଥିତିର ସମାଧାନ କରିବାକୁ ଚେଷ୍ଟା କରିଛି: ତାଲିବାନ ଦ୍ୱାରା ସହାୟତା କରାଯାଉଥିବା ଟିଟିପି ସହିତ ଆଲୋଚନା ମାଧ୍ୟମରେ କୂଟନୈତିକ ସମ୍ପର୍କ, ଦେଓବନ୍ଦୀ ଧର୍ମଗୁରୁଙ୍କ ପ୍ରଭାବ ବ୍ୟବହାର କରିବା, ଆଫଗାନ ପରିବହନ, ବାଣିଜ୍ୟକୁ ଅବରୋଧ ଓ ପ୍ରତିବନ୍ଧକ ଲଗାଇ ଆର୍ଥିକ ଚାପ ସୃଷ୍ଟି କରିବା, ଆଫଗାନ ଶରଣାର୍ଥୀଙ୍କୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ କରିବା ଏବଂ ଅଘୋଷିତ ବାୟୁ ପଥରେ ଆକ୍ରମଣ (ଏୟାର ଷ୍ଟ୍ରାଇକ୍) ଓ ଡ୍ରୋନ୍ ଆକ୍ରମଣ ଏବଂ ସୀମାପାର ଆକ୍ରମଣରେ ସାମିଲ ହେବା । ତଥାପି, ପାକିସ୍ତାନ ଦେଶରେ ଆତଙ୍କବାଦ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ଭାବରେ ବିଫଳ ହେଇଛି । ଏହାରି ଭିତରେ, ତାଲିବାନ ସହିତ ପୁନର୍ବାର କୂଟନୈତିକ ସମ୍ପର୍କ ସ୍ଥାପନ କରିବା ନେଇ ଭାରତର ନିଷ୍ପତ୍ତି ନେଇଛି ଯାହା ଏହାର ଆଞ୍ଚଳିକ ଆଭିମୁଖ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରୁଛି । ୨୦୨୧ ମସିହାରେ ରାଷ୍ଟ୍ରପତି ଆସରଫ ଘନିଙ୍କ ନେତୃତ୍ୱରେ ପୂର୍ବ ଆଫଗାନ ସରକାରଙ୍କ ପତନ ପରେ, ଭାରତ ଆଫଗାନିସ୍ତାନର ବିକାଶ ଏବଂ ଗଣତାନ୍ତ୍ରିକ ପ୍ରତିଷ୍ଠା ପାଇଁ ଦୁଇ ଦଶନ୍ଧି ଧରି ଚାଲିଥିବା ନିବେଶ ନେଇ ଅନିଶ୍ଚିତତା ପ୍ରକାଶ ପାଇଥିଲା । ବର୍ତ୍ତମାନ, ଏକାକୀତା ଅପେକ୍ଷା ବାସ୍ତବବାଦକୁ ବାଛି, ଭାରତ ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀଙ୍କ ବର୍ଦ୍ଧିତ ପ୍ରଭାବକୁ ମୁକାବିଲା କରିବା ସହିତ ଆଫଗାନିସ୍ତାନରେ ରଣନୈତିକ ସ୍ୱାର୍ଥକୁ ସୁରକ୍ଷା ଦେବାରେ ସକ୍ଷମ ହେବ ବୋଲି ଆଶା କରାଯାଉଛି । ତାଲିବାନ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ଖରାପ ହେଉଥିବାବେଳେ ଭାରତ ଆଫଗାନିସ୍ତାନ ସହ ସମ୍ପର୍କ ପୁନଃସ୍ଥାପନ କରିବା, ସଠିକ୍ ସମୟରେ ସଠିକ୍ ପଦକ୍ଷେପ ନିଶ୍ଚୟ । ପାକିସ୍ତାନ ଦ୍ୱାରା ସୃଷ୍ଟ, ତାଲିବାନ କ୍ରମଶଃ ସ୍ୱାଧୀନ ହେବାରେ ଲାଗିଛି । ଡୁରାଣ୍ଡ ରେଖା ବିବାଦ ଏବଂ ପାକିସ୍ତାନ ବିରୋଧୀ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ନେଇ ଇସଲାମାବାଦର ଅଭିଯୋଗକୁ ନେଇ ଉତ୍ତେଜନା ଦେଖାଦେଇଛି । ଏହି ବିବାଦ ଭାରତ ପାଇଁ ଏକ କୂଟନୈତିକ ସୁଯୋଗ ସୃଷ୍ଟି କରିଛି, ଯାହା ଦୀର୍ଘ ଦିନ ଧରି ଆଫଗାନିସ୍ତାନରେ ପାକିସ୍ତାନର ପ୍ରାଧାନ୍ୟକୁ ରୋକିବାରେ ସହାୟକ ହେବ ବୋଲି କୁହାଯାଉଛି । ତାଲିବାନ ସହିତ ଜଡିତ ହୋଇ, ଭାରତ ଏହି ଅଞ୍ଚଳରେ ପାକିସ୍ତାନର ପ୍ରଭାବକୁ ଦୁର୍ବଳ କରିବା ସହିତ ନିଜର ସ୍ଥିତି ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି । ଭାରତୀୟ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ଆଫଗାନିସ୍ତାନର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତାକି ଏବଂ ତାଲିବାନର ରାଜନୈତିକ କାର୍ଯ୍ୟାଳୟର ମୁଖ୍ୟ ଶେର ମହମ୍ମଦ ଆବାସ ଷ୍ଟାନିକଜାଇ ସମେତ ତାଲିବାନ ଅଧିକାରୀମାନଙ୍କ ସହିତ ସମ୍ପ୍ରତି ଆଲୋଚନା ଏକ ସୁଚିନ୍ତିତ ଏବଂ ଦୀର୍ଘସ୍ଥାୟୀ ସମ୍ପର୍କ ଗଢିବାରେ ସହାୟକ ବୋଲି ଆଶା କରାଯାଉଛି । ଏହି ସମ୍ପର୍କ ମଧ୍ୟ ଏସିଆରେ ପ୍ରବେଶ ସୁରକ୍ଷିତ କରିବା ପାଇଁ ଭାରତର ଲକ୍ଷ୍ୟ ପୂରଣ କରିବାରେ ସହାୟକ ହେବ । ଆଫଗାନିସ୍ତାନ ଏହି ରଣନୀତିରେ ଏକ ପ୍ରମୁଖ ସଂଯୋଗ ସୃଷ୍ଟି କରିବ, ବିଶେଷକରି ଇରାନର ଚାବାହାର ବନ୍ଦର ପରି ସଂଯୋଗ ପ୍ରକଳ୍ପ ମାଧ୍ୟମରେ । ଏପରି ପଦକ୍ଷେପ ପାଇଁ ତାଲିବାନର ସମର୍ଥନ ଭାରତର ଆଞ୍ଚଳିକ ବାଣିଜ୍ୟ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ଏହାର ସମ୍ଭାବ୍ୟ ଭୂମିକାକୁ ସ୍ପଷ୍ଟ କରେ । ଆଫଗାନିସ୍ତାନରେ ଭାରତର ଐତିହାସିକ ଅବଦାନ ମଧ୍ୟ ଏହି ରଣନୀତିରେ ସାମିଲ । ଭିତ୍ତିଭୂମି, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ୩ ବିଲିୟନ ଡଲାରରୁ ଅଧିକ ବିନିଯୋଗ ସହିତ, ଭାରତ ଆଫଗାନ ଲୋକଙ୍କ ମଧ୍ୟରେ ଯଥେଷ୍ଟ ସଦିଚ୍ଛା ଅର୍ଜନ କରିଛି । ସଲମା ଡ୍ୟାମ୍ ଏବଂ ଆଫଗାନ ସଂସଦ ଭବନ ଭଳି ପ୍ରକଳ୍ପଗୁଡ଼ିକ ଏହି ସହଭାଗୀତାର ସ୍ଥାୟୀ ପ୍ରତୀକ ଭାବରେ ଠିଆ ହୋଇଛି । ତାଲିବାନ ଶାସନ ଅଧୀନରେ ଏପରି ବିକାଶମୂଳକ କାର୍ଯ୍ୟ ଜାରି ରଖିବା ଦ୍ୱାରା ଭାରତ ଏହାର ପ୍ରଭାବ ବଜାୟ ରଖିପାରିବ ଏବଂ ଆଫଗାନିସ୍ତାନର ସ୍ଥିରତାରେ ଏହାର ଦୀର୍ଘକାଳୀନ ଅଂଶୀଦାରକୁ ସୁରକ୍ଷିତ ରଖିପାରିବ । ତଥାପି, ତାଲିବାନ ସହିତ ଜଡିତ ହେବା ଭାରତର ସମ୍ମାନକୁ କ୍ଷୁର୍ଣ୍ଣ କରିପାରେ । ମହିଳା ଅଧିକାରକୁ ଦମନ କରିବା ଏବଂ ବିଶ୍ୱ ଆତଙ୍କବାଦ ନେଟୱାର୍କ ସହିତ ଏହାର ସମ୍ପର୍କ, ଭାରତ ପାଇଁ ଗ୍ରହଣୀୟ ହେଇ ନ ପାରେ । ଭାରତ ସରକାର ଏପରି ଏକ ଶାସନ ସହିତ କାମ କରିବାର ଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ, କାରଣ ଆଫଗାନିସ୍ତାନର ନୀତିଗୁଡ଼ିକ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧର ସମ୍ପୂର୍ଣ୍ଣ ବିପରୀତ । ତଥାପି, ସମ୍ପୂର୍ଣ୍ଣ ବିଚ୍ଛିନ୍ନତା ଆଫଗାନିସ୍ତାନକୁ ଆହୁରି ବିଚ୍ଛିନ୍ନ କରିବାର ବିପଦ ସୃଷ୍ଟି କରିପାରେ, ଯାହା ଚୀନ୍ ପାଇଁ ସୁଯୋଗ ଆଣିଦେବ ଯାହା ପୂର୍ବରୁ କାବୁଲ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିସାରିଛି । ତେଣୁ ସମ୍ପର୍କରେ ଅଗ୍ରଗତି ହେବା ଦରକାର କିନ୍ତୁ ଭାରତ ଏହାର ନୀତି ବିରୋଧରେ କୌଣସି ଅମନବୀୟ ବା ଅଗଣତାନ୍ତ୍ରିକ କାର୍ଯ୍ୟକୁ ସମର୍ଥନ କରିବା ଉଚିତ ନୁହେଁ । ସମ୍ପର୍କ ବଜାୟ ରଖି, ଭାରତ ସୁରକ୍ଷା ବିପଦ ଉପରେ ନଜର ରଖିପାରିବ, ଆଞ୍ଚଳିକ ଅସ୍ଥିରତାର ବିପଦକୁ ହ୍ରାସ କରିପାରିବ ଏବଂ ମାନବିକ ପ୍ରୟାସକୁ ପ୍ରୋତ୍ସାହିତ କରିପାରିବ । ତାଲିବାନ ସହିତ ଭାରତର ସମ୍ପର୍କ ବିକଶିତ ଭୂରାଜନୈତିକ ବାସ୍ତବତା ସହିତ ଖାପ ଖୁଆଇବା ପାଇଁ ଏକ ଆକଳନ କରାଯାଇଥିବା ପଦକ୍ଷେପ । ନୈତିକ ବିଚାର ସହିତ ରଣନୈତିକ ସ୍ୱାର୍ଥକୁ ସନ୍ତୁଳିତ କରି, ନୂଆଦିଲ୍ଲୀ ଆଫଗାନିସ୍ତାନରେ ଏହାର ପ୍ରଭାବ ସୁରକ୍ଷିତ କରିବାକୁ, ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ମୁକାବିଲା କରିବାକୁ ଏବଂ ଅଞ୍ଚଳର ସ୍ଥିରତାରେ ଯୋଗଦାନ ଦେବାକୁ ଚାହୁଁଛି ।

## ଅବସର...

ଜୀବନ ଗୋଟିଏ ଏମିତି ଯାତ୍ରା, ଯେଉଁଥିରେ ସମସ୍ତଙ୍କୁ ନିଜ ଭାଗର ସଂଘର୍ଷ ଆଉ ଆହ୍ୱାନକୁ ସାମନା କରିବାକୁ ପଡିଥାଏ । କିନ୍ତୁ ଜିତିବା ସେମାନଙ୍କର ଭାଗରେ ଆସିଥାଏ, ଯିଏ ଲଗାତାର ପ୍ରୟାସ କରି ଚାଲିଥାନ୍ତି । ଏହା ସମସ୍ତଙ୍କର ସ୍ୱାଭାବିକ ଅବସ୍ଥା ହୋଇଥାଏ କି ଯେତେବେଳେ କାର୍ଯ୍ୟ ତାହାର ଅନୁରୂପ ହୁଏ ନାହିଁ, ଆଉ ଆମେ ପରିସ୍ଥିତିକୁ ଦୋଷ ଦେବାକୁ ଲାଗିଥାନ୍ତି । କିନ୍ତୁ ମହାନତାର ମାପଦଣ୍ଡ ଏହା ନୁହେଁ ଯେ ଆପଣ କେତେଥର ଅଭିଯୋଗ କରିଥାନ୍ତି, ଆଉ ଏହା ଆପଣ ଆଗକୁ ଯାଇକରି କେତେଥର ପଡିକରି ଉଠିଥାନ୍ତି ଆଉ ଆଗକୁ ବଢିଥାନ୍ତି । ବହୁଥର ଯେତେବେଳେ ଆମେ କୌଣସି କଠିନତାର ସାମନା କରିଥାନ୍ତି, ଆଉ ଆମକୁ ଲାଗିଥାଏ କି ଏହି ସମସ୍ୟା ବହୁତ ବଡ ଆଉ ଏହାକୁ ପାରକରିବା ଅସମ୍ଭବ ଅଟେ । ଇତିହାସ ସାକ୍ଷୀ ଥାଏକି ଯେଉଁଲୋକ ବାରମ୍ବାର ପ୍ରୟାସ କରିଥାନ୍ତି, ସେମାନେ ହିଁ ଅସମ୍ଭବକୁ ସମ୍ଭବ ବନେଇ ପାରିବେ । ଏହାର ବିପରୀତ ଯେଉଁଲୋକ କେବଳ ଅଭିଯୋଗ କରିଥାନ୍ତି, ସେମାନେ ନିଜର ଉର୍ଜାକୁ ନକାରାତ୍ମକତାରେ ଖର୍ଚ୍ଚକରି ଦିଅନ୍ତି । ଅଭିଯୋଗ କୌଣସି ସମସ୍ୟାର ସମାଧାନ କରି ନ ଥାଏ କି ଆଗକୁ ବଢିବାରେ ସାହାଯ୍ୟ କରି ନ ଥାଏ । ଏହା କେବଳ ଆମର ଦୁର୍ବଳତାକୁ ମନେ ପକେଇ ଥାଏ । ଆଉ ଆମର କ୍ଷମତା ଉପରେ ସନ୍ଦେହ ଉତ୍ପନ୍ନ କରିଥାଏ । ବିନା ଅଭିଯୋଗରେ ବାରମ୍ବାର ପ୍ରୟାସ କରିବା ଲୋକ ନିଜର ଉତ୍ତରଦାୟିତ୍ୱକୁ ବୁଝି ପ୍ରତ୍ୟେକ ସମସ୍ୟାର ସାମନା ସାହସ ଆଉ ଧୈର୍ଯ୍ୟର ସହିତ କରିଥାନ୍ତି । ସେମାନେ ଜାଣନ୍ତି ଯେ ଅସଫଳତା ଗୋଟିଏ ଅନୁଭବ, ଯାହା ତାଙ୍କୁ ସଫଳତାର ପାଖକୁ ନେଇଯାଏ । ସେଥିପାଇଁ, ଯଦି ଆମେ ଜୀବନରେ ଜିତିବାବାକୁ ଚାହାନ୍ତି, ତା'ହେଲେ ଅଭିଯୋଗ କରିବା ଠାରୁ ଦୂରେଇ ରହି ଜୀବନର ପ୍ରତ୍ୟେକ ଆହ୍ୱାନକୁ ଅବସରର ରୂପରେ ଦେଖିବା, ଆଉ ନିଜର ସ୍ୱପ୍ନକୁ ହାସଲ କରିବାର ଚେଷ୍ଟାକର ।

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର,ମୋ-୭୯୭୮୮୩୦୬୧୧**

# ଜାତୀୟ ଶିକ୍ଷାନୀତି ପାଲଟିବ ବିଦ୍ୟାଳୟ ଶିକ୍ଷାର ଆଧାର

**ହିତାଂଶୁ ଶେଖର ମହାନ୍ତ**

ଅନେକ ସମୟରେ ଆମ ବନ୍ଧୁ-ପରିସର ମଧ୍ୟରେ କେହି କେହି ମଜାରେ କହିବା ଆମେ ସମସ୍ତେ ପ୍ରାୟ ଶୁଣିଛେ, 'ମୁଁ ବିଦ୍ୟାଳୟରେ ପଢ଼ିଥିବା ଏ ପ୍ଲସ୍ ବି'ର ହୋଲ୍ ସ୍କୋୟାର ସୂତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ମୋର/ଆମ ଜୀବନରେ କି କାମରେ ଆସିଲା?' ପ୍ରତ୍ୟୁତ୍ତରରେ ଆମେ କେବଳ ହସି ଦେଇ ଚାଲିଯାଉଥିଲୁ, ପ୍ରକାରାନ୍ତରେ କହିଲେ, କଥାର ଗୁରୁତ୍ୱକୁ ଆଦୌ ହେଜ କରୁ ନ ଥିଲୁ । କିନ୍ତୁ ଥରେ ଭାବିଲେ ଦେଖି, ସତରେ ତ 'ବୀଜଗଣିତ', 'ତ୍ରିକୋଣମିତି' ଆଉ ଆଉ ଏମିତି ଅନେକ ବିଷୟ ଥିଲା, ଯାହା ଆମ ପରବର୍ତ୍ତୀ ବୃତ୍ତିଗତ ଜୀବନରେ ବିଶେଷ କିଛି (ଆଦୌ ଆସିନାହିଁ କହିବା ଠିକ୍ ହେବନାହିଁ) କାମରେ ଆସିଲା ନାହିଁ । ଯିଏ ଇଂରାଜୀ ଅଧ୍ୟାପକଟିଏ ହେଲା, ତା' ଜୀବନରେ ଏହାର ଶୂନ୍ୟ ପ୍ରଭାବ ରହିଲା । ଅଥଚ ବିଦ୍ୟାଳୟରେ ପଢ଼ିବା ବେଳେ ସେଥିପାଇଁ ସେ କେତେ ଝାଳ ବୁହାଇ ନ ଥିବ ସତରେ ! ଯିଏ କଳା ଓ ଅଭିନୟରେ କ୍ୟାରିଅର ଗଢ଼ିଲା, ତା' ପାଇଁ ତ' ଏହା କେବଳ ନିରର୍ଥକ ନୁହେଁ, ଅପ୍ରାସଙ୍ଗିକ ମଧ୍ୟ ।

ଏହିପରି ଅନେକ କ୍ଷେତ୍ରରେ, ପାଠ୍ୟକ୍ରମର ଏସବୁ ବିନ୍ଦୁ ବିସର୍ଗଟିଏ ମଧ୍ୟ କାମରେ ଆସିନଥାଏ । ସେତେବେଳେ ପିତାମାତାଙ୍କ ତାଡ଼ନାରେ ହେଉ ଅବା ନିଜ ଉଦ୍‌ଯୋଗ ବଳରେ ହେଉ, ବାଲ୍ୟତ କାଳରୁ ହିଁ ନିଜ ଜୀବନବାବଦରେ ତା'ର ଲକ୍ଷ୍ୟ ଥିଲା ସ୍ଥିର । ଅଥଚ ସେହି ଲକ୍ଷ୍ୟପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ପାଠ ଛଡ଼ା ଖସଡ଼ାରେ ଥିବା ବହୁ ଅଦରକାରୀ (ତା' ପାଇଁ) ପାଠକୁ ସେ ମୁଣ୍ଡପାତି ପଢୁଥିଲା ବା ପଢିବାକୁ ବାଧ୍ୟ ହେଉଥିଲା ।

ସମ୍ପ୍ରତି ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ରାଜ୍ୟ ସରକାର ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କରିବା ଦ୍ୱାରା ବର୍ଷ ବର୍ଷରୁ କୋମଳମତି ବିଦ୍ୟାର୍ଥୀମାନେ ନିଜ ଅନିଚ୍ଛା ସତ୍ତ୍ୱେ ଦେଖି ଆସୁଥିବା ଦୁଃସ୍ୱପ୍ନର ଅନ୍ତ ଘଟିଲା । ଏହି ଭାବନା ମଧ୍ୟ ମନକୁ କମ୍ ସାନ୍ତ୍ୱନା ଦେଉନାହିଁ ! ଆଉ ଏହା ସମ୍ଭବ ହୋଇପାରିଛି ଦେଶର ଦୂରଦୃଷ୍ଟି ସମ୍ପନ୍ନ ଶିକ୍ଷାମନ୍ତ୍ରୀଙ୍କ ଲାଗି ।

ଜାତୀୟ ଶିକ୍ଷା ନୀତି-୨୦୨୦ କହୁଛି, ପିଲାଏ ଛୋଟ ବୟସରେ ଯାହା ଠିକ୍, ତା'କୁ କରିବା ଉପରେ ଗୁରୁତ୍ୱ ଦେବେ । ଏହା ତାଙ୍କ ଚରିତ୍ର ଗଠନରେ ସହାୟକ ହେବ । ଜୀବନରେ ନୀତିଗତ ନିଷ୍ପତ୍ତି ନେବାପାଇଁ ଏହା ତାଙ୍କ ଭିତ୍ତିଭୂମିକୁ ସୁଦୃଢ଼ କରିବ । ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ସାଙ୍ଗକୁ ପର୍ଯ୍ୟାୟକ୍ରମେ ବିଦ୍ୟାର୍ଥୀମାନେ ଶିଖିବେ ପ୍ରତାରଣା, ହିଂସା, ଚୋରି, ଅପରାଧ, ସହନଶୀଳତା, ସମାନତା, ସହାନୁଭୂତି ଭଳି ମାନବୀୟ ଗୁଣ ସମ୍ପର୍କରେ । ସେଇଠୁ ଭଲଗୁଡ଼ିକ ବାଛି ନେବାରେ ସେମାନଙ୍କୁ ମିଳିବ ପ୍ରେରଣା । ଯାହା ବାରମ୍ବାର କହି କହି ବା ଦଣ୍ଡବିଧାନ କରି ମଧ୍ୟ ହୋଇପାରୁ ନ ଥିଲା, ପାଠରେ ପାଠରେ ତାହା ଆମ ପିଲାଏ ଶିଖିଯିବେ । ସେବା, ଅହିଂସା, ସ୍ୱଚ୍ଛତା, ସତ୍ୟ, ନିଷ୍କାମ କର୍ମ, ଶାନ୍ତି, ବଳିଦାନ, ସହନଶୀଳତା, ବିବିଧତା, ବହୁବାଦ, ନୈତିକ ଆଚରଣ, ଲିଙ୍ଗଗତ ସମ୍ବେଦନଶୀଳତା, ବୟସ୍କଙ୍କୁ ସମ୍ମାନ, ସମସ୍ତଙ୍କ ଅନ୍ତର୍ନିହିତ ସାମର୍ଥ୍ୟକୁ ସମ୍ମାନ, ସହାୟତା ପ୍ରଦାନ, ସୌଜନ୍ୟ, ଧୈର୍ଯ୍ୟ, କ୍ଷମା, ସମ ଅନୁଭୂତି, କରୁଣା, ଦେଶପ୍ରେମ, ଗଣତାନ୍ତ୍ରିକ ଦୃଷ୍ଟିକୋଣ, ଅଖଣ୍ଡତା, ଦାୟିତ୍ୱବୋଧ, ନ୍ୟାୟ, ସମାନତା, ସ୍ୱାଧୀନତା, ଭ୍ରାତୃତ୍ୱବୋଧ ଇତ୍ୟାଦି ସେମାନଙ୍କ ମଧ୍ୟରେ ବିକଶିତ କରାଯିବ । କଅଁଳ-କଞ୍ଚା ମାଟିରୁ ଗଢ଼ାହେବେ ଉତ୍ତମ ଗୁଣବତ୍ତାରେ ପରିପୂର୍ଣ୍ଣ ଦେଶର ଆଗାମୀ ପିଢ଼ିର ନାଗରିକ । ଅଖଣ୍ଡ ଭାରତର ଭବିଷ୍ୟତ । 'ପ୍ରାରମ୍ଭ'ଠାରୁ ନେଇ 'ପ୍ରସ୍ତୁତି' ଏବଂ 'ମଧ୍ୟ' ବାଟଦେଇ 'ମାଧ୍ୟମିକ' ପର୍ଯ୍ୟନ୍ତ (୫ ଯୁକ୍ତ ୩ ଯୁକ୍ତ ୩ ଯୁକ୍ତ ୪ ବର୍ଷ) ଶିକ୍ଷାଗ୍ରହଣର ଏହା ହିଁ ତ ବୈଶିଷ୍ଟ୍ୟ । ପାଠ୍ୟକ୍ରମରେ ଏହି ନୂତନ ଢାଞ୍ଚାର ଅଭିପ୍ରାୟ ଏକ ଉନ୍ନତ ସାମଗ୍ରିକ ଶିକ୍ଷା, ବିକାଶ ଓ କଲ୍ୟାଣର ବଳିଷ୍ଠ ଭିତ୍ତିଭୂମି ଗଠନ । ଆହା, କେଡ଼େ ବୁଦ୍ଧିଦୀପ୍ତ ଓ ଚେତନା ସମ୍ପ୍ରସାରିତ ଚିନ୍ତାଧାରା !

ଏଣିକି ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଉତ୍ତମ ବିଦ୍ୟାର୍ଜନ ସହ ଉତ୍ତମ ଚରିତ୍ର ଗଠନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । କାରଣ ଆମ ରାଜ୍ୟ ତଥା ଦେଶରେ ଏପରି ଉନ୍ନତ ମସ୍ତିଷ୍କଧାରୀ ଅଥଚ ପଥଭ୍ରଷ୍ଟ ବ୍ୟକ୍ତିବିଶେଷଙ୍କର ଅଭାବ ନାହିଁ, ଯେଉଁମାନେ ଶିକ୍ଷା କ୍ଷେତ୍ରରେ ତ' ଅପହଞ୍ଚ କୃତିତ୍ୱ ଅର୍ଜନ କରନ୍ତି, ମାତ୍ର ବୃତ୍ତିଗତ ଜୀବନରେ ବେଳେ ବେଳେ ଲାଞ୍ଚମିଛର ମାୟାଜାଲରେ ପଡ଼ି ସାମାଜିକ ପ୍ରତିଷ୍ଠା ଟିକକ ହରାଇ ବସନ୍ତି । ଉତ୍କୋଚ ସାଙ୍ଗକୁ ସୁରା-ସାକିର ମୋହ ସେମାନଙ୍କ ମଧ୍ୟରେ ଥିବା ଉତ୍ତମ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତିଟିର କଣ୍ଠରୋଧ କରିଦିଏ । ଏହା ଏକ କ୍ଷଣିକ ଭୁଲ୍ ନୁହେଁ, ଏକ ଅଭ୍ୟାସ, ଏକ ମାନସିକତା । 'ଜାତୀୟ ଶିକ୍ଷାନୀତି' ପ୍ରଣୀତ ଶିକ୍ଷା ଏଥିରୁ ଉଦ୍‌ବୃତ୍ତ ରହିବାକୁ ସେମାନଙ୍କୁ ପ୍ରେରଣା ଯୋଗାଇବ ।

ଉତ୍ତମ ଶରୀର ଗଠନ ନିମନ୍ତେ ଯେପରି ଉତ୍ତମ ଖାଦ୍ୟ ଆବଶ୍ୟକ, ସେହିପରି ଉତ୍ତମ ବିଦ୍ୟାର୍ଥୀଟିଏ ହେବାକୁ ଉତ୍ତମ ଶିକ୍ଷା (କେବଳ ଉତ୍କୃଷ୍ଟ ନୁହେଁ) ଆବଶ୍ୟକ । ସେହି ଲକ୍ଷ୍ୟ ପୂରଣାର୍ଥେ କୋମଳମତି ବୟସରୁ ବିଦ୍ୟାର୍ଥୀଙ୍କୁ ନୂତନ 'ଜାତୀୟ ଶିକ୍ଷାନୀତି'ରେ ପଞ୍ଚତନ୍ତ୍ରର ମୂଳ କାହାଣୀ, ଜାତକ, ହିତୋପଦେଶ ସାଙ୍ଗକୁ ମହାଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରେରଣାଦାୟୀ କାହାଣୀମାନ ପଢ଼ିବାକୁ ସୁଯୋଗ ଦିଆଯିବ । ଖାଲି ଏତିକିରେ ସୀମିତ ରହିବ ନାହିଁ ନୂତନ ଶିକ୍ଷାନୀତି-୨୦୨୦ର ପ୍ରସ୍ତାବିତ ପାଠ୍ୟକ୍ରମ (ଖସଡ଼ା) । ଆଉ ପାଦେ ଆଗକୁ ଯାଇ ଭାରତୀୟ ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଅଂଶକୁ ସମସ୍ତ ବିଦ୍ୟାର୍ଥୀଙ୍କ ପାଇଁ ବୋଧଗମ୍ୟ ଶୈଳୀରେ ଉପଲବ୍ଧ କରାଇବାର ବ୍ୟବସ୍ଥା କରାଯିବ । ପ୍ରାଥମିକ (ମୌଳିକ) ସ୍ତରରୁ ନେଇ ସମସ୍ତ ପର୍ଯ୍ୟାୟରେ ପାଠ୍ୟକ୍ରମକୁ ସ୍ଥାନୀୟ ପ୍ରସଙ୍ଗ ଭିତ୍ତିରେ ପୁନର୍ଗଠନ କରାଯିବ । ଯେଉଁଥିରେ ସଂସ୍କୃତି, ପରମ୍ପରା, ଐତିହ୍ୟ, ଭାଷା, ଦର୍ଶନ, ଭୌଗୋଳିକ ପ୍ରସଙ୍ଗ, ପ୍ରାଚୀନ ଓ ସାମ୍ପ୍ରତିକ ଜ୍ଞାନ, ସାମାଜିକ-ବୈଜ୍ଞାନିକ ଆବଶ୍ୟକତା, ସ୍ୱଦେଶୀ ଓ ପାରମ୍ପରିକ ଶିକ୍ଷା ଶୈଳୀ ସ୍ଥାନ ପାଇବ । ଆଉ ଏହା ହିଁ ଆମ ବିଦ୍ୟାର୍ଥୀମାନଙ୍କ ପାଇଁ ବିଦ୍ୟାଲାଭକୁ ସର୍ବାଧିକ ବିଷୟ ସମ୍ପର୍କିତ, ପ୍ରାସଙ୍ଗିକ, ଆକର୍ଷଣୀୟ ଏବଂ ପ୍ରଭାବଶାଳୀ କରିବ । ଏଭଳି ବଳିଷ୍ଠ ଆଧାରଶିଳା ଉପରେ ଗଠିତ ଦୃଢ଼ ଭିତ୍ତିଭୂମି ବିଦ୍ୟାଲାଭକୁ ନିଶ୍ଚିତ ଭାବରେ ସୃଜନଶୀଳତାର ବିକାଶ ଦିଗରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ ।

**ଯଶିପୁର, ମୟୂରଭଞ୍ଜ,**
**ମୋ-୯୪୩୭୮୭୨୯୦୪**

# ଭୋକିଲା ବିଶ୍ୱ

**ସୌଭାଗ୍ୟ ରଂଜନ ମହାନ୍ତି**

ଏହା ନିଃସନ୍ଦେହ ଯେ, ବିଶ୍ୱରେ କ୍ଷୁଧା ଏବେ ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରିଛି । ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିବାଦ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ଅର୍ଥନୀତିରେ ଅସ୍ଥିରତା କୋଟି କୋଟି ଲୋକଙ୍କୁ ଖାଦ୍ୟ ଅସୁରକ୍ଷା ମଧ୍ୟକୁ କେବଳ ଠେଲି ଦେଇନାହିଁ, ଆନ୍ତର୍ଜାତିକ କ୍ଷୁଧା ସଂକଟକୁ ଆହୁରି ଗୁରୁତର କରୁଛି ବୋଲି କୁହାଯାଇପାରେ । ସେହିପରି ବିଶ୍ୱର ଧନୀକ ରାଷ୍ଟ୍ରମାନଙ୍କ ସହାୟତା ହ୍ରାସ ପରିସ୍ଥିତିକୁ ନିମ୍ନଗାମୀ କରିଛି । ତେବେ ଏଭଳି ଏକ ପରିସ୍ଥିତି ପାଇଁ ଆନ୍ତର୍ଜାତିକ ସ୍ତରରେ ଏକତାର ଆବଶ୍ୟକ ଥିବାବେଳେ ତାହା ଏବେ ଅତି ନଗଣ୍ୟ ସ୍ତରରେ ରହିଛି ।

ଏହାର କାରଣ ହେଉଛି ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିବାଦ । ଉଦାହରଣ ସ୍ୱରୂପ ରୁଷ-ୟୁକ୍ରେନ ଯୁଦ୍ଧ ଏବେ ତୃତୀୟ ବର୍ଷ ବା ୩୬ମାସରେ ପହଞ୍ଚିବାକୁ ଯାଉଥିବାବେଳେ ନିୟୁତ ନିୟୁତ ଲୋକ ଦେଶଛାଡି ଅନ୍ୟ ରାଷ୍ଟ୍ରରେ ଆଶ୍ରୟ ନେଇଛନ୍ତି । ସେହିପରି ମଧ୍ୟପ୍ରାଚ୍ୟରେ ଅଶାନ୍ତି ଏବଂ ଗାଜା ଉପରେ ଇସ୍ରାଏଲର ନୃଶଂସ ଆକ୍ରମଣ ଯୋଗୁଁ ସେଠାରେ କୋଟି କୋଟି ଲୋକଙ୍କ ସ୍ଥିତି ଏବେ କେବଳ ବିପନ୍ନ ହୋଇନାହିଁ, ଭୋକିଲା ମଣିଷଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । କେବଳ ଏତିକି ନୁହେଁ, ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ଯୁଦ୍ଧ ପାଇଁ ବିଶ୍ୱ ସମୁଦାୟ ତିନି ଭାଗରେ ବିଭାଜିତ ହୋଇଯାଇଥିବା ସମୟରେ ପାଣ୍ଠି ସହାୟତା ଅଭାବରୁ ଭୋକିଲା ମଣିଷଙ୍କ ସ୍ଥିତି ଗମ୍ଭୀର ହୋଇପଡିଥିବା କୁହାଯାଏ ।

ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଆବଶ୍ୟକୀୟ ପାଣ୍ଠି ସହାୟତା ଅଭାବରୁ ବିଶ୍ୱର ୧୧୭ ମିଲିୟନରୁ ଅଧିକ ଲୋକ ଅତ୍ୟାବଶ୍ୟକୀୟ ସହାୟତାରୁ ବଞ୍ଚିତ କ୍ଷୁଧା ମଧ୍ୟକୁ ଠେଲି ହୋଇଯାଇଛନ୍ତି। ମାନବିକ ସହାୟତା ପାଇଁ ଧନୀକ ରାଷ୍ଟ୍ରଗୁଡିକୁ ଜାତିସଂଘର ବାରମ୍ବାର ଅନୁରୋଧ ସତ୍ତ୍ୱେ ଏହାର ପାଣ୍ଠିକୁ ଅଧା ପୁରଣ କରିପାରିନାହିଁ । ଗତ ଦୁଇବର୍ଷରୁ ଅଧିକ ସମୟ ଧରି ଏଭଳି ଅବସ୍ଥା ଲାଗିଛି । ଅଥଚ ଧନୀକ ରାଷ୍ଟ୍ରଗୁଡିକ ନିଜର ପ୍ରତିରକ୍ଷା ବ୍ୟୟ ବୃଦ୍ଧି କରୁଥିବାବେଳେ ଯୁଦ୍ଧ ଗ୍ରସ୍ତ ରାଷ୍ଟ୍ରଗୁଡିକୁ ଯୁଦ୍ଧ ପାଇଁ ସହାୟତା ବୃଦ୍ଧି କରିବାରେ ଲାଗିଛନ୍ତି । କେବଳ ଏତିକି ନୁହେଁ, ବିତ୍ତଶାଳୀ ରାଷ୍ଟ୍ରଗୁଡିକ ମାନବିକ ସହାୟତା ପାଣ୍ଠି ହ୍ରାସ କରିବା ସହ ହାଇ ପ୍ରୋଫାଇଲ ପୁଞ୍ଜି ନିବେଶ ତଥା ମହାକାଶ ଗବେଷଣା, ଆର୍ନ୍ତଜାତିକ ସମ୍ମିଳନୀ ତଥା ଇଭେଣ୍ଟରେ ବିଲିଅନ ବିଲିଅନ ପରି ଟଙ୍କା ବିନିଯୋଗ କରିବାରେ ଲାଗିଛନ୍ତି। କହିବା ବାହୁଲ୍ୟ ଯେ, ମାନବିକ ସହାୟତା ପାଇଁ ବିତ୍ତଶାଳୀ ରାଷ୍ଟ୍ରଗୁଡିକ ଆଖିବୁଜି ଦେଇଥିବାବେଳେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟାୟ ମଣିଷ ଉପରେ ଦାଉ ସାଧୁଛି।

ଆଫ୍ରିକୀୟ ରାଷ୍ଟ୍ରଗୁଡିକରେ କ୍ରମାଗତ ମରୁଡି ଯୋଗୁଁ ସେଠାରେ ମଣିଷ ଜଙ୍ଗଲୀ ହାତୀ, ଜିରାଫ ଆଦି ବନ୍ୟଜନ୍ତୁଙ୍କୁ ମାରି ଖାଇବା ପାଇଁ ସେଠାକାର ସରକାର ଅନୁମତି ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ବିଶ୍ୱରେ ବନ୍ୟା, ବାତ୍ୟା, ମରୁଡି, ଆଦି ବଢିଚାଲିଛି ।

ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ବିଶ୍ୱ ଶିଖର ସମ୍ମିଳନୀ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବାବେଳେ ଏଥିରେ କିଛି ପରିବର୍ତ୍ତନ ହେବା ଭଳି ମନେହୁଏ ନାହିଁ । ବିଶ୍ୱ ପରିବେଶକୁ ସୁରକ୍ଷିତ ରଖିବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି, ବିଶ୍ୱ ତାପମାତ୍ରାକୁ ୧.୫ ଡିଗ୍ରୀରେ ସୀମିତ ରଖିବା ଲାଗି ବିଶ୍ୱ ସମ୍ମିଳନୀ ବାରବାର ଘୋଷଣା କରିଥିବାବେଳେ ଏହା କେବଳ ଘୋଷଣାରେ ସୀମିତ ରହିଛି । ଯାହାର ପ୍ରଭାବ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି । ସେହିପରି ବିଶ୍ୱରେ ଆର୍ଥୀକ ଅସ୍ଥିରତା ଯୋଗୁଁ ବେକାରୀ, ବେରୋଜଗାରୀ, ଦରଦାମ ବୃଦ୍ଧି, ଆଦି ମାନବିକ ବିପର୍ଯ୍ୟାୟର କାରଣ ହୋଇଛି । ନିକଟରେ ଶ୍ରୀଲଙ୍କା, ପାକିସ୍ତାନରେ ଆର୍ଥୀକ ସଂକଟ ଯୋଗୁଁ ଯେଉଁଭଳି ଭାବେ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ପାଇଥିଲା, ତାହା କୋଟି କୋଟି ଲୋକଙ୍କୁ ଭୋକିଲା ମଧ୍ୟକୁ ଟାଣି ନେଇଥିଲା । ନିକଟରେ ପ୍ରକାଶିତ ଭୋକିଲା ରାଷ୍ଟ୍ର ତାଲିକାରେ ବିଶ୍ୱର ଅର୍ଦ୍ଧାଧିକ ରାଷ୍ଟ୍ରର ଲୋକେ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହୋଇଥିବା ରିପୋର୍ଟରୁ ଜଣାଯାଇଛି ।

ଏହି ରାଷ୍ଟ୍ର ତାଲିକାରେ ଭାରତ ସ୍ଥାନ ୧୦୫ରେ ରହିଛି । ଆମ ଦେଶରେ ଖାଦ୍ୟ ସୁରକ୍ଷା ଯୋଜନା ସହ ବହୁ ଦାରିଦ୍ର୍ୟ ଦୂରିକରଣ ଯୋଜନା କାର୍ଯ୍ୟକାରୀ ହୋଇ ମଧ କ୍ଷୁଧା ମୁକ୍ତି ଭାରତ ଗଠନରେ ଏହା ସହାୟକ ହୋଇପାରିନାହିଁ । ସେହିପରି ବିଶ୍ୱରେ ୮୦୦ କୋଟି ଲୋକଙ୍କ ମଧ୍ୟରୁ ୨୦୦କୋଟି ଉର୍ଦ୍ଧ୍ୱ ଲୋକ ଦୁଇଓଳି ଦୁଇମୁଠା ଖାଇବାକୁ ନ ପାଇ ଭୋକରେ ରହୁଥିବା ଏକ ପରିସଂଖ୍ୟାନ କହେ । ଏହା ନିସନ୍ଦେହ ଯେ, ଧନୀକ ରାଷ୍ଟ୍ରଗୁଡିକ ଯଦି ମାନବିକ ସହାୟତା ପ୍ରତି ବିମୁଖ ମନୋଭାବ ବଜାୟ ରଖନ୍ତି, ତେବେ ଏହାର ମୂଲ୍ୟ ସ୍ୱରୁପ କେବଳ ଜୀବନ ହାନୀ ହେବ ନାହିଁ, ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟିବା ସାର ହେବ।

**ଗାଙ୍ଗୋତ୍ରୀ ନଗର,**
**ଶିଶୁପାଳଗଡ,ଭୁବନେଶ୍ୱର**

# ଉତ୍ତିଷ୍ଠତ,ଜାଗ୍ରତ...

**ବୈଷ୍ଣବ ଚରଣ ଦାଶ**

'ଉତ୍ତିଷ୍ଠତ,ଜାଗ୍ରତ ପ୍ରାପ୍ୟବରାନ ନିବୋଧକ' ଏହି ବାଣୀ ଥିଲା ବିଶ୍ୱବିଜୟୀ ବିବେକାନନ୍ଦଙ୍କର । ଏହି ବାଣୀରେ କି ଯାଦୁଗରି ଥିଲା କେଜାଣି ତାହା ସମଗ୍ର ଯୁବ ମାନସକୁ ନୂତନ ଦିଗରେ ଅଗ୍ରସର ହେବାର ପଥ ଦେଖାଇଥିଲା । ସ୍ୱାମୀ ବିବେକାନନ୍ଦଙ୍କ ବାଲ୍ୟ ନାମ ଥିଲା ନରେନ୍ଦ୍ରନାଥ ।

୧୮୬୩ ମସିହା ଜାନୁଆରୀ ବାର ତାରିଖରେ କଲିକତାର ସିମୁଳିଆ ପଲ୍ଲୀ ଠାରେ ଭୂମି ସ୍ପର୍ଶ କରିଥିବା ନରେନ୍ କେବଳ ଈଶ୍ୱର ବିଶ୍ୱାସୀ ଥିଲେ ତାହା ନୁହେଁ ବରଂ ଜଣେ ସମାଜ ସଂସ୍କାରକ ଭାବରେ ଅଖଣ୍ଡ ଭାରତ ବର୍ଷରେ ଯେଉଁ ପାବନ ଗଙ୍ଗା ବୁହାଇଥିଲେ, ଯାହାକି ସମଗ୍ର ଜନ ମାନସରେ ଆଦୃତ ହୋଇପାରିଛି । ୧୮୮୧ ମସିହାରେ ଦକ୍ଷିଣେଶ୍ୱର ଠାରେ ଥିବା ରାମକୃଷ୍ଣ ପରମହଂସଙ୍କ ସହ ତାଙ୍କର ସାକ୍ଷାତ ହେଲା । କିନ୍ତୁ ତାଙ୍କ ସମ୍ପର୍କ ଘନିଷ୍ଠ ହେଲା ୧୮୮୪ ମସିହାରେ ।

ପ୍ରାୟତଃ ଦୁଇ ବର୍ଷ ଭିତରେ ଅଣୁ ପରମାଣୁର ସଂଯୋଗ ଭଳି ପରସ୍ପର ମଧ୍ୟରେ ଏତେ ନିବିଡ ହୋଇଗଲେ ଯେ ସେହି ସମୟ ନରେନଙ୍କ ହୃଦୟ ଜ୍ଞାନାଲୋକରେ ପରିପୂର୍ଣ୍ଣ ହୋଇଗଲା । କିନ୍ତୁ ଭାଗ୍ୟର ବିଡମ୍ବନା ୧୮୮୬ରେ ରାମକୃଷ୍ଣ ଦେହ ତ୍ୟାଗ କଲେ । ସେତେବେଳକୁ ନରେନ ୨୨ବର୍ଷର ସଂସାର ଅନଭିଜ୍ଞ ଯୁବକ ।

ଏହାରି ମଧ୍ୟରେ ବି ନରେନଙ୍କ ପିତୃ ବିୟୋଗ ଘଟିଥିଲା । ସେ ସମ୍ପୂର୍ଣ୍ଣ ଏକାକୀ ହୋଇଗଲେ । ଦୁନିଆର ସବୁ ବଡ଼ ଲୋକ ଜୀବନରେ ଏକାକୀ ହିଁ ହୋଇଥାନ୍ତି । ନରେନ୍ ସେଠାରୁ ଦୃଢ଼ମନା ହୋଇ ଈଶ୍ୱର ଓ ଗୁରୁଙ୍କ ଠାରେ ବିଶ୍ୱାସ ରଖି ନିଜ କର୍ମ ପଥରେ ଅଗ୍ରସର ହେଲେ । ସମଗ୍ର ଆର୍ଯ୍ୟାବର୍ତ୍ତ ଭାରତକୁ ପଦବ୍ରଜରେ ଭ୍ରମଣ କରି ଲୋକମାନଙ୍କ ସମସ୍ୟାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କଲେ ।

ସେନାପତି ଯୁଦ୍ଧ ପୂର୍ବରୁ ସୈନ୍ୟମାନଙ୍କୁ ବାଛି ନେବା ପରି ସ୍ୱାମୀଜୀ କିଛି ଗୁରୁଭାଇଙ୍କୁ ଧରି ସମସ୍ୟା ସମାଧାନ କରିବା ଦିଗରେ ଆଗେଇ ଚାଲିଲେ । ସେ ବିଶ୍ୱାସ ରଖିଥିଲେ ନିରନ୍ତର ଅଭ୍ୟାସ ଓ ଏକାଗ୍ରତାର ଫଳ କେବେ ବୃଥା ଯାଏ ନାହିଁ । ସେ କହୁଥିଲେ ମାନବର ସେବା ହିଁ ଈଶ୍ୱରଙ୍କ ସେବା ।

ସମଗ୍ର ଭାରତ ବର୍ଷର ସମସ୍ୟାକୁ ଦେଖି ସାରିବା ପରେ ସେ କନ୍ୟାକୁମାରୀ ସ୍ଥିତ ଶିଳା ଖଣ୍ଡ ଉପରେ ବସି ଧ୍ୟାନସ୍ଥ ହେଲେ । ତାଙ୍କ ଅନ୍ତର ଆତ୍ମାରୁ ଏକ ଅଦୃଶ୍ୟ ଶକ୍ତି ହିଁ ତାଙ୍କୁ ଆମେରିକା ଯିବା ପାଇଁ ଶକ୍ତି ଯୋଗାଇଲା । ୧୮୯୩ମସିହା ସେପ୍ଟେମ୍ବର ମାସ ୧୧ତାରିଖ ଦିନ ଆମେରିକାର ଚିକାଗୋ ସହରରେ ବିଶ୍ୱ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ସେହି ସମ୍ମିଳନୀରେ ସେ 'ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ପ୍ରଚାର କରି ଭାରତର ମହାନ ସଂସ୍କୃତିକୁ ଲୋକମାନଙ୍କ ମଧ୍ୟରେ ପ୍ରଚାରିତ କରିଥିଲେ । ଆମେରିକାରୁ ଫେରି ସେ ଭାରତର ଅବହେଳିତ, ଅବାଞ୍ଛିତ, ଅଶିକ୍ଷିତ, ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରି ଭାରତର ଉନ୍ନତି ପାଇଁ ନିଜର କାର୍ଯ୍ୟ ଆରମ୍ଭ କଲେ ।

ବିବେକାନନ୍ଦଙ୍କ ବାଣୀରେ କି ଯାଦୁଗରୀ ଶକ୍ତି ଥିଲା ଶହ ଶହ ଯୁବକ କାର୍ଯ୍ୟ ପଛାରେ ଯୋଗ ଦେଲେ । ସେ ଯୁବକମାନଙ୍କୁ କହିଲେ 'ଉଠ, ଜାଗ୍ରତ ହୁଅ । ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଆଗେଇ ଚାଲ । ମାନବ ଜାତିର କଲ୍ୟାଣ କର ।' ସେ ଭାରତୀୟ ଜୀବନ ଦର୍ଶନକୁ ପାଥେୟ କରି ତ୍ୟାଗ ଓ ସେବାର ବୀଜ ବପନ କରି ଚାଲିଲେ । ସେ ଯୁବକମାନଙ୍କୁ ସାହସୀ ନିର୍ଭୀକ ଚରିତ୍ରବାନ ଓ ଆତ୍ମ ବିଶ୍ୱାସୀ ହେବା ପାଇଁ ପ୍ରବର୍ତ୍ତାଉଥିଲେ । ସଂସ୍କୃତରେ ପ୍ରବାଦ ଅଛି,

*'ଉଦ୍ୟମମ୍ ସାହସଂ ଧୈର୍ଯ୍ୟଂ ବଳମ୍ ଶକ୍ତି*
*ପରାକ୍ରମମ୍ , ଷଡେତେ ଯତ୍ର ବିଦ୍ୟନ୍ତେ ତତ୍ର*
*ଦେବାଃ ସହାୟକାଃ।'*

ସ୍ୱାମୀଜୀଙ୍କ ବାଣୀରେ ବହୁ ଯୁବକ ଉଦବୁଦ୍ଧ ହୋଇ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଯୁବପିଢ଼ି ହେଉଛନ୍ତି ବିପ୍ଳବର ବାର୍ତ୍ତାବହ । ଯୁବକମାନେ ହିଁ ସୃଷ୍ଟି ସର୍ଜନା କରନ୍ତି ଏବଂ ବିନାଶ ମଧ କରିପାରନ୍ତି । ସ୍ୱାଧୀନତାର ପ୍ରାକ୍ କାଳରେ ମଧ ଅନେକାଂଶରେ ଯୁବକମାନେ ହିଁ ସାମାଜିକ ଭାବଧାରାରେ ଅବଗାହନ କରି ସ୍ୱାଧୀନତା ଆଣିବାରେ ସକ୍ଷମ ହୋଇଥିଲେ । ମାର୍କସ ଓ ଲେନିନଙ୍କ ଦ୍ୱାରା ଯେଉଁ ସାମ୍ୟବାଦ ଘୋଷଣା କରାଯାଇଥିଲା, ବିବେକାନନ୍ଦ ମଧ୍ୟ ତାହାର ପରିପନ୍ଥୀ ଥିଲେ ।

ସାମ୍ୟବାଦ ଦ୍ୱାରା କୋଟି କୋଟି ବୁଭୁକ୍ଷୁ ଜନତାକୁ ମୁକ୍ତି ପଥରେ ଆଗେଇ ନେବ । ଯେଉଁଠି ସୃଷ୍ଟି ହେବ ଏକ ଶ୍ରେଣୀହୀନ ସମାଜ, ସେଠାରେ ଧନୀ ଗରୀବର ପାର୍ଥକ୍ୟ ନଥିବ କି ଅନ୍ୟାୟ ଅନୀତି ନଥିବ । ଏଭଳି ଏକ ଦୃଢ଼ ସଂକଳ୍ପରେ ବିବେକାନନ୍ଦ ଅନେକ ଯୁବକଙ୍କୁ ପ୍ରଚୋଦିତ କରିଥିଲେ ।

ଯୁବକମାନଙ୍କ ମଧ୍ୟରେ ଯେଉଁ ଦେଶ ପ୍ରେମର ବହ୍ନି ଜାଳିଥିଲେ ତାହା ଫଳପ୍ରସୂ ହୋଇଥିଲା । ସେ କହୁଥିଲେ ପ୍ରଥମେ ନିଜ ସ୍ୱରୂପକୁ ଚିହ୍ନ, ଯେତେବେଳେ ସୁପ୍ତ ଚେତନା ଜାଗ୍ରତ ହେବ ସେତେବେଳେ ମନୁଷ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ । ବୀର୍ଯ୍ୟବାନ ହିଁ ଶକ୍ତି, ଦୁର୍ବଳତା ହିଁ ମୃତ୍ୟୁ । ମନୁଷ୍ୟ ହେବାର ପ୍ରଥମ ସୋପାନ ହେଉଛି ଶକ୍ତି । ସେହି ଶକ୍ତିକୁ ବିଭିନ୍ନ ମାଧ୍ୟମରେ ଯୁବକମାନଙ୍କ ଅନ୍ତରରେ ସ୍ଥାପନ କରି ସ୍ୱାମୀଜୀ ୧୯୦୨ ଜୁଲାଇ ୪ ତାରିଖ ଦିନ ଦେହତ୍ୟାଗ କରିଥିଲେ । ତାଙ୍କରି ଆଦର୍ଶ ଓ ଦେଶପ୍ରେମ ଭାବନା ଆଜି ଯୁବକମାନଙ୍କୁ ପ୍ରେରଣା ଦେଉଛି ।

**ବୀରଧନଞ୍ଜୟପୁର, ବୁଗୁଡ଼ା ଗଞ୍ଜାମ,**
**ମୋ-୯୭୭୬୫୩୪୯୩୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅଫିସରଙ୍କ ଗାଡ଼ି ଭଡ଼ା ବଢ଼ିଲା: ଫେବୃୟାରୀରୁ ନୂଆ ଦର

ଭୁବନେଶ୍ୱର,୧୯।୧(ସବ୍ୟୁ):ଅଫିସରମାନେ ଉପଯୋଗ କରୁଥିବା ଗାଡ଼ିର ଭଡ଼ା ପରିମାଣକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି । ତେଲ ଦରବଢୁଥିବାରୁ ୮ବର୍ଷ ପରେ ଏହି ଭଡ଼ାରେ ସଂଶୋଧନ ଆବଶ୍ୟକତା ପଡ଼ିଛି ବୋଲି ଅର୍ଥ ବିଭାଗ କହିଛି । ଫେବୃୟାରୀ ପହିଲାରୁ ଅଫିସରମାନଙ୍କୁ ଗାଡ଼ି ଉପଯୋଗ ପାଇଁ ବର୍ଦ୍ଧିତ ଦର ଦେବାକୁ ପଡ଼ିବ । ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସଚିବ ଓ ତଦୁର୍ଦ୍ଧ୍ୱ, ଅତିରିକ୍ତ ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳଙ୍କ ସମେତ ଆଇଜି ଓ ତଦୁର୍ଦ୍ଧ୍ୱ ପାହ୍ୟାର ଆଇପିଏସ୍ ଅଫିସର, ସିସିଏଫ ଓ ତଦୁର୍ଦ୍ଧ୍ୱ ପାହ୍ୟାର ଆଇଏଫଏସ୍ ଅଫିସର, କମିଶନର ପାହ୍ୟାର ଆଇଏଏସ୍ ଅଫିସରମାନେ( ଚକବନ୍ଦୀ କମିଶନର, ବନ୍ଦୋବସ୍ତ କମିଶନର, ଭୂସଂସ୍କାର କମିଶନର ଆଦି ପଦବୀ ନୁହେଁ) ବ୍ୟକ୍ତିଗତ କାର୍ଯ୍ୟ ପାଇଁ ସରକାର ଗାଡ଼ିକୁ ସଂଶୋଧିତ ଭଡ଼ା ଦେଇ ଉପଯୋଗ କରିପାରିବେ । ଏବେ ମାସକୁ ସର୍ବାଧିକ ୩୦୦କିମି ପର୍ଯ୍ୟନ୍ତ ବ୍ୟକ୍ତିଗତ କାର୍ଯ୍ୟରେ ସରକାରୀ ଗାଡ଼ିର ଉପଯୋଗ ପାଇଁ ଅଫିସରଙ୍କୁ ୨୫୨୦ଟଙ୍କା ଏବଂ ୩୦୦ରୁ ୫୦୦କିମି ପର୍ଯ୍ୟନ୍ତ ୪୨୦୦ଟଙ୍କା ଦେବାକୁ ପଡୁଛି । ତେବେ ସଂଶୋଧିତ ଦରରେ ଆସନ୍ତା ଫେବୃୟାରୀ ପହିଲାରୁ ଏହା ଯଥାକ୍ରମେ ମାସିକ ଭଡ଼ା ୩୭୮୦ଟଙ୍କା ଓ ୬୩୦୦ଟଙ୍କା ଦେବାକୁ ପଡ଼ିବ ।

ଭୁବନେଶ୍ୱରରୁ କଟକ ଅବା କଟକରୁ ଭୁବନେଶ୍ୱରରେ ଅଫିସ୍ କାର୍ଯ୍ୟ ପାଇଁ ଯାତାୟତ କରୁଥିବା ଅଫିସରମାନଙ୍କ ମାସିକ ଭଡ଼ା ବାବଦ ଅର୍ଥ ୬ହଜାର ଟଙ୍କାକୁ ଅପରିବର୍ତ୍ତିତ ରଖାଯାଇଛି । ତେବେ ଗୋଟିଏ ଗାଡ଼ିକୁ ଯଦି ମିଳିତ ଭାବେ ଅଫିସରମାନେ(ସିଙ୍ଗଲ ଗାଡ଼ି ଉପଯୋଗ ପାଇଁ ଯୋଗ୍ୟ ଅଫିସର) ବ୍ୟବହାର କରିବେ ତା'ହେଲେ ସେମାନଙ୍କଠୁ ସମାନ ଭାବରେ ଭଡ଼ା ଭାଗଭାଗ କରି ଆଦାୟ କରାଯାଇପାରିବ । ଉଦାହରଣ ସ୍ୱରୂପ ଦୁଇଜଣ ଅଫିସର ଯଦି କଟକରୁ ଭୁବନେଶ୍ୱର ଅବା ଭୁବନେଶ୍ୱରରୁ କଟକ ଗୋଟିଏ ଗାଡ଼ିରେ ଯାତାୟତ କରନ୍ତି ତେବେ ୬ହଜାର ଟଙ୍କା ଭଡ଼ାକୁ ଉଭୟଙ୍କଠୁ ସମାନ ଭାଗରେ ଆଦାୟ କରାଯିବ । ଅବଶ୍ୟ ଏଥିପାଇଁ ଉଭୟ ଅଫିସର ସିଙ୍ଗଲ ସରକାରୀ ଗାଡ଼ି ଉପଯୋଗ ନିମନ୍ତେ ଯୋଗ୍ୟ ହୋଇଥିବା ଜରୁରୀ । ବାସଭବନରୁ ଅଫିସ୍ ଯିବା ନିମନ୍ତେ ସରକାରୀ ଗାଡ଼ି ଉପଯୋଗ ପାଇଁ ବିଭିନ୍ନ ବର୍ଗର ଅଫିସରଙ୍କ ନିମନ୍ତେ ଧାର୍ଯ୍ୟ ଭଡ଼ାକୁ ମଧ୍ୟ ସଂଶୋଧନ କରାଯାଇଛି । ସଚିବ,ଅତିରିକ୍ତ ସଚିବ,ବିଭାଗୀୟ ମୁଖ୍ୟ ଓ ଆରଡିସିଙ୍କୁ ଏଣିକି ମାସିକ ୧୬୮୦ଟଙ୍କା ବଦଳରେ ୨୫୨୦ଟଙ୍କା, ପ୍ରଶାସନିକ ବିଭାଗୀୟ ଅଧିକାରୀ ଓ ମିଳିତ ଭାବେ ଗାଡ଼ି ଉପଯୋଗ କରୁଥିବା ବିଭାଗୀୟ ଅଧିକାରୀଙ୍କୁ ମାସିକ ୧୧୨୦ଟଙ୍କା ପରିବର୍ତ୍ତେ ୧୬୮୦ଟଙ୍କା, ସରକାରୀ ଗାଡ଼ି ପାଇଥିବା ଅନ୍ୟ ଅଫିସରଙ୍କୁ ମାସିକ ୧୪୦୦ଟଙ୍କା ପରିବର୍ତ୍ତେ ୨୧୦୦ଟଙ୍କା ଏବଂ ଜିଲ୍ଲାପାଳ,ଅତିରିକ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ମାସିକ ୧୧୨୦ଟଙ୍କା ପରିବର୍ତ୍ତେ ୧୬୮୦ଟଙ୍କା ଭଡ଼ା ଦେବାକୁ ପଡ଼ିବ ।ଏହି ସଂଶୋଧିତ ଭଡ଼ା ଫେବୃୟାରୀ ପହିଲାରୁ ସେମାନଙ୍କୁ ଦେବାକୁ ପଡ଼ିବ ବୋଲି ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି...

ଅନୁଷ୍ଠିତ ସମାରୋହରେ ବିବାଦ ଆଶଙ୍କା କରି ସେ ଏକ ସପ୍ତାହ ପାଇଁ କାଲିଫର୍ନିଆ ଯିବାକୁ ଚିନ୍ତା କରୁଛନ୍ତି ।

ଅନ୍ୟପକ୍ଷରେ ଟ୍ରମ୍ପ ସମର୍ଥକମାନେ ଏହି ସମାରୋହ ପାଇଁ ପ୍ରସ୍ତୁତି ଚଳାଇଛନ୍ତି, ସହରର ହୋଟେଲ ଗୁଡିକର ପ୍ରାୟ ୭୦ପ୍ରତିଶତ ରୁମ୍ ବୁକ ସରିଛି । ସମାରୋହକୁ ବହୁ ସଂଖ୍ୟକ ଲୋକ ଆସୁଥିବାର ଦର୍ଶାଇ ରୁମ୍ ଦର ରାତି ୯୦୦ରୁ ୧୫୦୦ ଡଲାର ମଧ୍ୟରେ ରହିଛି ।

### ହୀରାକୁଦରେ...

ପରିମିତ ବିଭିନ୍ନ ଜଙ୍ଗଲରେ ପରିବ୍ରାଜକ ପକ୍ଷୀ ମାନଙ୍କ ଗଣନା କରାଯାଇଥିଲା । ଚଳିତବର୍ଷ ୯ଟି ନୂତନ ପ୍ରଜାତିର ପକ୍ଷୀ ହୀରାକୁଦକୁ ଆସିଥିବା ଜଣାପଡ଼ିଛି। ସୁଦୂର ଯୁକ୍ତରାଷ୍ଟ୍ର ଆମେରିକାରୁ ପ୍ରଥମ ଥର ପରିବ୍ରାଜକ ପକ୍ଷୀ ମାନେ ମଧ୍ୟ ଆସିଛନ୍ତି । ସୂଚନାଯୋଗ୍ୟ, ୧୯୫୭ ବେଳକୁ ହୀରାକୁଦ ଜଳଭଣ୍ଡାର କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା ସୃଷ୍ଟି ହୋଇଥିବା ବିଶାଳ ହ୍ରଦ ଯୋଗୁଁ ଦେଶ ବିଦେଶର ପକ୍ଷୀମାନଙ୍କ ଆଗମନ ବୃଦ୍ଧି ପାଇଥିଲା। ଶୀତ ଆସିଲା ପରେ ନଭେମ୍ବର ମାସ ବେଳକୁ ଏହି ପକ୍ଷୀମାନେ ହଜାର ହଜାର କିଲୋମିଟର ଆକାଶପଥ ଅତିକ୍ରମ କରି ହିମାଳୟ, ୟୁରୋପୀୟ ଦେଶ, କାସ୍ପିଆନ ସାଗର ତଟବର୍ତ୍ତୀ ଦେଶ, ଚୀନ, ମଙ୍ଗୋଲିୟା, ଆଫଗାନିସ୍ଥାନ, ଇରାକ୍ ପ୍ରଭୃତି ଦେଶ ଗୁଡିକରୁ ହୀରାକୁଦ ଜଳଭଣ୍ଡାରକୁ ଆସିଥାନ୍ତି। ଫେବୃଆରୀ-ମାର୍ଚ୍ଚ ମାସ ବେଳକୁ ଶୀତ ଅପସରି ଗଲା ପରେ ଏହି ପକ୍ଷୀମାନେ ପୁଣି ନିଜ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ହୀରାକୁଦ ଜଳଭଣ୍ଡାର ଭିତରେ ଥିବା ବିଭିନ୍ନ ପର୍ବତ, ପାର୍ଶ୍ୱବର୍ତ୍ତୀ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ଜଙ୍ଗଲଗୁଡ଼ିକ ଶୀତ ସମୟରେ ଏହି ପକ୍ଷୀମାନଙ୍କୁ ଆକର୍ଷିତ କରିଆସିଛି। ଏଥିସହ ମଧୁର ମାଛ ସେମାନଙ୍କୁ ଟାଣି ଆଣିଥିବା ବେଳେ ଡିସେମ୍ବର ଶେଷ ସପ୍ତାହ ଓ ଜାନୁଆରୀ ମାସରେ ପକ୍ଷୀଙ୍କ ସଂଖ୍ୟା ବଢିଥାଏ । ତେଣୁ ପାଣିପାଗ ଶୀତର ମାତ୍ରାକୁ ଦୃଷ୍ଟିରେ ରଖି ପକ୍ଷୀ ଗଣନା କରାଯାଇଥାଏ । ତେବେ ହୀରାକୁଦ ଜଳଭଣ୍ଡାରକୁ ୨୦୨୦ରେ ୯୩ପ୍ରଜାତିର୯୭ହଜାର୮୯୯ପକ୍ଷୀ , ୨୦୨୧ରେ ହୀରାକୁଦ ଜଳଭଣ୍ଡାରକୁ ୯୮ପ୍ରଜାତିର ୧ଲକ୍ଷ୨୪ହଜାର୮୬୪ପକ୍ଷୀ, ୨୦୨୨ରେ ୧୦୪ପ୍ରଜାତିର ୨ଲକ୍ଷ୮ହଜାର୬୩୪ପକ୍ଷୀ, ୨୦୨୩ରେ ରେକର୍ଡ ସଂଖ୍ୟକ ୧୦୮ପ୍ରଜାତିର ୩ଲକ୍ଷ୧୬ହଜାର୬୭୬ପକ୍ଷୀ ଆସିଥିଲେ ।

### ମହାକୁମ୍ଭରେ...

ପ୍ରଶାସନ ତରଫରୁ କାମକୁ ତ୍ୱରାନ୍ୱିତ କରାଯିବା ସହ ସେଠାରେ ଯେପରି କେହି ଫସି ନ ରହିବେ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି ।

ସର୍ବଶେଷ ସୂଚନା ଅନୁସାରେ ମହାକୁମ୍ଭରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରାଯାଇଛି । ଅଗ୍ନିଶମ ବାହିନୀର ଅଧା ଡଜନ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ । ସେକ୍ଟର ୧୯ ଓ ସେକ୍ଟର ୫ ସୀମାରେ ଥିବା ପୁରୁଣା ଜିଟି ରୋଡ୍ ଛକ ନିକଟରେ ଏହି ଅଗ୍ନିକାଣ୍ଡ ଘଟିଛି ।ବିବେକାନନ୍ଦ ଶିବିରରେ ପ୍ରଥମେ ନିଆଁ ଲାଗିଥିଲା । ତେବେ ଏହି ଘଟଣାରେ କେହି ମୃତାହତ ହୋଇଥିବା ସୂଚନା ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ।

### ଆଉ...

ତଳମୁହାଁ ହୋଇଛି । ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ରହିଛି ।

ଚଳିତବର୍ଷ ଶୀତର ଲୁଚକାଳି ଖେଳ ଭିତରେ ହଠାତ ତାପମାତ୍ରା କମି ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି । ସଞ୍ଜ ନଇଁଲେ ଥଣ୍ଡାର ପ୍ରକୋପ ବଢ଼ିବା ସହ ସହର ବଜାର ଖାଁ ଖାଁ ଲାଗୁଛି । ଲୋକ ଘରେ ରହିବାକୁ ସୁରକ୍ଷିତ ମନେ କରୁଛନ୍ତି । ପ୍ରବଳ ଥଣ୍ଡାରେ ବାହାର ଜିଲ୍ଲା, ରାଜ୍ୟ ଏବଂ ବିଦେଶରୁ ପର୍ଯ୍ୟଟକମାନେ ଆସିବା ସହ ଶୀତର ମଜା ନେଉଛନ୍ତି । ବିଭିନ୍ନ ପାହାଡ଼ିଆ ଅଞ୍ଚଳକୁ ଯାଇ ସୂର୍ଯ୍ୟ ଉଦୟ ଏବଂ ସୂର୍ଯ୍ୟ ଅସ୍ତର ମଜ୍ଜା ଉଠେଇ ନିଜ ନିଜ ମୋବାଇଲରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଦୃଶ୍ୟକୁ କଏଦ କରି ରଖୁଥିବା ଦେଖିବାକୁ ମିଳୁଛି ।

ସହରର ବିଭିନ୍ନ ଛକରେ ନିଆଁ ଜାଳି ଲୋକ ବସିରହୁଥିବା ବେଳେ ଭୋରରୁ ମଧ୍ୟ ବିଭିନ୍ନ ଚା' ଦୋକାନରେ ନିଆଁ ଜାଳି ସେଠାରେ ବସି ଚା ପିଇ ଖଟି କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ପ୍ରବଳ ଥଣ୍ଡା ଯୋଗୁଁ ସକାଳୁ ଏବଂ ସନ୍ଧ୍ୟାରେ ଭ୍ରମଣ ଯାଉଥିବା ଲୋକଙ୍କ ସଂଖ୍ୟା କମିଯାଇଛି । ଆଗାମୀ ଦିନରେ ଆହୁରି ତାପମାତ୍ରା କମିପାରେ । ଗତ ଦୁଇଦିନ ହେଲା ଜି.ଉଦୟଗିରି ସହରର ତାପମାତ୍ରା ୫ଡିଗ୍ରୀ ଥିବା ବେଳେ ଆଜି ପାରଦ ଆହୁରି ତଳକୁ ଖସି ୪.୮ଡିଗ୍ରି ଥିବା ସୂଚନା ମିଳିଛି ।

### ଯୁବତୀ ...

ରୁଜୁ କରାଯାଇଛି । ସେମାନେ ରାଜ୍ୟ ତଥା ରାଜ୍ୟ ବାହାରୁ ଯୁବତୀମାନଙ୍କ ପାଇଁ ବଡ ବଡିଆ ଲୋକଙ୍କୁ ଯୋଗାଇ ଉଚ୍ଚ ପରିମାଣର ଟଙ୍କା ନେଉଥିଲେ । ଏତେ ପରିମାଣର ଟଙ୍କା, ଘର, ଗାଡି କେଉଁଠୁ ଆସିଲା ବୋଲି ପ୍ରଶ୍ନ ଉଠୁଥିବା ବେଳେ ଯୁବତୀ ଚାଲାଣରେ ସେ ପ୍ରଚୁର ଅର୍ଥ ରୋଜଗାର କରୁଥିଲେ । ଏପରିକି ବିଦେଶିନୀକୁ ଆଣି ଲକ୍ଷାଧିକ ଟଙ୍କା ମୂଲ୍ୟ ନେଉଥିଲେ । ଯେଉଁ ବଡ଼ ବଡ଼ିଆ ଲୋକଙ୍କୁ ଦୁହେଁ, ଯୁବତୀ ଚାଲାଣ କରୁଥିଲେ ମୋବାଇଲରୁ ସେମାନଙ୍କ ଚିଠା ମିଳିଛି ।

ପୋଲିସ କହିବା ଅନୁଯାୟୀ ଆବଶ୍ୟକ ହେଲେ ସେମାନଙ୍କୁ ଡାକି ପଚରା ଉଚରା କରାଯିବ । ୧୧/୨୦୨୫ ମଧ୍ୟ ପୋଲିସ ଆଡୁ ରୁଜୁ କରାଯାଇଥିଲା । ନିଜ ଆଡୁ ପୋଲିସ୍ ୧୧ ଓ ୨୫ ମାମଲା ରୁଜୁ କରି ତଦନ୍ତ କରୁଛି । ଷଡଯନ୍ତ୍ର ଦଫା ଜାମିନ ବିହୀନ ହୋଇଥିବାରୁ ଦୁହିଁଙ୍କୁ ସେହି ଦଫାରେ ଦଣ୍ଡ ମିଳିପାରେ ବୋଲି କୁହାଯାଉଛି । ୧୮ ତାରିଖ ଜାମିନ ଆବେଦନ ଶୁଣାଣିରେ ହଂସିତା ବିଫଳ ହୋଇଥିବା ବେଳେ ତୃତୀୟ ମାମଲା ହେବାପରେ ଜାମିନ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦୁହେଁ ଦେଶ ତଥା ରାଜ୍ୟର ପ୍ରତିଷ୍ଠିତ ଲୋକଙ୍କ ଫଟୋ ସହ ଫଟୋ ଯୋଡି ଲୋକଙ୍କୁ ପ୍ରଭାବିତ କରୁଥିଲେ ।

### ଗାଜାରେ...

ଧ୍ୱଂସଲୀଳା ଅଟକି ଯାଇଛି । ଶାନ୍ତିଚୁକ୍ତିର ପ୍ରଥମ ପର୍ଯ୍ୟାୟ ସ୍ଥାନୀୟ ସମୟ ପୂର୍ବାହ୍ନ ସାଢେ ୧୧ଟା ସମୟରେ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ସମୁଦାୟ ୪୨ ଦିନର ହେବ । ଇସ୍ରାଏଲର ୯୮ ଜଣ ବନ୍ଧକଙ୍କ ମଧ୍ୟରୁ ୩୩ ଜଣଙ୍କୁ ହମାସ ମୁକ୍ତ କରିବ । ତା ବଦଳରେ ଇସ୍ରାଏଲ ୭୩୭ ଜଣ କଏଦୀଙ୍କୁ ମୁକ୍ତ କରିବ ।ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଚେତାବନୀ ଦେଇ କହିଥିଲେ ଯେ ଯେପର୍ଯ୍ୟନ୍ତ ହମାସ ତାଙ୍କ ସରକାରଙ୍କୁ ବନ୍ଧକଙ୍କ ତାଲିକା ନ ଦିଏ ସେ ପର୍ଯ୍ୟନ୍ତ ଗାଜାରେ ଅସ୍ତ୍ରବିରତି ଆରମ୍ଭ ହେବ ନାହିଁ ଯାହା କି ଚୁକ୍ତିର ପ୍ରଥମ ପର୍ଯ୍ୟାୟରେ ପ୍ରକାଶ ପାଇବ । ଅସ୍ତ୍ରବିରତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରତିଶ୍ରୁତିବଦ୍ଧ ବୋଲି ହାମାସ୍ କହିଛି ଏବଂ ବୈଷୟିକ୍, ଆଞ୍ଚଳିକ କାରଣରୁ ବିଳମ୍ବ ହୋଇଛି ବୋଲି କହିଛି । ବନ୍ଧକ ଓ କଏଦୀଙ୍କ ବିନିମୟ ପାଇଁ ତିନୋଟି ପଏଣ୍ଟ ସୃଷ୍ଟି କରାଯାଇଛି ।ଏହି ପଏଣ୍ଟ କେରିମ୍ ଶାଲୋମ୍, ଆରେଜ୍ ଓ ରିମ୍ ରେ ରହିବ । ଏଠାରେ ଡାକ୍ତର ଓ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ଉପସ୍ଥିତ ରହି ଡିସଚାର୍ଜ ହୋଇଥିବା ଲୋକଙ୍କ ପରୀକ୍ଷା କରିବେ ।

# ୪୦ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ମିଶନ ଶକ୍ତି ସଭାକକ୍ଷରେ ଗୁରୁବାର ୮୦ବର୍ଷରୁ ଉର୍ଦ୍ଧ ୪୦ ଜଣ ହତାଧିକାରୀଙ୍କୁ ବର୍ଦ୍ଧିତ ୩ହଜାର ୫ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଛି। ବିଡିଓ ଦେବଦତ୍ତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ସାଂସଦ ପ୍ରତିନିଧି ଡଃ ସୁଧାଂଶୁ ଶେଖର ନାୟକ, ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଯେନା, ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଉପାଧକ୍ଷ ପ୍ରଣିତକାନ୍ତି ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି ଓ ଲକ୍ଷ୍ମୀଧର ସାହୁ ଅତିଥି ଭାବେ ଯୋଗଦେଇ ୮୦ ବର୍ଷ ଅତିକ୍ରମ କରିଥିବା ଭତ୍ତା ହିତାଧିକାରୀ ୪୦ ଜଣଙ୍କୁ ପ୍ରତ୍ୟେକ ୩ହଜାର ୫ ଶହ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିଥିଲେ ।

# ଡୁଙ୍ଗୁରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକୋତ୍ସବ ରବିବାର ଦିନ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶିଶିର କୁମାର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ବିବେକାନନ୍ଦ ସାହୁ ମୁଖ୍ୟବକ୍ତା,ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର,ଅଧ୍ୟାପକ ବିଜୟ ବେହେରା ଓ ଶିକ୍ଷକ ନେତା କୈଳାସ ଚନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କାରଯୁକ୍ତ ଶିକ୍ଷା ସମାଜରେ ସୁଧାର ଆଣିଥାଏ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଆଚାର୍ଯ୍ୟା ସୁପ୍ରଭା ଖଟୁଆ। ଅତିଥି ପରିଚୟ,ସବିତାରାଣି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରବିନ୍ଦ୍ର ନାଥ ନାୟକ,ବିଷ୍ଣୁପ୍ରସାଦ ବାରିକ,ବିଶ୍ୱନାଥ ସେଣ୍ଠ,ତପସ୍ୱିନୀ ସାହୁ,ବୈକୁଣ୍ଠନାଥ ପଣ୍ଡା,ନନ୍ଦକିଶୋର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ କୃତି ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ମିଳିତ ଜନ ଶୁଣାଣୀ ଶିବିର: ୬୦ ଅଭିଯୋଗ ଆସିଲା

ବନ୍ତ(ସବ୍ୟୁ):ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦୀଲିପ କୁମାର ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ପୂର୍ବାଞ୍ଚ ଡି.ଆଇ.ଜି ସତ୍ୟଜିତ୍ ନାୟକ, ଏସ.ପି ମଡକର ସନ୍ଦୀପ ସମ୍ପତ ଯୋଗ ଦେଇଥିଲେ । ଏଥିରେ ମୋଟ ୬୦ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୩୯ ବ୍ୟକ୍ତିଗତ, ୧୮ ସାମୁହିକ, ଗୋଟିଏ ରେଡକ୍ରସ୍, ୨ଟି ସି.ଏମ୍.ଆର.ଏଫ ସମ୍ବନ୍ଧୀୟ ଅଭିଯୋଗ ଥିଲା । ଜିଲା ରେଡକ୍ରସ ପାଣ୍ଠିରୁ ସାହୁପଡା ଗୋପିନାଥପୁର ଗ୍ରାମର ପରମାନନ୍ଦ ପୃଷ୍ଟିଙ୍କୁ ୫ ହଜାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲାପାଳ ମଞ୍ଜୁର କରିଥିଲେ । ୧୫ଟି ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଥିଲା । ଏଥିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡେଇ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁଧାଂଶୁ ଶେଖର ବଳ, ଭାରପ୍ରାପ୍ତ ବିଡିଓ ନିଶିକାନ୍ତ ଖୁଣ୍ଟିଆ ଯୋଗ ଦେଇ ଅଭିଯୋଗ ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମାଜିକ ସୁରକ୍ଷା ଯୋଜନାରେ ଜଣେ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜିଲାପାଳଙ୍କ ଆବଶ୍ୟକ ମତେ ଅଭିଯୋଗ ସମାଧାନ ପାଇଁ ତଥ୍ୟ ଉପସ୍ଥାପନ କରିଥିଲେ । ଆଗତ ହୋଇଥିବା ଅଭିଯୋଗ ସବୁର ନିୟମାନୁଯାୟୀ ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବାଲେଶ୍ୱର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବୈଠକ

ବାଲେଶ୍ୱର ,(ସବ୍ୟୁ) : ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗତ ତିନିବର୍ଷ ଧରି ଦାବି ଗଣତାନ୍ତ୍ରିକ ଆନ୍ଦୋଳନ ହୋଇଆସୁଛି। ସମିତିର ସଭାପତି ଡକ୍ଟର କେଶବଚରଣ ପଣ୍ଡାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀପାଠ କରିଥିଲାବେଳେ କୋଷାଧକ୍ଷ ଭାସ୍କରଚନ୍ଦ୍ର ପାଢ଼ୀ ଆୟବ୍ୟୟ ବୈଠକରେ ଉପସ୍ଥାପନ କରିଥିଲେ। ସଭାପତି ଡକ୍ଟର ପଣ୍ଡା ଗତ ତିନବର୍ଷ ଧରି ଜିଲ୍ଲାବାସୀଙ୍କ ପକ୍ଷରୁ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତି ଧାରାବାହିକ ଭାବେ ସ୍ମାରକପତ୍ର ମାଧମରେ ମାନ୍ୟବର ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ତଥା ପ୍ରଧାନ କୃଷି ସଚିବ ଓ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇସାରିଛନ୍ତି ବୋଲି ସଭାରେ ମତ ରଖିଥିଲେ। ଇତି ମଧ୍ୟରେ ପୂର୍ବ ମାସରେ ରେମୁଣା ଓ ସୋରୋରେ ଆଞ୍ଚଳିକ ସମ୍ମିଳନୀ ହୋଇଯାଇଛି ବୋଲି ସଭାପତି କହିଥିଲେ ଏବଂ ତା ୩୦-୧୨-୨୦୨୪ରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ପ୍ରକୋଷ୍ଟରେ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରି ବିଚାର କରିବାପାଇଁ ଅନୁରୋଧ କରିଥିଲେ। ଆସନ୍ତା ମାର୍ଚ୍ଚ ମାସ ଭିତରେ ବାର୍ଷିକ ସମ୍ମିଳନୀ କରିବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି କରାଗଲା। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ତଥା ଉପଦେଷ୍ଟା ନିରଞ୍ଜନ ପରିଡ଼ା, ଡ. କ୍ଷିତୀଶ୍ୱର ଦାଶ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ଜେନା, ଶଶାଙ୍କ ଶେଖର ଦତ୍ତ, ସୁନୀତି ରଣା, ହରନାରାୟଣ ମହୁଆଳ, ସୀତାରାମ ପ୍ରଧାନ, ଭୂପତି କୁମାର ପାତ୍ର, ଶରତ ଚନ୍ଦ୍ର ପରିଡ଼ା, ଅବନୀ କୁମାର ଚାନ୍ଦ, ଅଜିତ୍ କୁମାର ସକାଳ, ରବି କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେବା ସହ ସହଯୋଗ କରିଥିଲେ। ଶେଷରେ ମାନସୀ କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗରଡ଼ିହି ହାଇସ୍କୁଲରେ ଗୁରୁ-ଶିଷ୍ୟ ମିଳନ ସମାରୋହ

ନୀଳଗିରି,(ସବ୍ୟୁ):ନୀଳଗିରି ବ୍ଲକ ଗରଡିହି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହାଇସ୍କୁଲ ପରିସରରେ ଗୁରୁ - ଶିଷ୍ୟ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଦିବସବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ମଦନମୋହନ ମାଝୀ ଅଧକ୍ଷତା କରିଥିବା ବେଳେ ପୁରାତନ ଛାତ୍ର ଚନ୍ଦନ ରାଉତ, ବାର୍ଷିକ ବିବରଣୀ ପାଠ, ଶ୍ୟାମସୁନ୍ଦର ମାଝୀ ଓ ଅତୁଲ ସ, ଅତିଥି ପରିଚୟ ପ୍ରଦାନ ସହ ମଂଚ ପରିଚାଳନା କରିଥିଲେ । ପୁରାତନ ଛାତ୍ର କାନ୍ଦନ ମାଝୀଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଦିବଂଗତ ବିଦ୍ୟାର୍ଥୀଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ହରିହର ଦାସ , ମକରନ୍ଦ ମଣ୍ଡଳ, ଭୈରବ ଚନ୍ଦ୍ର ଜେନା, ସତ୍ୟଜିତ ଦାସ, ହରେନ୍ଦ୍ର ମହାନ୍ତି, ବାସନ୍ତୀ ମହାପାତ୍ର, ବିନୋଦିନୀ ଗୁପ୍ତା,ଲକ୍ଷ୍ମଣ ସ, ଉମାକାନ୍ତ ଶତପଥି, ଅନ୍ତର୍ଯ୍ୟାମୀ ମହାପାତ୍ର, ଜ୍ଞାନରଂଜନ ହୋତା, ପ୍ରିୟଜିତ ଦାସ, ପ୍ରଶାନ୍ତ ବିଶ୍ୱାଳ, ଶଙ୍କର୍ଷଣ ମଣ୍ଡଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଦିନବନ୍ଧୁ ମହାପାତ୍ର, ରସାନନ୍ଦ ବେହେରା, ଶ୍ରୀଧର ମାଝୀ, ଅନୀଲ ମହାପାତ୍ର, ମହେନ୍ଦ୍ର ମାଝୀ ପ୍ରମୁଖ ହାଇସ୍କୁଲର ପୁରାତନ ଶିକ୍ଷକ ଓ କର୍ମଚାରୀଙ୍କୁ ପୁରାତନ ବିଦ୍ୟାର୍ଥୀମାନେ ପୁଷ୍ପଗୁଚ୍ଛ, ଚନ୍ଦନ, ଉତ୍ତରୀୟ ଦେଇଥିଲେ । ଶେଷରେ ସମ୍ପାଦକ ପ୍ରଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଜୀବ ସାହୁ, ପ୍ରଦୀପ ପାତ୍ର, ନିରଂଜନ ରାଉତ, ରବିନ୍ଦ୍ର ପଶା, କାଜଲ ମାଝୀ, ସନ୍ତୋଷ ବେହେରା, ବିକାଶ ମଣ୍ଡଳ, ରୁନା ବେହେରା, ଗୌରାଙ୍ଗ ବିଶୋଇ, ମଳୟ ସେଠୀ, ପ୍ରଦୀପ ପାତ୍ର, ଶଶୀକାନ୍ତ ମହାପାତ୍ର, ଯଗବନ୍ଧୁ ଗିରି, ଗୌତମ ସାହୁ, ତାପସ ମଣ୍ଡଳ, ଶଶୀକାନ୍ତ ମହାପାତ୍ର ପ୍ରମୁଖ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ ।

# କାୟାକଳ୍ପ ଟିମ୍ ପରିଦର୍ଶନ ସ୍ୱଚ୍ଛତାକୁ ନେଇ ତାଗିଦ

ନୀଳଗିରି,(ସବ୍ୟୁ) : ଭୁବନେଶ୍ୱର କାୟାକଳ୍ପ ଟିମ୍ ଗୁରୁବାର ଅପରାହ୍ନ ସମୟରେ ନୀଳଗିରି ମେଡ଼ିକାଲକୁ ଆସି ପରିଦର୍ଶନ କରିଛନ୍ତି । ଏହି ଅବସରରେ ମେଡ଼ିକାଲର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସରଜିନୀ ପ୍ରଧାନ ଓ ଅନ୍ୟ ସମସ୍ତ କର୍ମଚାରୀ ଟିମ୍‌କୁ ସ୍ୱାଗତ କରିଥିଲେ । କାୟାକଳ୍ପ ଟିମ୍‌ରେ ଡାକ୍ତର ପ୍ରମୋଦ କୁମାର ଦେ, ଡାକ୍ତର ନିର୍ଲିପ୍ତା ଦାଶ, ପ୍ରଶାନ୍ତ କୁମାର ଦାସ, ବାଲେଶ୍ୱର ଜିଲ୍ଲାରୁ ଯାଞ୍ଚ କମିଟିର ମେନେଜର ସଂଜୟ ପରିଡ଼ା, ଡିପିଏମ୍ ଅନୀଲ କୁମାର ମହାନ୍ତି, ସାଂସଦଙ୍କ ପ୍ରତିନିଧି ପ୍ରକାଶ ମହାପାତ୍ର,ନୀଳଗିରି ମେଡ଼ିକାଲରେ କାର୍ଯ୍ୟରତ ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡ଼ା, ପ୍ରୋଗ୍ରାମ ମେନେଜର ସଂଯୁକ୍ତା ପାତ୍ର ମିଳିତ ଭାବେ ମେଡ଼ିକାଲ ପରିସରରେ ହୋଇଥିବା କାଫେ ପରିଦର୍ଶନ କରିବା ସହ ଖାଦ୍ୟର ମାନ ଯାଞ୍ଚ କରିଥିଲେ । ପରେ ଟିଭି ୱାର୍ଡ, ମେଡ଼ିସିନ୍ ଷ୍ଟୋର ଶୌଚାଳୟ, ରୋଗୀଙ୍କ ୱାର୍ଡ, ଖାଦ୍ୟ ପାକଶାଳା ପରେ ଓଟି ବୁଲି ଦେଖିଥିଲେ । ନିମ୍ନମାନର ସଫେଇ ଓ ସ୍ୱଚ୍ଛତାକୁ ନେଇ ଟିମ୍ ବିରକ୍ତି ପ୍ରକାଶ କରିବା ସହିତ ତାଗିତ କରିଥିଲେ ।

# ଜବରଦଖଲରେ ସରକାରୀ ଜମି

ଆଗରପଡ଼ା,(ସବ୍ୟୁ) :ବଡ଼ମହଁଷଗୋଠ ପଞ୍ଚାୟତସ୍ଥିତ ହରିପୁର ଗ୍ରାମରେ ପ୍ରାୟ ୩୧ ଏକର ଶ୍ମଶାନ, ଅନାବାଦୀ, ଗୋଚର ଓ ଜଙ୍ଗଲ ଆଦି ଜମି ଦୀର୍ଘବର୍ଷ ଧରି ଜବରଦଖଲକାରୀଙ୍କ କବଜାରେ ରହିଛି ଅଭିଯୋଗ ହେଉଛି। ଏହି ଜମି ଗୁଡିକରେ ମଧ୍ୟ ବେଆଇନ୍ ଭାବେ ଘର ନିର୍ମାଣ ସରିଛି।ଶବସତ୍କାର କରିବାପାଇଁ ଏଠାରେ ଇଞ୍ଚିଏ ଜାଗା ନାହିଁ କି ଗୋରୁଗାଈ ଚରିବା ପାଇଁ ଗୋଚର ଜମି ନାହିଁ। ଏଥିପାଇଁ ଗ୍ରାମବାସୀମାନେ ନାନାଦି ହଇରାଣ, ହରକତ ହେଉଥିବାର ଜଣାପଡ଼ିଛି।ବନ୍ତଠାରେ ହେଉଥିବା ଜନଶୁଣାଣୀ ବେଳେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏସଂପର୍କରେ ତଦନ୍ତ କରିବାକୁ ତହସିଲଦାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ୁଛି।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ସୋର,(ସବ୍ୟୁ) : ସୋର ବ୍ଲକ ମଙ୍ଗଳପୁରସ୍ଥିତ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶ୍ରୀନିବାସ ଡିଗ୍ରୀ କଲେଜ ଅଧକ୍ଷ ଡ. ସୁରେନ୍ଦ୍ର କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ଚେତନା ଏବଂ ମାସନିକ ଶାନ୍ତି ପ୍ରଦାନ କରିବା ସହିତ ସତ୍‌ଗୁଣର ଅଧିକାରୀ କରାଇଥାଏ ବୋଲି କହଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା, ସଂସ୍କୃତି ବିଭାଗ ଅଧକାରୀ ଡ. ପୁଣ୍ୟବ୍ରତ ମହାନ୍ତି, କ୍ରୀଡ଼ା ବିଭାଗ ଅଧକାରୀ ଡ. ପଙ୍କଜ କୁମାର ଜେନା ଯୋଗଦେଇ କ୍ରୀଡ଼ା ଶାରୀରିକ ଓ ମାନସିକ ସୁସ୍ଥତା ରକ୍ଷା କରିବା ସହିତ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏଥିରେ ବକ୍ତା ଭାବେ ବିଜୟ କୁମାର ମହାଳିକ ଓ ଡ. ସଂଗ୍ରାମ ରାଉତ ଯୋଗଦେଇ ଚରିତ୍ର ଗଠନ କରି ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା ପୁଷ୍ପଲତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏସିରେ ୨୨୨ଜଣଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ

ନୀଳଗିରି,(ସବ୍ୟୁ) :ମୋହନ ସରକାର ୮୦ବର୍ଷରୁ ଅଧିକ ବୃଦ୍ଧ, ବୃଦ୍ଧା, ବିକଳାଙ୍ଗମାନଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା ପାଇବାର ଘୋଷଣା କରିଥିବା ବେଳେ ନୀଳଗିରି ଏନ୍‌ଏସିର ୧୩ ଗୋଟି ୱାର୍ଡରେ ମୋଟ ୨୨୨ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଛି । ଗୁରୁବାର ଦିନ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଆନୁଷ୍ଠାନିକ ଭାବେ ୬୧ଜଣଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଛନ୍ତି । ସିଧାସଳଖଭାବେ କିଛି ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଦିଆଯିବ ବୋଲି ସୂଚନା ଦେଇଛନ୍ତି । ଏହି ଭତ୍ତା ବଣ୍ଟନ ସମୟରେ ଅଧକ୍ଷ ମହେନ୍ଦ୍ର ବେହେରା, ସମସ୍ତ କାଉନସିଲରଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସିମୁଳିଆ,(ସବ୍ୟୁ) :ସିମୁଳିଆ ବ୍ଲକ ବାଲିଖଣ୍ଡଠାରେ ଥିବା ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ବସନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ମୁଖ୍ୟ ବକ୍ତାଭାବେ କଥାକାର ପବିତ୍ର ପାଣିଗ୍ରାହୀ,ସମ୍ମାନୀତ ଅତିଥିଭାବେ ଅଧାପକ ରମେଶ ଚନ୍ଦ୍ର ପଣ୍ଡା, ଅଧକ୍ଷ ଦେବେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପକ ସୁଧିର ମୁଦୁଲି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ଅଧାପକ ପ୍ରଶାନ୍ତ ବିହାରୀ ବାର୍ଷିକ ବିବରଣୀ ପାଠ କରିଥିଲେ । ମହାବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ଅଧାପକ ନିରୋଧ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ମେଣ୍ଟାଲ ଷ୍ଟ୍ରେସ୍ ମେନେଜ୍‌ମେଣ୍ଟ କର୍ମଶାଳା

ଭଦ୍ରକ,(ସବ୍ୟୁ):ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଭଦ୍ରକ ଆନୁକୁଲ୍ୟରେ ମେଣ୍ଟାଲ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ସମ୍ବନ୍ଧରେ ଭିନ୍ନ ଅନୁଷ୍ଠାନରେ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମନୋବିଜ୍ଞାନ ବିଭାଗ ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉ କି ପୂର୍ବରୁ ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦ ପ୍ରୟାସରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ମାନସିକ ସ୍ୱାସ୍ଥ୍ୟ ବିଭାଗ ଏବଂ 'ଆଣ୍ଟି ଟବାକୋ କ୍ୟାମ୍ପେନ ଆଣ୍ଡ ୟୁଥ' ସମ୍ବନ୍ଧୀୟ ଆଲୋଚନାଚକ୍ର କଲେଜ ପରିସରରେ ହୋଇଯାଇଛି। ବର୍ତ୍ତମାନର ପ୍ରତିଯୋଗିତା ସମ୍ପନ୍ନ ଦୁନିଆରେ ମଣିଷ ଜୀବନରେ ବହୁ କିଛି ହାସଲ କରିବା ନିଶାରେ ମାନସିକ ଚାପଗ୍ରସ୍ତ ହେବା ଅବଶ୍ୟମ୍ଭାବୀ ଏବଂ ତତ୍‌ସଙ୍ଗେ ଏକ ସୁସ୍ଥ ଜୀବନଯାପନ ନିମିତ୍ତ ଯାହା ଆବଶ୍ୟକ ସେ ସମ୍ବନ୍ଧରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମନୋବିଜ୍ଞାନବିତ୍ ଲୋନୀ ଲିଓନା ବେହେରା, କମ୍ୟୁନିଟି ସୁପରଭାଇଜର ଦେବେନ୍ଦ୍ର କୁମାର ନାୟକ ଏବଂ ମୁଖ୍ୟ ଅତିଥି ଡ. ଦୁର୍ଗା ଶଙ୍କର ଦାସ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଅକ୍ଷୟ କୁମାର ଦାସଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି କୃତଜ୍ଞତା ଜ୍ଞାପନ କରିବା ସହିତ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀ, ଡ. ବିନୋଦ ଦାସ ଓ ଅଧ୍ୟାପକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଘୋଷଣା ନାମା

ମୁଁ ସଞ୍ଜୟ ଜେନା, ପି- ପ୍ରହଲାଦ ଜେନା, ସା- ବାଘମୁଣ୍ଡା, ପୋ - କୃଷ୍ଣନଗର ପାଟଣା, ଥା - କାକଟପୁର, ଜି- ପୁରୀ (ଓଡିଶା) ଜଣାଉଅଛି କି ମୋର ଝିଅର ପୂର୍ବ ନାମ ସମ୍ପଦ ଜେନା ଥିଲା, ବର୍ତ୍ତମାନ ମୁଁ ଅସ୍ତରଙ୍ଗ ତହସିଲଦାରଙ୍କ ଇଜିଲାସରେ ମୋ ଝିଅର ପୂର୍ବ ନାମ ପରିବର୍ତ୍ତନ କରି ନୂତନ ନାମ ସମ୍ପୂର୍ଣ୍ଣା ଜେନା (**Sampurna Jena**) ପି-ସଞ୍ଜୟ ଜେନା, ସା- ବାଘମୁଣ୍ଡା, ପୋ- କୃଷ୍ଣନଗର ପାଟଣା ଥା- କାକଟପୁର ଜି-ପୁରୀ ନାମରେ ସମସ୍ତ ସରକାରୀ, ବେସରକାରୀ କାଗଜପତ୍ରରେ ପରିଚିତ ହେଲି ।

**ସଞ୍ଜୟ ଜେନା**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଗ୍ରାମାଞ୍ଚଳରେ ଅଧିକ ବ୍ୟବହାର ହେଉଛି ଇଣ୍ଟରନେଟ !



ୟୁଜର୍ସମାନେ ଦିନକୁ ଇଣ୍ଟରନେଟରେ ୯୪ ମିନିଟ ଦେଉଛନ୍ତି । ଏହି ୟୁଜର୍ସମାନଙ୍କ ମଧ୍ୟରୁ ୯୮% ଭାରତୀୟ ଭାଷାରେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି । ତେବେ ସହରରେ ରହୁଥିବା ଇଣ୍ଟରନେଟ ବ୍ୟବହାରକାରୀମାନେ ହିନ୍ଦୀ, ମରାଠୀ, ତାମିଲ, ଗୁଜୁରାଟୀ, ତେଲୁଗୁ ଓ ବଙ୍ଗଳା ଭାଷାକୁ ସର୍ବାଧିକ ବ୍ୟବହାର କରୁଛନ୍ତି ।

ନୂଆଦିଲ୍ଲୀ: ଭାରତରେ ଇଣ୍ଟରନେଟ ୟୁଜର୍ସଙ୍କ ସଂଖ୍ୟା ବଢିବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା ଏହା ୯୦ କୋଟିରେ ପହଞ୍ଚିଛି । ରିପୋର୍ଟ ମୁତାବକ ୨୦୨୪ ରେ ଏହି ୟୁଜର୍ସଙ୍କ ସଂଖ୍ୟା ୮୮.୬ କୋଟି ଥିଲା । ପ୍ରତିବର୍ଷ ଏହି ସଂଖ୍ୟା ୮% ହିସାବରେ ବଢୁଥିବାବେଳେ ଗ୍ରାମାଞ୍ଚଳରେ ଅଧିକ ବ୍ୟବହାର ହେଉଛି ଇଣ୍ଟରନେଟ । ତେବେ ଦେଶର ଅଧିକାଂଶ ୟୁଜର୍ସ ଭାରତୀୟ ଭାଷାରେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି ।

ଦେଶର ମୋଟ ଇଣ୍ଟରନେଟ ୟୁଜର୍ସଙ୍କ ମଧ୍ୟରୁ କେବଳ ଗ୍ରାମାଞ୍ଚଳରେ ରହିଛନ୍ତି ୫୫ ପ୍ରତିଶତ ବା ୪୮.୮ କୋଟି । ତେବେ ଗ୍ରାମାଞ୍ଚଳର ବ୍ୟବହାରକାରୀମାନେ ଦିନକୁ ମୋର ୮୯ ମିନିଟ ଇଣ୍ଟରନେଟରେ ଦେଉଛନ୍ତି । କିନ୍ତୁ ସହରରେ ରହୁଥିବା

ଅନଲାଇନ ସପିଙ୍ଗ ମାଧ୍ୟମରେ ୧୦.୫ କୋଟି ଲୋକ କ୍ୟାଶ ଅନ ଡେଲିଭରି ବ୍ୟବହାର କରୁଥିବା ବେଳେ ସେଥିରେ ମହିଳାଙ୍କ ସଂଖ୍ୟା ୫୨% । ଅନ୍ୟପଟେ ୫ ଜଣରୁ ଜଣେ ବ୍ୟକ୍ତି ଭଏସ ଆସିଷ୍ଟାଣ୍ଟ ସାହାଯ୍ୟରେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି । ୨୦୨୪ ମସିହାରେ ୫୩% ପୁରୁଷ ଓ ୪୭% ମହିଳା ଇଣ୍ଟରନେଟ ବ୍ୟବହାର କରୁଥିଲେ ।

ବର୍ତ୍ତମାନ ସୁଦ୍ଧା ୪୧% ଭାରତୀୟ ଇଣ୍ଟରନେଟର ବ୍ୟବହାର କରୁନାହାନ୍ତି । ଏମାନଙ୍କ ମଧ୍ୟରୁ ୫୧% ଗ୍ରାମାଞ୍ଚଳର । ୨୦୨୧ ମସିହାରେ ଇଣ୍ଟରନେଟ ବ୍ୟବହାର କରୁନଥିବା ଲୋକଙ୍କ ସଂଖ୍ୟା ୭୬ କୋଟି ଥିଲା । ୨୦୨୪ ରେ ଏହା କମି ୬୩ କୋଟିରେ ପହଞ୍ଚିଛି ।

# 'ମନ୍ କି ବାତ'ରେ ସମ୍ବିଧାନ, ଗଣତନ୍ତ୍ର, ମହାକୁମ୍ଭ ପ୍ରସଙ୍ଗ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ' ଜାରିଆରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ରେଡିଓ କାର୍ଯ୍ୟକ୍ରମର ୧୧୮ତମ ଭାଗରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରସଂଗରେ ଆଲୋକପାତ କରିଛନ୍ତି । ବାବା ସାହେବ ଭୀମରାଓ ଆମ୍ବେଦକର, ରାଜେନ୍ଦ୍ର ପ୍ରସାଦ ଏବଂ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ଏହା ସହିତ ସମ୍ବିଧାନ, ଗଣତନ୍ତ୍ର ଏବଂ ପ୍ରୟାଗରାଜ ମହାକୁମ୍ଭ ଉପରେ ବିଶେଷ ଦୃଷ୍ଟି ଆକର୍ଷଣ କରିଛନ୍ତି ।



୨୦୨୫ର ଏହା ପ୍ରଥମ 'ମନ୍ କି ବାତ୍' କାର୍ଯ୍ୟକ୍ରମ । ଚଳିତ ବର୍ଷ ପ୍ରଥମ ରେଡିଓ କାର୍ଯ୍ୟକ୍ରମ ମାସରେ ଶେଷ ରବିବାର ହେବା ବଦଳରେ ତୃତୀୟ ରବିବାର ହୋଇଛି । ଆସନ୍ତା ସପ୍ତାହରେ ଗଣତନ୍ତ୍ର ଦିବସ ରହିଥିବାରୁ ଗୋଟିଏ ସପ୍ତାହ ପୂର୍ବରୁ ଏହି ପ୍ରୋଗ୍ରାମ୍ ହେଉଛି । ଏଥିରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣତନ୍ତ୍ର ଦିବସର ଶୁଭକାମନା ଜଣାଇଛନ୍ତି ।

ଚଳିତ ବର୍ଷ ଗଣତନ୍ତ୍ର ଦିବସ ବହୁତ ସ୍ୱତନ୍ତ୍ର । କାରଣ ଏବର୍ଷ ଭାରତୀୟ ସମ୍ବିଧାନକୁ ୭୫ବର୍ଷ ପୂରୁଛି । ତେଣୁ ସମ୍ବିଧାନ ସଭାର ସମସ୍ତ ମହାପୁରୁଷମାନଙ୍କୁ ପ୍ରଣାମ କରିଛନ୍ତି ପ୍ରଧାନମନ୍ତ୍ରୀ । ସମ୍ବିଧାନ ସଭା ଯେବେ ନିଜର କାର୍ଯ୍ୟ ଆରମ୍ଭ କଲା, ସେତେବେଳେ ବାବା ସାହେବ ଆମ୍ବେଦକର ବହୁ ମହତ୍ୱପୂର୍ଣ୍ଣ କହିଥିଲେ । ଏହାର ଗୋଟିଏ ଅଂଶ ଆମେ ମାନୁଛୁ ବୋଲି ପିଏମ୍ ମୋଦି କହିଛନ୍ତି । ଏହାଛଡ଼ା ରେଡିଓ କାର୍ଯ୍ୟକ୍ରମରେ ସମ୍ବିଧାନ ସଭା ପ୍ରମୁଖ ଡ. ରାଜେନ୍ଦ୍ର ପ୍ରସାଦଙ୍କୁ କଥା ଉଠାଇଛନ୍ତି ପିଏମ ମୋଦି ।

ବର୍ଷର ପ୍ରଥମ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ'ରେ ପ୍ରାୟରାଜ ମହାକୁମ୍ଭ କଥା ଉଠାଇଛନ୍ତି । ହଜାରେ ବର୍ଷ ଧରି ଚାଲିଆସୁଥିବା ମହାକୁମ୍ଭ ମେଳାରେ କୌଣସି ପ୍ରକାର ଭେଦଭାବ ଦେଖିବାକୁ ମିଳୁନାହିଁ, ଏହା ହେଉଛି ଭାରତୀୟ ପରମ୍ପରା । ଭାରତ ପୂର୍ବ, ପଶ୍ଚିମ ଏବଂ ଦକ୍ଷିଣରୁ ବହୁ ସଂଖ୍ୟାରେ ସାଧୁସନ୍ଥ ଏଠାକୁ ଧାଇଁ ଆସୁଛନ୍ତି ମୋକ୍ଷ୍ୟ ପ୍ରାପ୍ତି ପାଇଁ । ମହାକୁମ୍ଭରେ ଗରିବ ଏବଂ ଧନୀ ସମସ୍ତେ ସମାନ । ଏହି କୁମ୍ଭମେଳା ଧାର୍ମିକ ପରମ୍ପରା ଅନୁଯାୟୀ, ପ୍ରୟାଗରାଜ, ନାସିକ୍ ଏବଂ ହରିଦ୍ୱାରରେ ଆୟୋଜନ ହୋଇଥାଏ ବୋଲି କୁହିଛନ୍ତି ପ୍ରଧାନମନ୍ତ୍ରୀ ।

## ଖନୌରୀରେ ଅନଶନରୁ ଓହରିଲେ ଚାଷୀ ଡଲ୍ଲେବାଲ



ଖନୌରୀ: କେନ୍ଦ୍ର ସରକାର ଫେବୃଆରୀ ୧୪ ତାରିଖରେ ପଞ୍ଜାବର ବିକ୍ଷୋଭକାରୀ ଚାଷୀଙ୍କ ସହ ଚଣ୍ଡିଗଡ଼ରେ ବୈଠକ କରିବେ, ଯେଉଁଥିରେ ସେମାନଙ୍କ ଦାବି ଉପରେ ଆଲୋଚନା କରାଯିବ । ସରକାରଙ୍କ ଜନୈକବରିଷ୍ଠ ଅଧିକାରୀ ରବିବାର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତିଯେ ଏହି ବୈଠକ ଚଣ୍ଡିଗଡ଼ ସେକ୍ଟର ୨୬ସ୍ଥିତ ମହାତ୍ମା ଗାନ୍ଧି ଇନିଷ୍ଟିଚ୍ୟୁଟରେ ଅନୁଷ୍ଠିତ ହେବ । ଏଥିରେ ଆନ୍ଦୋଳନକାରୀ ଚାଷୀ ଓ ସରକାର ଅଂଶଗ୍ରହଣ କରିବେ ।

ଏହି ସୂଚନା ମିଳିବା ପରେ ପଞ୍ଜାବର ୧୧୧ ଚାଷୀଙ୍କ ପଞ୍ଚମ ଦିନରେ ପହଞ୍ଚିଥିବା ଅନଶନ ଓ ହରିୟାଣାରେ ୩ ଦିନରେ ପହଞ୍ଚିଥିବା ୧୦ ଚାଷୀଙ୍କ ଆମରଣ ଅନଶନ ରବିବାର ସମାପ୍ତ ହୋଇଛି । କୃଷକ ନେତା କାକା ସିଂହ କୋଟଡା, ସୁଖଜିତ ସିଂହ ହରଦୋଝଣ୍ଡେ ଓ ବଲଦେବ ସିଂହ ସିରସା ଅନଶନକାରୀ ଚାଷୀଙ୍କୁ ଫଳ ରସ ପିଆଇ ସେମାନଙ୍କ ଅନଶନ ସମାପ୍ତ କରାଇଛନ୍ତି । ଆନ୍ଦୋଳନକାରୀ ଚାଷୀ ଫସଲର ଏମଏସପି ନିମନ୍ତେ ଆଇନଗତ ଗ୍ୟାରେଣ୍ଟି ଦାବି କରୁଛନ୍ତି ।

ପ୍ରସ୍ତାବିତ ବୈଠକ ଘୋଷଣା ପରେ କୃଷକ ନେତା ଜଗଜିତ ସିଂହ ଡଲ୍ଲେବାଲ ଚିକିତ୍ସା ସହାୟତା ନେବା ପାଇଁ ରାଜି ହୋଇଛନ୍ତି । ତାଙ୍କ ଅନଶନ ୫୪ ଦିନରେ ପ୍ରବେଶ କରିଥିବା ବେଳେ ତାଙ୍କୁ ଗ୍ଲୁକୋଜ ଲଗାଯାଇଛି । ତେବେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେ ଅନ୍ନ ଓ ଭୋଜନ ଗ୍ରହଣ କରିବେ ନାହିଁ ବୋଲି ସଫାସଫା କହିଛନ୍ତି । ଏହା ପୂର୍ବରୁ କେନ୍ଦ୍ର କୃଷି ମନ୍ତ୍ରାଳୟଙ୍କ ଯୁଗ୍ମ ସଚିବ ପ୍ରିୟ ରଞ୍ଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅନଶନରେ ବସିଥିବା ଡଲ୍ଲେବାଲଙ୍କ ନିକଟକୁ ପହଞ୍ଚି ଆଲୋଚନା କରିଛନ୍ତି ।

ପ୍ରତିନିଧି ଦଳ ଗତ ୧୧ ମାସ ହେଲା ଆନ୍ଦୋଳନ ଚଳାଇ ଆସୁଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣ ରାଜନୈତିକ) ଓ କିଷାନ ମଜଦୁର ମୋର୍ଚ୍ଚାର ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି । ଏହି ବୈଠକ ଘୋଷଣା ପରେ କୃଷକ ନେତାମାନେ ଡଲ୍ଲେବାଲଙ୍କୁ ଚିକିତ୍ସା ସହାୟତା ନେବାକୁ ଅନୁରୋଧ କରିଥିଲେ, ଯାହା ଦ୍ୱାରା ହେବାକୁ ଥିବା ବୈଠକରେ ସେ ଅଂଶଗ୍ରହଣ କରିପାରିବେ । କେନ୍ଦ୍ର ସରକାର ମଧ୍ୟ ସେ ଅନଶନ ସମାପ୍ତ କରି ବୈଠକରେ ଅଂଶଗ୍ରହଣ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

ଗତବର୍ଷ ଫେବୃଆରୀରେ କେନ୍ଦ୍ର ମନ୍ତ୍ରୀଙ୍କ ସହିତ ଆଲୋଚନା ବିଫଳ ହେବା ପରେ ପ୍ରଥମ ଥର କେନ୍ଦ୍ରୀୟ ପ୍ରତିନିଧି ଦଳ ପ୍ରସ୍ତାବ ସହିତ ଆନ୍ଦୋଳନରତ ଚାଷୀଙ୍କୁ ଭେଟିଛନ୍ତି । ଗତବର୍ଷ ୮,୧୨,୧୫ ଓ ୧୮ ଫେବୃଆରୀରେ କେନ୍ଦ୍ରମନ୍ତ୍ରୀ ଓ ଆନ୍ଦୋଳନକାରୀ ଚାଷୀଙ୍କ ମଧ୍ୟରେ ୪ ରାଉଣ୍ଡ ଆଲୋଚନା ହୋଇଥିଲା । ତେବେ ଏହି ଆଲୋଚନା ବିଫଳ ହୋଇଥିଲା । ଏଣୁ ଗତବର୍ଷ ଫେବୃଆରୀ ୧୩ ତାରିଖରୁ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣ–ରାଜନୈତିକ) ଓ କିଷାନ ମଜଦୁର ମୋର୍ଚ୍ଚା ବ୍ୟାନରରେ ଚାଷୀମାନେ ଶମ୍ଭୁ ଓ ଖନୌରୀ ସୀମାରେ ବସି ରହିଛନ୍ତି । କାରଣ ସୁରକ୍ଷା କର୍ମୀମାନେ ସେମାନଙ୍କୁ ଦିଲ୍ଲୀ ସୀମାରେ ପ୍ରବେଶ ଅନୁମତି ଦେଇ ନଥିଲେ ।

## ତନୋତ ମାତା ମନ୍ଦିର ଉପରେ ପାକିସ୍ତାନ ପକାଇଥିଲା ବୋମା !

ଜୟପୁର: ହିନ୍ଦୁ ଧର୍ମରେ ପ୍ରତ୍ୟେକ ମନ୍ଦିରର ନିଜର ଅଲଗା ମହତ୍ୱ ରହିଛି । ଭାରତରେ ଏପରି ଏକ ଚମତ୍କାର ଶକ୍ତି ସହିତ ଜଡିତ ମନ୍ଦିର ଅଛି ଯେଉଁଠାରେ ମନ୍ଦିର ଉପରେ ହଜାର ହଜାର ବୋମା ପଡ଼ିବା ପରେ ମଧ୍ୟ କୌଣସି କ୍ଷତି ହୋଇନାହିଁ । ଜାଣନ୍ତୁ ସେହି ମନ୍ଦିର କେଉଁଠି ରହିଛି ରାଜସ୍ଥାନର ଏକ ଅନନ୍ୟ ମନ୍ଦିର ଯାହା ଉପରେ ଦେବୀ ମାତାଙ୍କ ବିଶେଷ ଆଶୀର୍ବାଦ ରହିଛି । ରାଜସ୍ଥାନର ଜୈସଲମେରରେ ରହିଛି ତନୋତ ମାତା ମନ୍ଦିର । ମାଆଙ୍କର ଏହି ମନ୍ଦିର ଜୈସଲମେରରୁ ୧୨୦ କିଲୋମିଟର ଦୂରରେ ଅବସ୍ଥିତ ।

୧୨୫୦ ବର୍ଷ ପୁରୁଣା ଏହି ମନ୍ଦିରକୁ ବହୁତ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଏ । ସୂଚନା ରହିଛି ଯେ, ୧୯୬୫ ଏବଂ ୧୯୭୧ ମସିହାରେ ପାକିସ୍ତାନୀ ସେନା ୩ ହଜାରରୁ ଅଧିକ ବୋମା ଏହି ମନ୍ଦିର ଉପରେ ପକାଇଥିଲେ କିନ୍ତୁ ତନୋତ ମାତା ମନ୍ଦିରଟି ଅକ୍ଷତ ରହିଥିଲା । ମନ୍ଦିରର କୌଣସି ଟିକେ ହେଲେ ବି କ୍ଷତି ହୋଇନଥିଲା ।

ଏହି ମନ୍ଦିରକୁ ଯୁଦ୍ଧ ଦେବୀଙ୍କ ମନ୍ଦିର ଭାବରେ ମଧ୍ୟ ଜଣାଯାଏ । ଏହି ମନ୍ଦିରରେ ଅବସ୍ଥିତ ଦେବୀ ମାତା ଦେଶର ସୈନିକମାନଙ୍କୁ ସୁରକ୍ଷା ଦେଇଛନ୍ତି । ତନୋତ ମାତା ହେଉଛନ୍ତି ହିଙ୍ଗଳାଜ ମାତାଙ୍କ ଅବତାର, ଯାହା ପରେ ତାଙ୍କୁ କରଣୀ ମାତାଙ୍କ ରୂପରେ ମଧ୍ୟ ଜଣାଯାଏ ।

ତେବେ ପାକିସ୍ତାନ ଦ୍ୱାରା ଫିଙ୍ଗା ଯାଇଥିବା ଜୀବନ୍ତ ବୋମା ଏହି ମନ୍ଦିରର ସଂଗ୍ରହାଳୟରେ ରଖାଯାଇଛି । ସମଗ୍ର ଭାରତରେ ତନୋତ ମାତା ମନ୍ଦିରକୁ ମାନ୍ୟତା ମିଳିଛି । ମନ୍ଦିର ଆଖପାଖ ଅଞ୍ଚଳରେ ଏବେ ବି ବୋମା ଦେଖିବାକୁ ମିଳୁଛି । ଏହି ମନ୍ଦିରର ଚମତ୍କାର ଶକ୍ତି ଯୋଗୁଁ, ଏହି ମନ୍ଦିରକୁ ବହୁତ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଏ ।

## ବିଜେପିର ସଂକଳ୍ପ ପତ୍ରକୁ ଟାର୍ଗେଟ କଲେ ଆପ ସାଂସଦ

ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ଦଳଗୁଡ଼ିକ ପରସ୍ପର ଉପରେ ଦୋଷ ଲଦୁଛନ୍ତି । ଏହି ସମୟରେ, ଆମ ଆଦମୀ ପାର୍ଟିର ବରିଷ୍ଠ ନେତା ଏବଂ ସାଂସଦ ସଞ୍ଜୟ ସିଂହ ପାଲମ ଏବଂ ନଜଫଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି ଯେ ବିଜେପି ଲୋକମାନେ ଅରବିନ୍ଦ କେଜରିୱାଲଙ୍କୁ ଆକ୍ରମଣ କରୁଛନ୍ତି । ମୁଁ ଦିଲ୍ଲୀବାସୀଙ୍କୁ ନିବେଦନ କରୁଛି ଯେ ଯେଉଁମାନେ ଆପଣଙ୍କ ପୁଅ ଅରବିନ୍ଦ କେଜ୍ରିୱାଲଙ୍କ ଉପରେ ଆକ୍ରମଣ କରୁଛନ୍ତି ସେମାନଙ୍କୁ ଭୋଟର ଶକ୍ତିରେ ଜବାବ ଦିଅନ୍ତୁ ।

ଆମେ ସେମାନଙ୍କ କାପୁରୁଷତାପୂର୍ଣ୍ଣ କାର୍ଯ୍ୟରୁ ଭୟଭୀତ ହେବୁ ନାହିଁ ବୋଲି ଦେଖାଇବା ପାଇଁ ସାଂସଦ ଅରବିନ୍ଦ କେଜ୍ରିୱାଲଙ୍କୁ ଆକ୍ରମଣ କରିଥିବା ଲୋକଙ୍କୁ ହରାଇବାକୁ ନିବେଦନ କରିଥିଲେ । ଆମେ ମୁଣ୍ଡ ନୁଆଁଇବୁ ନାହିଁ । ଆମେ ଲଢ଼ିବୁ ଏବଂ ଜିତିବୁ । ସେ କହିଛନ୍ତି ଯେ ବିଜେପି ମାଗଣା ବିଦ୍ୟୁତ–ପାଣି, ମହିଳା ବସ୍ ଯାତ୍ରା, ମୋହଲ୍ଲା କ୍ଲିନିକ୍, ସିସିଟିଭି ଏବଂ ମହିଳା ସମ୍ମାନ ରାଶି ଯୋଜନାକୁ ବିରୋଧ କରୁଛି । ଏବେ ବିଜେପି କହୁଛି ଯେ ଅରବିନ୍ଦ କେଜରିୱାଲ ଯାହା କାମ କରୁଛନ୍ତି, ଆମେ ମଧ୍ୟ ସେହି କାମ କରିବୁ । ବିଜେପିର ଘୋଷଣାପତ୍ର ସମ୍ପୂର୍ଣ୍ଣ ମିଥ୍ୟା । ପାଲମ ବିଧାନସଭାରେ ଏକ ସାଧାରଣ ସଭାରେ ଆମ ଆଦମୀ ପାର୍ଟିର ବରିଷ୍ଠ ନେତା ଏବଂ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ କହିଛନ୍ତି ଯେ ଯେତେବେଳେ ଆମେ ୨୦୧୨ ରେ ଆମ ଆଦମୀ ପାର୍ଟି ଗଠନ କରିଥିଲୁ, ଲୋକମାନେ ଆମ ଉପରେ ହସୁଥିଲେ । ଲୋକମାନେ କହୁଥିଲେ ଯେ ଆମ ଆଦମୀ ପାର୍ଟି ଚାଲିବ ନାହିଁ । ବିଜେପିର ଜଣେ ବହୁତ ବଡ଼ ନେତା କହିଥିଲେ ଯେ ଯଦି ଆମ ଆଦମୀ ପାର୍ଟି ୨ଟି ଆସନ ମଧ୍ୟ ପାଏ, ତେବେ ସେ ରାଜନୀତିରୁ ସନ୍ୟାସ ନେବେ । ଏବେ ସେ ଆଉ ଏହି ଦୁନିଆରେ ନାହାନ୍ତି ।

୨୦୧୩ରେ, ଦିଲ୍ଲୀର ଲୋକମାନେ ସେମାନଙ୍କ ଭୋଟ ଶକ୍ତିରେ ଇତିହାସ ଲେଖିଥିଲେ । ଜନତା ପ୍ରଥମ ଥର ପାଇଁ ଆମ ଆଦମୀ ପାର୍ଟିର ସରକାର ଗଠନ କଲେ । ତା'ପରେ ଅରବିନ୍ଦ କେଜରିୱାଲଙ୍କୁ ୪୯ ଦିନିଆ ସରକାରରୁ ଇସ୍ତଫା ଦେବାକୁ ପଡିଲା । ଏହା ପରେ, ୨୦୧୫ରେ ଆମ ଆଦମୀ ପାର୍ଟି ସରକାର କ୍ଷମତାକୁ ଆସିଥିଲା । ସେତେବେଳେ ମଧ୍ୟ, ବିଜେପି ଏବଂ କଂଗ୍ରେସ କହିଥିଲେ ଯେ ଆମ ଆଦମୀ ପାର୍ଟି ଶେଷ ହୋଇଯାଇଛି । କିନ୍ତୁ ଦିଲ୍ଲୀର ଲୋକମାନେ ୭୦ଟି ଆସନରୁ ୬୭ଟି ଦେଇଥିଲେ ।

# କାହିଁକି ଗ୍ରାଜୁଏଟ୍‌ରୁ ହେଲେ ସନ୍ନ୍ୟାସ

ନୂଆଦିଲ୍ଲୀ: ଆଇଆଇଟିରେ ଆଡମିଶନ ହୋଇଯିବା ବେଶ ଗର୍ବର କଥା । ଯଦି କୌଣସି ପିଲାର ଆଇଆଇଟିରେ ଆଡମିଶନ ହୋଇଯାଉଛି ସେ କେବଳ ପରିବାରର ନୁହେଁ ପୁରା ଅଞ୍ଚଳରେ ତା ନାଁ ହୋଇଯାଏ । ଆଇଆଇଟିରେ ୪ ବର୍ଷ ପଢିବା ପରେ ଚାକିରିର ଅଭାବ ରୁହେନି । ଆଉ ଯଦି ବିଟେକ ପରେ ଏମଟେକ ଡିଗ୍ରୀ ହାତକୁ ଆସିଯାଏ ଦରମା କୋଟିଏରେ ପହଞ୍ଚି ଯାଏ । ଅନେକ ଆଇଆଇଟି ଡିଗ୍ରୀଧାରୀଙ୍କୁ ବିଦେଶରେ ବଡ ବଡ କଂପାନୀରୁ ଡକରା ଆସେ । ଟିକେ ଭାବନ୍ତୁ ଯେତେବେଳେ ଏମାନେ କୋଟି କୋଟି ଟଙ୍କାର ଚାକିରିକୁ ପଛରେ ପକାଇ ଧର୍ମମାର୍ଗରେ ଚାଲିଆସନ୍ତି କଣ ହେବ । ପ୍ରଥମେ ଆପଣ ଭାବିବେ ନିଶ୍ଚୟ ଏମାନଙ୍କ ମନରେ ଆଉ କଣ ଅଛି । ଏଥିପାଇଁ ତ ଏତେ ଟଙ୍କାର ଚାକିରି ଛାଡି ପଳାଇ ଆସିଛନ୍ତି । ହେଲେ ଯେତେବେଳେ ଏହି ବ୍ୟକ୍ତିତ୍ୱଙ୍କ ବିଷୟରେ ଭଲରେ ଜାଣିବେ ଆପଣ ବି ଏମାନଙ୍କ ଫ୍ୟାନ ହୋଇଯିବେ । ଆଜି ଏମିତି ୯ଟି ଧ୍ରୁବତାରା ବିଷୟରେ ଜାଣିବେ ଯେଉଁମାନେ ଆଇଆଇଟିରେ ଗ୍ରାଜୁଏଟ କରିଛନ୍ତି କିନ୍ତୁ ଆଧ୍ୟାତ୍ମିକତା ପାଇଁ ଛାଡିଦେଇଛନ୍ତି ବିଜ୍ଞାନ ।

ଅଭୟ ସିଂ । ବୟସ ମାତ୍ର ୩୦ ବର୍ଷ । ଆଧ୍ୟାତ୍ମିକତା ପାଇଁ ବିଜ୍ଞାନ ଛାଡିଥିବା ଏହି ବାବାଙ୍କ ଶିକ୍ଷାଗତ ଯୋଗ୍ୟତା ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ସେ ଆଇଆଇଟି ମୁମ୍ବାଇରୁ ଏରୋସ୍ପେସ ଇଞ୍ଜିନିୟରିଂ କରିଛନ୍ତି । ଏହା ସହ ସେ ଡିଜାଇନିଂରେ ମାଷ୍ଟର ଡିଗ୍ରୀ ବି କରିଛନ୍ତି । କାନାଡାରେ ଲକ୍ଷ ଲକ୍ଷ ଟଙ୍କାର ଚାକିରି ବି କରୁଥିଲେ । ହେଲେ ଅଚାନକ ୩ ବର୍ଷ ହେଲା ସାଧୁ ହୋଇଯାଇଛନ୍ତି । ଏଥର ମହାକୁମ୍ଭରେ ସେ ଆକର୍ଷଣର କେନ୍ଦ୍ର ବିନ୍ଦୁ । ଏବେ ସେ ଭଗବାନ ଶିବଙ୍କ ଭକ୍ତ ଅଛନ୍ତି ଆଉ ତାଙ୍କର ଆହୁରି ନିକଟତର ହେବାକୁ କଠିନ ସାଧନାରେ ବ୍ୟସ୍ତ ରହୁଛନ୍ତି ।

ଆଉ ଜଣେ ବାବା ଅଭିରାଲ ଜୈନ । ଆଇଆଇଟି ବିଏଚ୍ୟୁରୁ କଂପ୍ୟୁଟର ସାଇନ୍ସରେ ଗ୍ରାଜୁଏଟ୍ ହାସଲ କରିଛନ୍ତି । ଆମେରିକାରେ ୱାଲମାର୍ଟ କଂପାନୀରେ କୋଟି କୋଟି ଟଙ୍କାର ଚାକିରି କରୁଥିଲେ । ହେଲେ ୨୦୧୯ରେ ଅଚାନକ ସେ ଚାକିରି ଛାଡିଦେଇଥିଲେ । ଯାହା ଅନେକଙ୍କୁ ଚକିତ କରିଥିଲା । ଏହା ପରେ ସେ ଜୈନ ଧର୍ମ ଗ୍ରହଣ କରି ହୋଇଯାଇଥିଲେ ଜୈନ ମୁନି । ସେ ବିଶୁଦ୍ଧ ସାଗର ମହାରାଜଙ୍କ ଶିଷ୍ୟ ଅଟନ୍ତି । ଏବେ ସେ ପରମ ଜ୍ଞାନର ପ୍ରାପ୍ତି ପାଇଁ କଠିନ ସାଧନା କରୁଛନ୍ତି । ମୁମ୍ବାଇ ଆଇଆଇଟିରୁ କେମିକାଲ ଇଞ୍ଜିନିୟରିଂରେ ଗ୍ରାଜୁଏଟ କରିଥିବା ସଂକେତ ପାରେଖ । ପାଠ ପଢା ପରେ ଆମେରିକାର ଏକ ପ୍ରତିଷ୍ଠିତ କଂପାନୀରେ କେମିକାଲ ଇଞ୍ଜିନିୟର ଭାବରେ କମାଉଥିଲେ ଲକ୍ଷ ଲକ୍ଷ ଟଙ୍କା । ହେଲେ କଣ ହେଲା କେଜାଣି ପୂର୍ବରୁ କେବେ ଧର୍ମକୁ ବିଶ୍ୱାସ କରୁନଥିବା ସଂକେତ ହଠାତ ଧାର୍ମିକ ଲାଇନରେ ଯିବାରୁ ମନ କରିଥିଲେ । ପରିବାର ଲୋକ ବହୁତ ବୁଝାଇଥିଲେ ହେଲେ ତାଙ୍କର ଆକଟ, ରାଗ, କାନ୍ଦ ସଂକେତଙ୍କ ଉପରେ କିଛି ପ୍ରଭାବ ପକାଇ ପାରିନଥିଲା । ୨ ବର୍ଷ ଧରି ଆଚାର୍ଯ୍ୟ ଯୁଗ ଭୂଶଣ ପୁରୀଙ୍କ ନେତୃତ୍ୱରେ ସାଧନା କରିଥିଲେ । ଆଉ ଏବେ ପୁରା ଭକ୍ତି ମାର୍ଗରେ ଲୀନ ହୋଇ ହୋଇଯାଇଛନ୍ତି ଜୈନ ମୁନି ।

ଆଚାର୍ଯ୍ୟ ପ୍ରଶାନ୍ତଙ୍କୁ ଅନେକ ଲୋକ ଜାଣିଥିବେ । ସୋସିଆଲ ମିଡିଆରେ ପ୍ରଭାବଶାଳୀ ଓ ଜଣାଶୁଣା ଗୁରୁ ହେଉଛନ୍ତି ପ୍ରଶାନ୍ତ । ସେ ଦିଲ୍ଲୀ ଆଇଆଇଟିରୁ ଗ୍ରାଜୁଏଟ କରିଛନ୍ତି । କେବଳ ଏତିକି ନୁହେଁ ତାଙ୍କ ପାଖରେ ଦୁନିଆର ପ୍ରତିଷ୍ଠିତ ସଂସ୍ଥା ଆଇଆଇଏମ୍ ଅହମ୍ମଦାବାଦରୁ ଏମବିଏ ଡିଗ୍ରୀ ମଧ୍ୟ ରହିଛି । ଏହି କଥା ଜାଣି ଆଶ୍ଚର୍ଯ୍ୟ ହେବେ କି ଆଇଆଇଟି ଓ ଆଇଆଇଏମ୍ ପରେ ହୋଇଯାଇଥିଲେ ଆଇଏଏସ୍ ଅଧିକାରୀ । ହେଲେ କିଛି ସମୟ ଭିତରେ ତାଙ୍କର ମୋହ ଭଙ୍ଗ ହୋଇଯାଇଥିଲା । ଆଉ ସନ୍ୟାସ ହେବାକୁ ଯେମିତି ଶପଥ ନେଇଯାଇଥିଲେ । ଆଜି ଆଚାର୍ଯ୍ୟ ପ୍ରଶାନ୍ତ ନିଜର ପ୍ରବଚନ ଓ ଧର୍ମ ପୁସ୍ତକ ମାଧ୍ୟମରେ ଦୁନିଆକୁ ଜାଗ୍ରତ କରାଉଛନ୍ତି ।






ସ୍ୱାମୀ ବିଦ୍ୟାନାଥ ନନ୍ଦା ନାମରେ ପ୍ରସିଦ୍ଧ । ଏହା ପୂର୍ବରୁ ସେ ଆଇଆଇଟି କାନପୁରରୁ ଗ୍ରାଜୁଏଟ ଓ କାଲିଫର୍ଣ୍ଣିଆ ୟୁନିଭରସିଟିରୁ ମ୍ୟାଥମେଟିକ୍ସରେ ପିଏଚଡି ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି । ହେଲେ ବସ୍ତୁବାଦୀ ଦୁନିଆ ତାଙ୍କ ମନକୁ ଶାନ୍ତ କରିପାରିନଥିଲା । ସେ ଆଧ୍ୟାତ୍ମିକ ଜଗତ ଆଡକୁ ଢଳିଥିଲେ । ୨୦୦୮ରେ ସେ ସାଂସାରୀକ ମୋହ ମାୟା ଛାଡି ରାମକୃଷ୍ଣ ମଠ ସହ ଯୋଡି ହୋଇୟାଇଥିଲେ । ଏବେ ଅଧ୍ୟୟନ ଦ୍ୱାରା ସେ ଲୋକଙ୍କୁ ଜୀବନ ବିଷୟରେ ଜ୍ଞାନ ବାଣ୍ଟୁଛନ୍ତି ।

ଲକ୍ଷ ଲକ୍ଷ ଟଙ୍କାର ଚାକିରି ଛାଡି ସନ୍ୟାସ ହୋଇଯାଇଥିବା ଆଉ ଜଣେ ହେଉଛନ୍ତି ଗୌରାଙ୍ଗ ଦାସ । ଆଇଆଇଟି ମୁମ୍ବାଇରୁ କେମିକାଲରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିବା ଗୌରାଙ୍ଗ ଚାକିରି କରିବାର କିଛି ଦିନ ପରେ ଛାଡିଦେଇଥିଲେ । ଆଉ ଇସ୍କନ ସହ ଯୋଡି ହୋଇ ଯାଇଥିଲେ । ଆଉ ଏବେ ସେ ଦେଶର ଜଣେ ମୋଟିଭେସନାଲ ସ୍ପିକର ଭାବରେ ବେଶ ଜଣାଶୁଣା ।

ସ୍ୱାମୀ ମୁକୁନ୍ଦାନନ୍ଦ । ଆଇଆଇଟି ଦିଲ୍ଲୀରୁ ସ୍ନାତକ ଓ ବିଜନେସ ଡିଗ୍ରୀଧାରୀ । ଆଧ୍ୟାତ୍ମିକ ପ୍ରେମରେ ପଡି ଛାଡିଦେଇଥିଲେ କର୍ପୋରେଟ ଚାକିରି । ଆଉ ନିର୍ମାଣ କରିଥିଲେ ଆଶ୍ରମ । ଆଉ ଏବେ ନିଜର ସଂଗଠନ ମାଧ୍ୟମରେ ଅନ୍ୟମାନଙ୍କୁ ଆଧ୍ୟାତ୍ମିକ ଯାତ୍ରା ଉପରେ ମାର୍ଗଦର୍ଶନ କରାଉଛନ୍ତି । ଯୋଗ, ମେଡିଟେସନ ଓ ବଞ୍ଚିବାର ଦୃଷ୍ଟିକୋଣ ଶିଖାଉଛନ୍ତି।

କୋଟି କୋଟି ଟଙ୍କାର ଚାକିରି ଛାଡି ସନ୍ୟାସ ଜୀବନ ଆପଣାଇଥିବା ଆଉ ଜଣେ ଇଞ୍ଜିନିୟର ହେଉଛନ୍ତି ରସନାଥ ଦାସ । ସେ ଆଇଆଇଟି ଦିଲ୍ଲୀରୁ କଂପ୍ୟୁଟର ସାଇନ୍ସରେ ଗ୍ରାଜୁଏଟ । ଆମେରିକାର ୟୁନିଭରସିଟିରୁ ଏମବିଏ ବି ପଢିଛନ୍ତି । ଏହା ପରେ କିଛି ଦିନ ସେ ଉଚ୍ଚ ଦରମାରେ ଚାକିରି ବି କରୁଥିଲେ । ହେଲେ ଅଚାନକ ତାଙ୍କ ମନ ବଦଳି ଯାଇଥିଲା । ଚାକିରି ଛାଡି ଇସ୍କନ ସହ ଯୋଡି ହୋଇଯାଇଥିଲେ । ଆଉ ଆଧ୍ୟାତ୍ମିକ ମାର୍ଗରେ ଆସିଯାଇଥିଲେ । ଆଉ ନିଜର ଏକ ସଂସ୍ଥା କରିଥିଲେ । ଯେଉଁଠି ଲୋକଙ୍କୁ ଆଧ୍ୟାତ୍ମିକ ମାର୍ଗରେ ଯିବାକୁ ଶିକ୍ଷା ଦିଆଯାଉଛି।

ସନ୍ଦୀପ କୁମାର ଭଟ୍ଟ । ଆଇଆଇଟି ଦିଲ୍ଲୀରୁ ଇଞ୍ଜିନିୟରିଂ କରିଛନ୍ତି । ୨୦୦୨ରେ ସେ ପାଇଥିଲେ ଗୋଲ୍ଡ ମେଡାଲ । ଏମଟେକ ପରେ ଲକ୍ଷାଧିକ ଟଙ୍କାର ଚାକିରି ବି କରିଥିଲେ । ହେଲେ ହଠାତ ମାତ୍ର ୨୮ ବର୍ଷ ବୟସରେ ସନ୍ୟାସର ରାସ୍ତା ବାଛିନେଇଥିଲେ । କେବଳ ଏତିକି ନୁହେଁ ସନ୍ୟାସ ହେବା ପରେ ନିଜ ନାଁ ବଦଳାଇ ଦେଇଥିଲେ ଆଉ ରଖିଥିଲେ ସ୍ୱାମୀ ସୁନ୍ଦର ଗୋପାଳ ଦାସ । ସବୁଠୁ ନିଆରା ଚଳିତ ବର୍ଷର ମହାକୁମ୍ଭ ମେଳା । କାହିଁକି ନା ସୋସିଆଲ ମିଡିଆ ଓ ଇଣ୍ଟରନେଟରେ ଲଗାତାର ଟ୍ରେଣ୍ଡ କରୁଛି । ଏଥର ଦୀର୍ଘ ୧୪୪ ବର୍ଷ ପରେ ପୂର୍ଣ୍ଣ ମହାକୁମ୍ଭ ପାଳିତ ହେଉଥିବାରୁ ପୂର୍ବାପେକ୍ଷା ଅଧିକ ସଂଖ୍ୟକ ସନ୍ଥ ଓ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳୁଛି ।

# ପାତ୍ରପଡ଼ା ଭଗବାନପୁର ପ୍ରିମିଅର ଲିଗ୍ ଉଦ୍ଯାପିତ



ଭୁବନେଶ୍ୱର, ୧୯।୧ (ସବ୍ୟୁ): ପାତ୍ରପଡ଼ା ଭଗବାନପୁର ପ୍ରିମିଅର ଲିଗ୍‌ର ଚତୁର୍ଥ ସଂସ୍କରଣ ଉଦ୍ଯାପିତ ହୋଇଯାଇଛି । ବଡ଼ ବାଲୁଙ୍କେଶ୍ୱର ଦଳ ଚାମ୍ପିଅନ ହୋଇଥିବାବେଳେ ସୁପରକିଙ୍ଗସ୍ ରନର୍ସ ଅପ୍ ହୋଇଛି । ଚାମ୍ପିଅନ ବାଲୁଙ୍କେଶ୍ୱର ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଏବଂ ରନର୍ସଅପ୍ ସୁପରକିଙ୍ଗ୍ସକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି ।

ଏହି ପ୍ରତିଯୋଗିତାରେ ମୋଟ ୭ଟି ଦଳ ଅଂଶଗ୍ରହଣ କରିଥିଲେ । ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଗତ ୧୯ ତାରିଖରେ ଶେଷ ହୋଇଛି । ରବିବାର ଫାଇନାଲ ମ୍ୟାଚ୍ ବାବା ବାଲୁଙ୍କେଶ୍ୱର ଷ୍ଟ୍ରାଇକର ବ୍ୟାଟିଂ କରି ୧୫ ଓଭରରେ ୫ଓ୍ୱିକେଟ ହରାଇ ୧୩୬ ରନ କରିଥିଲା ।

ଜବାବରେ ସୁପରକିଙ୍ଗ୍ ୧୫ ଓଭରରେ ୮ ଓ୍ୱିକେଟ ହରାଇ ୯୩ ରନ କରିବାକୁ ସକ୍ଷମ ହୋଇଥିଲା । ଇକ୍‌ବାଲ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ବିଧାୟକ ବାବୁ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣି, ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ସତ୍ୟନାରାୟଣ ମହାନ୍ତି, ରବୀନ୍ଦ୍ର ନାଥ ସାହୁ, ହୃଦୟ ବଲ୍ଲଭ ପାଟଶାଣି, ଚିନ୍ମୟ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍କଳ ଓପନ ଟେନିସ: ଅମୃତଜୟଙ୍କୁ ଦ୍ୱିମୁକୁଟ



ଭୁବନେଶ୍ୱର, ୧୯।୧ (ସବ୍ୟୁ): ଟପ୍‌ସିଡ୍ ଅମୃତ ଜୟ ମହାନ୍ତି ୧୧ତମ ଉତ୍କଳ ଓପନ ଟେନିସ୍ ଚାମ୍ପିଅନସିପ୍‌ରେ ଦ୍ୱିମୁକୁଟର ଅଧିକାରୀ ହୋଇଛନ୍ତି । ଅମୃତଜୟ ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଛି । କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଅମୃତଜୟ ୬-୦, ୬-୧ ସେଟ୍‌ରେ ଅଂଶୁମାନ ସିଂହଙ୍କୁ ହରାଇ ଚାମ୍ପିଅନ୍ସ ହୋଇଥିଲେ ।

ସେହିଭଳି ଡବଲ୍ସରେ ଅମୃତ ଜୟ ଓ ଶୁଭ୍ରନୀଲ ବର୍ମନ ୬-୨, ୬-୨ ସେଟ୍‌ରେ ଚିନ୍ମୟ ପ୍ରଧାନ ଓ ଅଂଶୁ ଭୂୟାଁଙ୍କୁ ହରାଇଥିଲେ । ଏତଦ୍ ବ୍ୟତୀତ ପ୍ରକାଶ ମିଶ୍ର ଓ ସଞ୍ଜୀବ ମାର୍ଗିକଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆଓ୍ୱାର୍ଡ ପ୍ରଦାନ କରାଯାଇଥିଲା । ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବନା ସମ୍ମାନ ଅଶୋକ ଦାସଙ୍କୁ, ବେଷ୍ଟ ଡ୍ରେସ୍‌ଡ୍ ପୁରସ୍କାର ଆଦିତ୍ୟ ଶତପଥି ଏବଂ ସଂରଚନା ଦାସଙ୍କୁ ଇମର୍ଜିଂ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପ୍ରଦାନ କରାଯାଇଥିଲା । ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

# ଖୋ ଖୋ ବିଶ୍ୱକପ

# ଭାରତୀୟ ପୁରୁଷ, ମହିଳା ଚାମ୍ପିଅନ

ନୂଆଦିଲ୍ଲୀ, ୧୯।୧ (ଏଜେନ୍ସି): ଖୋ ଖୋ ବିଶ୍ୱକପର ପ୍ରଥମ ସଂସ୍କରଣରେ ଭାରତକୁ ଡବଲ ଖୁସି ମିଳିଛି । ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ଚାମ୍ପିଅନ ହୋଇଛନ୍ତି । ଫାଇନାଲରେ ପୁରୁଷ ଦଳ ୫୪-୩୬ ବ୍ୟବଧାନରେ ନେପାଳକୁ ଧରାଶାୟୀ କରିଥିଲା । ସେହିଭଳି ମହିଳା ଦଳ ନେପାଳକୁ ୭୮-୪୦ ବ୍ୟବଧାନରେ ଧରାଶାୟୀ କରି ଚାମ୍ପିଅନ ହୋଇଛି ।

ଉଭୟ ଗ୍ରୁପ୍ ଓ ନକ୍‌ଆଉଟ ପର୍ଯ୍ୟାୟରେ ଭାରତୀୟ ମହିଳା ଉଚ୍ଚକୋଟିର ପ୍ରଦର୍ଶନ ସହ ଅପରାଜେୟ ରହି ଇତିହାସ ରଚିଛି । ରବିବାର ଫାଇନାଲ ମୁକାବିଲାରେ ନେପାଳକୁ ଭେଟିଥିଲା ଭାରତ । ଉଭୟ ଦଳର ପ୍ରଦର୍ଶନ ଗ୍ରୁପ ପର୍ଯ୍ୟାୟରୁ ସେମିଫାଇନାଲ ପର୍ଯ୍ୟନ୍ତ ଉଚ୍ଚକୋଟିର ଥିବାରୁ ଫାଇନାଲ ମ୍ୟାଚ୍ ମଧ୍ୟ କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିଲା । କିନ୍ତୁ ନେପାଳର ପ୍ରଦର୍ଶନକୁ ଫିକା କରିଥିଲେ ଭାରତର ତିନି ଡିଫେଣ୍ଡର ସରସ୍ୱତୀ, ପୂଜା ଓ ଦୀପା । ନେପାଳର ପୂନମ୍, ନିଶା ଓ ମନମତି ବେଶ୍ କିଛି ସମୟ ପାଇଁ ଭାରତୀୟଙ୍କ ଉପରେ ଭାରି ପଡ଼ିଥିଲେ । ଏହାସତ୍ତ୍ୱେ ପ୍ରଥମ ଟର୍ଣ୍ଣରେ ଭାରତ ୩୪-୦ରେ ଆଗରେ ରହିଥିଲା । ଶେଷ ପର୍ଯ୍ୟନ୍ତ ଭାରତ ପ୍ରାଧାନ୍ୟ ବିସ୍ତାର କରି ୭୮-୪୦ ବ୍ୟବଧାନରେ ନେପାଳକୁ ଧରାଶାୟୀ କରିବାରେ ସକ୍ଷମ ହୋଇଛି ।

ପ୍ରଥମ ଖୋ ଖୋ ବିଶ୍ୱକପରେ ଭାରତୀୟ ମହିଳା ଦଳ ଚାମ୍ପିଅନ ହୋଇ ଇତିହାସ ରଚିଛି । ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଷ୍ଟାଡିୟମରେ ଅନୁଷ୍ଠିତ ଏହି ବିଶ୍ୱକପ ଆୟୋଜକ ଦଳ ପାଇଁ ସଦା ସ୍ମରଣୀୟ ହୋଇ ରହିବ । ନିକଟରେ ଓଡ଼ିଶା ସରକାର ଭାରତୀୟ ଖୋ ଖୋ ଦଳର ସ୍ପନସର ହୋଇଥିଲେ । ୨୦୨୫ ଜାନୁଆରୀ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ଓଡ଼ିଶା ସରକାର ଖୋ ଖୋ ଦଳକୁ ବାର୍ଷିକ ୫ କୋଟି ହିସାବରେ ସମୁଦାୟ ୧୫ କୋଟି ଟଙ୍କା ପ୍ରଦାନ କରିବେ ।

## କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଶୁଭେଚ୍ଛା

ପ୍ରଥମ ଖୋ ଖୋ ବିଶ୍ୱକପ ଟାଇଟଲ ହାସଲ କରିଥିବା ଭାରତୀୟ ପୁରୁଷ ଓ ମହିଳା ଦଳକୁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଭାରତୀୟ ମହିଳା ଦଳର ସମସ୍ତ କ୍ରୀଡ଼ାବିତ ବିଶ୍ୱ ମଞ୍ଚରେ ଆମ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଆଜିର ଏହି ଐତିହାସିକ ବିଜୟ ଦେଶର ଲକ୍ଷ ଲକ୍ଷ ଯୁବା ମହିଳା କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ପ୍ରଦାନ କରିବ ବୋଲି କ୍ରୀଡ଼ାମନ୍ତ୍ରୀ ମତପ୍ରକାଶ କରିଛନ୍ତି ।




# ନାଖରା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଆର୍‌ଜିଏସ ୧୧ ଚାମ୍ପିଅନ

ବେତନଟୀ, ୧୯।୧ (ସବ୍ୟୁ) : ବେତନଟୀ ବ୍ଲକ ବୈଶିଙ୍ଗା ଥାନା ପାଟଳିପୁରା ଗ୍ରା.ପ. ନାଖରାଠାରେ ତ୍ରିଦିବସୀୟ ମା କେନ୍ଦୁବାସୁଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଆୟୋଜକ କମିଟିର ସମ୍ପାଦକ ପ୍ରଭାସ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଳିପୁରା ସରପଞ୍ଚ ମମତା ନାୟକ, ସମ୍ମାନିତ ଅତିଥି ଭାବେ ଆୟୋଜକ କମିଟିର ସଭାପତି ଗଙ୍ଗାଧର ଦାସ, ସଦସ୍ୟ ପ୍ରଦୀପ କୁମାର ଜେନା ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ଏହି ତ୍ରିଦିବସୀୟ ଟୁର୍ଣ୍ଣାମେଣ୍ଟରେ ୮ଟି କ୍ରିକେଟ ଦଳ ସାମିଲ ହୋଇଥିଲେ । ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନନୀୟ ଅତିଥି ଭାବେ ବିଜେପି ୩୬ନଂ ଜୋନ ମଣ୍ଡଳ ସଭାପତି ରାଜୀବ ନନ୍ଦୀ ଯୋଗ ଦେଇ ବିଜେତା ଦଳ ଆର୍‌ଜିଏସ ୧୧କୁ ୯ ହଜାର ଟଙ୍କା ଓ ରନର୍ସ ଅପ୍ ଭାବେ ପାଟଳିପୁରାକୁ ୭ହଜାର ୫ଶହ ଟଙ୍କା ନଗଦ ରାଶି ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତପନ ବେହେରା, କୃଷ୍ଣଚନ୍ଦ୍ର ଦାସ, ସତ୍ୟଜିତ ମହାଳିକ, ଛତିଶ ମଣ୍ଡଳ ଓ ଅନ୍ୟମାନେ ସହଯୋଗ କରିଥିଲେ । ସର୍ବଶେଷରେ ଲିୟନ୍ କୁମାର ଖଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟି-୨୦ କ୍ରିକେଟ : ମେଣ୍ଢାଶାଳ ଚାମ୍ପିଅନ

ଖଣ୍ଡପଡା, ୧୯।୧ (ସବ୍ୟୁ): ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୁଲ୍ୟରେ ସ୍ଥାନୀୟ ବଡ଼ ପଡ଼ିଆରେ ଚାଲିଥିବା ୨ୟ ଟି-୨୦ ଖଳିସାହି କପ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଉଦ୍ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ମେଣ୍ଢାଶାଳ କ୍ରିକେଟ କ୍ଲବ ୨୧ ରନରେ ପାୱାରକିଙ୍ଗ କ୍ରିକେଟ କ୍ଲବ ବାଙ୍କୀକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ମେଣ୍ଢାଶାଳ ଟିମ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ହରାଇ ୧୯୮ ରନ ସଂଗ୍ରହ କରିଥିଲା । ଜବାବରେ ବାଙ୍କୀ ଟିମ ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୭୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର ରାକେଶ ସାହୁ ବ୍ୟକ୍ତିଗତ ୨୭ଟି ବଲରେ ୩ଟି ଚୌକା ଓ ୫ଟି ଛକା ସହାୟତାରେ ୫୭ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଓ ଅର୍ଥରାଶି ପୁରସ୍କାର ବାବଦରେ ଗ୍ରହଣ କରିଥିଲେ । ସେହିପରି ବାଙ୍କୀ ଦଳର ଶୁଶାନ୍ତ ସାହାଣୀ ବେଷ୍ଟ ବୋଲର ଏବଂ ସାଗର ବେହେରା ଟୁର୍ଣ୍ଣାମେଂଟ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଅତିଥିଙ୍କ ଠାରୁ ଟ୍ରଫି ଓ ଅର୍ଥରାଶି ଗ୍ରହଣ କରିଥିଲେ । ରବି ନାରାୟଣ ମିଶ୍ର ଓ ଦୀପକ ସାହୁ ଖେଳକୁ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ଚରଣ ସେଠୀ, ଶ୍ରୀନିବାସ ଦଳେଇ ଓ ଦେବାଶିଷ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଶରତ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।

# ସର୍ବଭାରତୀୟ ପାଟଣା କପ୍ କ୍ରିକେଟ

# କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳ ଚାମ୍ପିଅନ




ପାଟଣାଗଡ, ୧୯।୧ (ସବ୍ୟୁ) ପାଟଣାଗଡ଼ ରମାଇଁ ହାଇସ୍କୁଲ ଖେଳ ପଡ଼ିଆ ଠାରେ ସର୍ବ ଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ରାଞ୍ଚି ସେରସା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଟକ ରାଇଜିଂ ଷ୍ଟୁଡେଣ୍ଟ୍ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୮ ଓଭର ୧ ବଲରେ ସମସ୍ତ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ରାଞ୍ଚି ସେରସା ଦଳ ୨୪ ଓଭର ୧ ଲରେ ସମସ୍ତ ଉଇକେଟ ହରାଇ ୧୩୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ଆଧାପକ ସନ୍ତୋଷ ନାୟାର ଓ ଜେମିନ ଚିରଗୁନ ଧାରା ବିବରଣି ପ୍ରଦାନ କରିଥିବା ବେଳେ ଅଂଶୁମାନ ମିଶ୍ର ଓ ଜଗପତି ନାୟକ ସ୍କୋର ଦାୟିତ୍ୱରେ ଥିଲେ । ସତ୍ୟ ରଥ ଓ ପୃଥ୍ୱିରାଜ ମିଶ୍ର ଖେଳ ପରିଚାଳନା କରିଥିଲେ ।

ଆଜିର ମ୍ୟାଚରେ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ୍ ଦଳର ଆଦିତ୍ୟ ରାଉତ ମ୍ୟାନ ଅଫଦ ମ୍ୟାଚ ପାଇଥିବା ବେଳେ ରାଞ୍ଚି ସେରସା ଦଳର ଉତ୍କର୍ଷ ମ୍ୟାନ ଅଫଦି ସିରିଚ ବିବେଚିତ ହୋଇଥିଲେ । ଆଜିର ମୁଖ୍ୟ ଅତିଥି ଭାବେ ମେୱାର ଯୁବରାଜ ଲକ୍ଷ୍ୟରାଜ ସିଂ ଓ ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ , ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର,ଏସପି ଋଷିକେଶ ଖିଲାରି ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ ମେହେର ଯୋଗଦେଇଥିଲେ । ପାଟଣାଗଡ କ୍ରିକେଟ କ୍ଲବର ରାନା ଚିନ୍ଦା, ଅଲେଖ ପାଣିଗ୍ରାହୀ, ସମିର ପାଣିଗ୍ରାହୀ, ନନ୍ଦନ ଠାକୁର, ପିଙ୍କୁ ବୁଡେକ ସମେତ କ୍ଲବର ଅନ୍ୟାନ୍ୟ ସଦସ୍ୟ ମାନେ ସହଯୋଗରେ ଏହି ଟୁଣ୍ଡାମେଣ୍ଟ ସଫଲ ହୋଇଥିଲା ।

# କଳିଙ୍ଗ କପ୍ କ୍ରିକେଟ୍

# ଇଟାମାଟି ଚାମ୍ପିଅନ

ବୋଲଗଡ, ୧୯।୧ (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାଙ୍ଗ ପଞ୍ଚାୟତ ସଦରସ୍ଥ ଗୋଛାବାରୀ କ୍ରିକେଟ ପଡିଆରେ କଳିଙ୍ଗ ପ୍ରିମିୟର କ୍ରିକେଟ୍ ମ୍ୟାଚର ଉଦ୍ଯାପନ ଦିବସ ବା ଫାଇନାଲ ମ୍ୟାଚରେ ଇଟାମାଟି ଦଳ ଚାମ୍ପିଅନ ହୋଇଛି । ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରି ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚଟି ଇଟାମାଟି ଏବଂ ଭାଲିଆଡିହି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭାଲିଆଡିହି ଦଳ ଟସ ଜିତି କରି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଭାଲିଆଡିହି ଦଳ ନିର୍ଦ୍ଧାରିତ ୧୪.୩ ଓଭରରେ ସମସ୍ତ ଓ୍ୱିକେଟ ହରାଇ ମାତ୍ର ୪୨ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା । ଜବାବରେ ଦୁର୍ଦ୍ଧଶ ଇଟାମାଟି ଦଳ ୮.୧ ଓଭରରେ ୩ ଓ୍ୱିକେଟ ହରାଇ ୪୬ ରନ କରି ସହଜରେ ବିଜୟୀ ହୋଇଥିଲା ।

ଇଟାମାଟି ଦଳର ରାଜାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ ମ୍ୟାନ ଅଫ୍ ଦି ସିରିଜ ସେହି ଦଳର ସୁଶା ବିବେଚିତ ହୋଇ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ । ଏହି ଖେଳକୁ ଅମ୍ପାୟାର ଭାବେ ଶରତ କୁମାର ଚୌଧୁରୀ ଓ ସର୍ବେଶ୍ୱର ସାହୁ ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚରେ ସମ୍ମାନୀତ ଅତିଥି ଭାବେ ବୋଲଗଡ ପଞ୍ଚାୟତ ସମିତିର ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ୨୬ନଂ ଜୋନର ଜିଲ୍ଲା ପରିଷଦ ସୁନନ୍ଦିତା ସାହୁ, ଫାସିଓଦା ସମିତିସଭ୍ୟ ପ୍ରଦୀପ କୁମାର ପ୍ରଧାନ, କଳାଙ୍ଗ ସମିତିସଭ୍ୟ ରଶ୍ମିରଞ୍ଜନ ପ୍ରଧାନ, ସମାଜସେବୀ ପ୍ରଶାନ୍ତ କୁମାର ହୋତା, ପ୍ରସନ୍ନ କୁମାର ମହାପାତ୍ର, ଅର୍ଦ୍ଧେତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ ଏବଂ ପୁରସ୍କୃତ କରିଥିଲେ ।

# ପଟିଆଗଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଦାରୁଠେଙ୍ଗ ଚାମ୍ପିଅନ

ଭୁବନେଶ୍ୱର, ୧୯।୧ (ସବ୍ୟୁ) : ପଟିଆ ଗଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଆତସବାଜି ସହ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଦାରୁଠେଙ୍ଗ, ଅଡାଳିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ପ୍ରଥମେ ବ୍ୟାଟିଂ କରି ଅଡାଳିଆ ୧୮ ଓଭରରେ ୧୧୮ ରନ୍ କରି ଅଲଆଉଟ୍ ହୋଇଥିଲା । ୧୧୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦାରୁଠେଙ୍ଗ ୧୩ ଓଭରରେ ହାସଲ କରିନେଇଥିଲା।

ଚାମ୍ପିଅନ୍ ଦାରୁଠେଙ୍ଗକୁ ୩୦ ହଜାର ଟଙ୍କା ସହ ୬ଫୁଟ ଉଚର ଟ୍ରଫି, ରନର୍ସ ଅଫକୁ ୨୦ ହଜାର ଟଙ୍କା ସହ ୫ଫୁଟ୍ ଉଚର ଟ୍ରଫି । ୩ୟ ସ୍ଥାନ ବରିମୁଣ୍ଡ ଟିମ୍‌କୁ ୫୦୦୦ ଟଙ୍କା, ୪ର୍ଥ ସ୍ଥାନ ଗୋଡା ଟିମ୍ କୁ ୪୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ ଦ ସିରିଜ୍ ଦାରୁଠେଙ୍ଗର ସୂରଜକୁ ବାଇକ୍, ବେଷ୍ଟ ବୋଲର, ବେଷ୍ଟ ବ୍ୟାଟସମ୍ୟାନ, ବେଷ୍ଟ ଫିଲ୍ଡର, ବେଷ୍ଟ ଓ୍ୱିକେଟ କିପରକୁ ଯଥାକ୍ରମେ ଆଣ୍ଡ୍ରଏଡ ଫୋନ ପ୍ରଦାନ କରାଯାଇଥିଲା ।

ମୁଖ୍ୟ ଅତିଥି ଭାବରେ ବିଧାୟକ ଭୁବନେଶ୍ୱର ଉତ୍ତର ସୁଶାନ୍ତ କୁମାର ରାଉତ, ଜିକେ ଗ୍ରୁପ ଡାଇରେକ୍ଟର ଅମରେଶ ପରିଡା, ଚିତ୍ତରଂଜନ ପାତ୍ର, ଯଶୋବନ୍ତ ସାମଲ, ଶ୍ରୀ ଚନ୍ଦନ, ସୁଭ୍ରତ କୁମାର ନାୟକ, ସୂର୍ଯ୍ୟକାନ୍ତ ହରିଚନ୍ଦନ, ପ୍ରକାଶ ଜେନା, ସଂଜୟ କୁମାର ସେଠୀ, ଦିଲ୍ଲୀପ ରାଉତ, ମିଳନ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଗ୍ରାମାଞ୍ଚଳର ସବୁଠାରୁ ବଡ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବାରୁ ପଟିଆଗଡ଼ କ୍ରିକେଟ କ୍ଲବକୁ ସାଧୁବାଦ ଦେଇଥିଲେ ।



# ସେମିରେ ଝାରସୁଗୁଡା, ରାଉରକେଲା

ପାଲଲହଡା, ୧୯।୧ (ସବ୍ୟୁ) : ଗତ ୧୫ ତାରିଖ ଠାରୁ ପାଲଲହଡା ଷ୍ଟାଡିଅମ ପରିସରରେ ଚାଲିଥିବା ପାଲଲହଡା କପ ୨୦୨୫ କ୍ରିକେଟ ଟୁର୍ନାମେଣ୍ଟର ଆଜିର ପଞ୍ଚମ ଦିନଖେଳରେ ପୁଲ ବି'ର ଶେଷ ମ୍ୟାଚ ଆର ଏସ ଏ ରାଉରକେଲା ବନାମ କଟକ ନିମପୁର ଏକାଦଶ ମଧ୍ୟରେ ଅନୁଷ୍ଠିତ ହେଇଥିଲା । ଏଥିରେ କଟକ ନିମପୁର ଏକାଦଶ ଟସ ଜିତି ପ୍ରଥମେ ବାଲିଂ କରିବାର ନିଷ୍ପତି ନେଇ ରାଉରକେଲା ଆର ଏସ ଏ ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୫ ଓଭର ମ୍ୟାଚରେ ରାଉରକେଲା ଆର ଏସ ଏ ଏକାଦଶ ୯ଟି ଓ୍ୱିକେଟ ହରାଇ ୧୯୪ ରନ କରିଥିଲା । ଜବାବରେ କଟକ ନିମପୁର ଏକାଦଶ ୨୫ ଓଭରରେ ୯ ଓ୍ୱିକେଟ ହରାଇ ଆବଶ୍ୟକୀୟ ୧୫୯ରନ କରି ପରାଜିତ ହୋଇଛି । ଶ୍ରେଷ୍ଠ ଖେଳାଳି ଭାବେ ରାଉରକେଲା ଦଳର ସଲିଳ ଖାଁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇ ପୁରସ୍କୃତ ହୋଇଛନ୍ତି । ପୁଲ ବି ର ସେମିଫାଇନାଲ ମ୍ୟାଚ ରାଉରକେଲା -ଝାରସୁଗୁଡା ମଧ୍ୟରେ ହେବ।

# ଓସ୍‌ଜା ବାର୍ଷିକ ପୁରସ୍କାର

# କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶା ବହୁ ଆଗରେ

# ସହିଦ ଜବାରଙ୍କୁ ଲାଇଫ୍ ଟାଇମ୍, ପ୍ରତ୍ୟାଶା ଶ୍ରେଷ୍ଠ କ୍ରୀଡ଼ାବିତ

ଭୁବନେଶ୍ୱର, ୧୯।୧ (ସବ୍ୟୁ) : ବିଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶା କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବହୁ ଆଗକୁ ଯାଇଛି । ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ ସରକାର ବିଶେଷ ଦୃଷ୍ଟି ଦେଉଛନ୍ତି । ଓଡ଼ିଶା ସହ ମୋର ସମ୍ପର୍କ ବହୁ ପୁରୁଣା । କଟକରେ ଆୟୋଜିତ ଜାତୀୟ ଜୁନିଅର ଆଥ୍‌ଲେଟିକ୍ ଚାମ୍ପିଅନସିପ୍‌ରୁ ମୋର କ୍ୟାରିୟର ଆଗକୁ ବଢ଼ିଥିଲା । କଳିଙ୍ଗ ଷ୍ଟାଡିୟମ ଟେନିସ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ପୁରସ୍କାର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅର୍ଜୁନ ପୁରସ୍କାର ବିଜେତା ପୂର୍ବତନ ଆଥ୍‌ଲେଟ ସିନିମୋଲେ ପାଓଲୋସ ଏହି କଥା କହିଥିଲେ । ୨୦୨୪ ବର୍ଷ ପାଇଁ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟବଲ କୋଚ୍ ମହମ୍ମଦ ସହିଦ୍ ଜବାରଙ୍କୁ ଜୀବନବ୍ୟାପୀ ସେବା ଏବଂ ଓଡ଼ିଶା ସନ୍ତରଣର ସଫଳତମ ଖେଳାଳି ପ୍ରତ୍ୟାଶା ରାୟଙ୍କୁ ବର୍ଷର ଶ୍ରେଷ୍ଠ ଖେଳାଳି ଭାବେ ନଗଦ ୨୫ ହଜାର ଟଙ୍କା ଲେଖାଏ, ପ୍ରଶସ୍ତିପତ୍ର, ଉତ୍ତରୀ ଏବଂ ବିଶେଷ ଟ୍ରଫ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଦୀପଙ୍କର ମହାପାତ୍ର (ସିଇଓ ଏଚ୍‌ପିସିଓ), ଚେସ୍ ଗ୍ରାଣ୍ଡମାଷ୍ଟର ସ୍ୱୟଂସ ମିଶ୍ର, ଭେଟେରାନ ହକି କୋଚ୍ ଅମୂଲ୍ୟ ନନ୍ଦ ବିହାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।




ରାଜ୍ୟରେ କ୍ରୀଡ଼ା ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନେଇ ସରକାର ଗୁରୁତ୍ୱ ଦେଇଆସୁଛନ୍ତି । ସେମିତି ଆମ କ୍ରୀଡ଼ାବିତ୍‌ଙ୍କର ଯେପରି କୌଣସି ଅସୁବିଧା ନହୁଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେଉଛନ୍ତି । ଆଗାମୀ ଜାତୀୟ କ୍ରୀଡ଼ାରେ ଆମ ରାଜ୍ୟ ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବ ବୋଲି ମୋର ଆଶା ରହିଥିବା ଏଚ୍‌ପିସିଓ ସିଇଓ ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ । ସେହିଭଳି କୋଚ୍ ଶ୍ରୀ ନନ୍ଦ କହିଥିଲେ କ୍ରୀଡ଼ାର ପ୍ରଚାର, ପ୍ରସାର ଓ ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଓଡ଼ିଶା ହକି ଆଜି ଯେଉଁଠି ବି ପହଞ୍ଚିଛି, ଖେଳାଳିମାନେ ସେତିକି ପରିଶ୍ରମ କରିଛନ୍ତି । ଖେଳାଳିଙ୍କୁ ଉତ୍ସାହିତ କରିବାରେ ଗଣମାଧ୍ୟମ ପ୍ରମୁଖ ଭୂମିକା ନେଇଥାଏ ।

କ୍ରୀଡ଼ା ସାମ୍ବାଦିକମାନେ କେବଳ କ୍ରୀଡ଼ାର ପ୍ରଚାର ଓ ପ୍ରସାର କରନ୍ତି ନାହିଁ ବରଂ ଜଣେ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରନ୍ତି । ମୋ କ୍ଷେତ୍ରରେ ମଧ୍ୟ ଏହା ଘଟିଥିଲା । ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ମୋର ପରାମର୍ଶ, କଠିନ ପରିଶ୍ରମ କରନ୍ତୁ ସଫଳତା ନିଶ୍ଚିତ ମିଳିବ ବୋଲି ଗ୍ରାଣ୍ଡମାଷ୍ଟର ସ୍ୱୟଂସ କହିଛନ୍ତି ।

ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଂପାଦକ ସୁରେଶ କୁମାର ସ୍ୱାଇଁ ସଂଘର ଯାତ୍ରା ଓ ଆଗାମୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ । କାର୍ଯ୍ୟକାରୀ ସଭାପତି ସମ୍ବିତ ମହାପାତ୍ର ମଞ୍ଚ ପରିଚାଳନା ଏବଂ କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି। Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି